RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI | ◆VOLUME- 43 ◆ISSUE-97 ◆TUESDAY ◆30 SEPTEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୯୭ ◆ମଙ୍ଗଳବାର ◆୩୦ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ଯାଜପୁର ଜିଲ୍ଲା ବିଞ୍ଝାରପୁର ଅଞ୍ଚଳରେ ମା'ଙ୍କ ଆବାହନ

### ୨୦୨୮ ସୁଦ୍ଧା ସମ୍ପୂର୍ଣ୍ଣ ଲାଗୁ ହେବ ୮ମ ବେତନ ଆୟୋଗ

## ମୂଳ ଦରମା ୧୮ରୁ ୪୪ ହଜାର ହେବ

■ **ନୂଆଦିଲ୍ଲୀ, ୨୯।୯ (ଏଜେନ୍ସି):** ୨୦୨୬ ଜାନୁଆରୀରୁ ଲାଗୁ ହୋଇପାରେ ଅଷ୍ଟମ ବେତନ ଆୟୋଗର ସୁପାରିସ। ତେବେ ଏଥିପାଇଁ ୨୦୨୮ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ତେବେ ସରକାରୀ ଭାବେ ଏପର୍ଯ୍ୟନ୍ତ କିଛି କୁହାଯାଇ ନାହିଁ। କେନ୍ଦ୍ର କ୍ୟାବିନେଟ ଏହାକୁ ଚଳିତବର୍ଷ ଜାନୁଆରୀରେ ମଞ୍ଜୁରୀ ଦେଇଥିଲା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଏ ସମ୍ପର୍କରେ ନା କୌଣସି ସରକାରୀ ବିଜ୍ଞପ୍ତି ଜାରି କରାଯାଇଛି, ନା ଏହାର ସନ୍ଦର୍ଭ ସର୍ତ୍ତାବଳୀ ଚୂଡ଼ାନ୍ତ ହୋଇଛି। ଏମିତିକି ୮ମ ବେତନ ଆୟୋଗରେ ନିଯୁକ୍ତ ହେବାକୁ ଥିବା ସଦସ୍ୟଙ୍କ ତାଲିକା ମଧ୍ୟ ଏ ପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ



ତେନ କମିସନ ସୁପାରିସ କାର୍ଯ୍ୟକାରୀ ହେଲେ କର୍ମଚାରୀମାନେ ଦୁଇ ବର୍ଷର ବକେୟା ପାଇବେ। ନୂତନ ବେତନ କମିସନ ସୁପାରିସ କାର୍ଯ୍ୟକାରୀ ହେବା ଦ୍ୱାରା ୫୦ ଲକ୍ଷରୁ ଅଧିକ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପ୍ରାୟ ୬.୫ଲକ୍ଷ ପେନସନଭୋଗୀ ଉପକୃତ ହେବେ। ଏହାସହିତ ଲେବଲ-୧ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ମୂଳ ଦରମା ୧୮,୦୦୦ ରୁ ୪୪,୦୦୦ ଟଙ୍କାକୁ ବୃଦ୍ଧି ପାଇପାରେ। ଏଥିରେ ଆୟୋଗ ୨.୪୬ ର ଫିଟମେଣ୍ଟ ଫ୍ୟାକ୍ଟର ଲାଗୁ କରିପାରନ୍ତି।

୮ମ ବେତନ ଆୟୋଗ ଅନୁଯାୟୀ ଧାର୍ଯ୍ୟ ମୂଳ ଦରମା ଫିଟ୍‌ମେଣ୍ଟ ଫ୍ୟାକ୍ଟର ଏବଂ ଡିଏ ମିଶ୍ରଣ ଉପରେ ନିର୍ଭର କରେ। ୭ମ ବେତନ ଆୟୋଗରେ ଫିଟମେଣ୍ଟ ଫ୍ୟାକ୍ଟର ୨.୫୭ ଥିଲା। ୮ମରେ ଏହା ୨.୪୬ ହୋଇପାରେ। ପ୍ରତ୍ୟେକ ବେତନ ଆୟୋଗରେ ଡିଏ ଶୂନ୍ୟରୁ ଆରମ୍ଭ ହୁଏ। କାରଣ ନୂଆ ମୂଳ ଦରମା ପୂର୍ବରୁ ହିଁ ମୁଦ୍ରାସ୍ଫୀତିକୁ ନଜରରେ ରଖି ପ୍ରସ୍ତୁତ କରାଯାଇଥାଏ। ଏହାପରେ ଡିଏ ଧୀରେ ଧୀରେ ପୁଣି ▶ପୃଷ୍ଠା-୭

## ଆଜି ସୃଷ୍ଟିହେବ ଘୂର୍ଣ୍ଣିବଳୟ

■ **ଭୁବନେଶ୍ୱର, ୨୯।୯ (ସମିସ):** ମଙ୍ଗଳବାର ଉତ୍ତର ଆଣ୍ଡାମାନସାଗର ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ଦକ୍ଷିଣ ଚାଇନା ସାଗରରୁ ଏହା ଆଣ୍ଡାମାନ ସାଗରକୁ ପ୍ରବେଶ କରିବ। ଏହା ପ୍ରଭାବରେ ଉତ୍ତର ପାର୍ଶ୍ୱବର୍ତ୍ତୀ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ୧ତାରିଖ ବେଳକୁ ଏକ ନୂତନ ଲଘୁଚାପ ସୃଷ୍ଟି ହେବ। ଏହାଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନରେ ପୁଣି ବର୍ଷାର ପରିମାଣ ବଢ଼ିପାରେ। ମଙ୍ଗଳବାର ଅର୍ଥାତ୍ ଅଷ୍ଟମୀରେ ଉପକୂଳବର୍ତ୍ତୀ ଜିଲ୍ଲାର କିଛି ସ୍ଥାନରେ ବର୍ଷା ହେବାକୁ ଥିବା ବେଳେ ନବମୀ ଓ ଦଶମୀ ବର୍ଷା ଯୋଗୁଁ ଅନେକ ସ୍ଥାନରେ ପ୍ରଭାବିତ ହେବାର ଆଶଙ୍କା ରହିଛି।

**ଆସନ୍ତାକାଲି ୨୦ ଜିଲ୍ଲାକୁ ବର୍ଷା ସତର୍କତା ଜାରି**

**ଅକ୍ଟୋବର ୧ରେ ଆସୁଛି ଆଉ ଏକ ଲଘୁଚାପ**

**୩ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବା ମନା**

ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ମଙ୍ଗଳବାର ଗଜପତି, ଗଞ୍ଜାମ, ମାଲକାନଗିରି, କୋରାପୁଟ, ▶ପୃଷ୍ଠା-୭

### ରାଜ୍ୟ କ୍ୟାବିନେଟରେ ୪ ପ୍ରସ୍ତାବକୁ ମୋହର

## ଦିନକୁ ୧୦ ଘଣ୍ଟା କାମ କରିବେ ଘରୋଇ କର୍ମଚାରୀ

■ **ଭୁବନେଶ୍ୱର,୨୯।୯(ସମିସ):** ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୪ଟି ପ୍ରସ୍ତାବ ଉପରେ ଲାଗିଛି ମୋହର। କ୍ୟାବିନେଟ୍ ବୈଠକ ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏ ସମ୍ପର୍କରେ ସୂଚନା ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନ,୧୯୫୬ ଓ କାରଖାନା ଆଇନ ୧୯୪୮ରେ କେତେକ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ କରିଛି। ସଂଶୋଧିତ ନିୟମ ଅନୁସାରେ ୨୦ କିମ୍ବା ତହିଁରୁ କର୍ମଚାରୀଙ୍କୁ ନିୟୋଜିତ କରିଥିବା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନରେ କର୍ମଚାରୀଙ୍କ ଦୈନିକ

**ଲିଖିତ ସମ୍ମତି ଦେଇ ରାତିରେ କାମ କରିପାରିବେ ମହିଳା କର୍ମଚାରୀ**

**ପ୍ରତି ପଞ୍ଚାୟତରେ ଗୋଟିଏ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ**

**୨୨୦୦ ଆଦର୍ଶ ବିଦ୍ୟାଳୟ ଲାଗି ୧୨,୦୦୦ କୋଟିର ବ୍ୟୟବରାଦ**

କାର୍ଯ୍ୟନିର୍ଘଣ୍ଟ ୧୦ ଘଣ୍ଟାକୁ ବୃଦ୍ଧି କରାଯାଇଛି। କୌଣସି ପ୍ରତିଷ୍ଠାନରେ କର୍ମଚାରୀଙ୍କ କାର୍ଯ୍ୟପାଳି ଅତି କମରେ ଅଧଘଣ୍ଟାର ବ୍ୟବଧାନ ବିନା ନିରନ୍ତର ୬ ଘଣ୍ଟାରୁ ଅଧିକ ହେବନାହିଁ। ତିନିମାସରେ ଓଭର ଟାଇମ କାର୍ଯ୍ୟସୀମା ୧୪୪ ଘଣ୍ଟାକୁ ବୃଦ୍ଧି ପାଇଥିବା ବେଳେ କୌଣସି ପ୍ରତିଷ୍ଠାନରେ ଜଣେ କର୍ମଚାରୀ କୌଣସି ଦିନରେ ୧୦ ଘଣ୍ଟାରୁ ଅଧିକ କିମ୍ବା କୌଣସି ସପ୍ତାହରେ ୪୮ ଘଣ୍ଟାରୁ ଅଧିକ କାର୍ଯ୍ୟ କଲେ ସେ ଓଭରଟାଇମ କାର୍ଯ୍ୟ ବାବଦକୁ ସାଧାରଣ ମଜୁରି ହାରର ଦ୍ୱିଗୁଣିତ ମଜୁରି ପାଇବାକୁ ହକଦାର ହେବେ। ପ୍ରତିଷ୍ଠାନ ଗୁଡିକ ଦିନରାତି ୨୪ ଘଣ୍ଟା ଏବଂ ବର୍ଷକୁ ୩୬୫ ଦିନ ଖୋଲା ରହି ପାରିବ। ସେହିପରି ଭାବେ ରାତିରେ ମହିଳା କର୍ମଚାରୀଙ୍କ କାର୍ଯ୍ୟ ଉପରେ ପ୍ରତିବନ୍ଧକ ହଟିବ। ମହିଳା କର୍ମଚାରୀମାନଙ୍କୁ ସେମାନଙ୍କ ଲିଖିତ ସମ୍ମତିରେ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଅଧିସୂଚିତ ସର୍ତ୍ତାବଳୀ ଅନୁଯାୟୀ ରାତ୍ରିରେ ▶ପୃଷ୍ଠା-୭

## ଶିରୀଶ ମୁର୍ମୁ ଆର୍‌ବିଆଇର ଡେପୁଟୀ ଗଭର୍ଣ୍ଣର ନିଯୁକ୍ତ

■ **ଭୁବନେଶ୍ୱର / ବାରିପଦା, ୨୯।୯ (ସମିସ):** ମୟୂରଭଞ୍ଜ ବେତନଟୀ ମାଟିର ସୁଯୋଗ୍ୟ ସନ୍ତାନ ତଥା ଭାରତର ପୂର୍ବତନ ସିଏଜି ଏବଂ ଜମ୍ମୁ-କଶ୍ମୀରର ପ୍ରଥମ ଲେଫ୍ଟନାଣ୍ଟ ଗଭର୍ଣ୍ଣର ଗିରୀଶ ଚନ୍ଦ୍ର ମୁର୍ମୁଙ୍କ ସାନଭାଇ ଶିରୀଶ ଚନ୍ଦ୍ର ମୁର୍ମୁଙ୍କୁ କେନ୍ଦ୍ର ସରକାର ରିଜର୍ଭ ବ୍ୟାଙ୍କର ଡେପୁଟୀ ଗଭର୍ଣ୍ଣର ଭାବେ ନିଯୁକ୍ତି ଦେଇଛନ୍ତି। ବର୍ତ୍ତମାନ ରିଜର୍ଭ ବ୍ୟାଙ୍କର ଡେପୁଟୀ ଗଭର୍ଣ୍ଣର ଥିବା ନାଗେଶ୍ୱର ରାଓ ଆସନ୍ତା ୮ ତାରିଖରେ ଅବସର ନେଉଥିବା ବେଳେ ୯ ତାରିଖରୁ ଶିରୀଶ ଚନ୍ଦ୍ର ମୁର୍ମୁ ତାଙ୍କ ସ୍ଥାନରେ ଯୋଗଦେବେ। ସେ ଆର୍‌ବିଆଇର ଡେପୁଟୀ ଗଭର୍ଣ୍ଣର ଭାବେ ଆସନ୍ତା ୩ବର୍ଷ ପାଇଁ ଦାୟିତ୍ୱ ସମ୍ପାଦନ କରିବେ।



୧୯୮୩ ମସିହାରେ ସୁନ୍ଦରଗଡ଼ ଜିଲ୍ଲା ରାଉରକେଲା ଉପକଣ୍ଠ ଗଣ୍ଡମୁଣ୍ଡାରୁ ମାଟ୍ରିକ ପାସ କରିଥିବା ଶିରୀଶ ବାରିପଦା ଏମପିସି କଲେଜରୁ ଯୁକ୍ତ ଦୁଇ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ନୂଆଦିଲ୍ଲୀସ୍ଥିତ ଜେଏନୟୁରୁ ସ୍ନାତକ ଓ ସ୍ନାତକୋତ୍ତରରେ ▶ପୃଷ୍ଠା-୭







## ପୂର୍ବତନ ଚୀନ୍ କୃଷିମନ୍ତ୍ରୀଙ୍କୁ ମୃତ୍ୟୁଦଣ୍ଡ

ବେଜିଂ, ୨୯ ।୯ (ଏଜେନ୍ସି): ଚୀନ୍‌ର ଜଣେ ପୂର୍ବତନ କୃଷିମନ୍ତ୍ରୀ ତାଙ୍ଗ ରେଜ ଜିଆନ୍‌ଙ୍କୁ ରବିବାର ଦୁର୍ନୀତି ଅଭିଯୋଗରେ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯାଇଛି । ଚୀନର ସରକାରୀ ଏଜେନ୍ସି ଶିହ୍ନୁଆ ଅନୁସାରେ, ତାଙ୍ଗ୍ ୨୦୦୭ରୁ ୨୦୨୪ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ପଦରେ ରହି ୩୧୭.୩ କୋଟି ଟଙ୍କାରୁ ଅଧିକ ଅର୍ଥ ଲାଞ୍ଚ୍ ନେଇଥିଲେ । ଚୀନ୍‌ର ପୂର୍ବରେ ଥିବା ଜିଲୀନ ପ୍ରଦେଶର ଚାଙ୍ଗଜୁନ୍‌ର ପିପୁଲ୍ସ କୋର୍ଟ ଏହି ଦଣ୍ଡାଦେଶ ଜାରି କରିଛି । ତେବେ ତାଙ୍ଗଙ୍କୁ ଦୁଇବର୍ଷ ଜେଲରେ ରଖାଯିବା ପରେ ତାଙ୍କୁ ଫାସୀ ଦିଆଯିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ତାଙ୍କୁ ସବୁ ପ୍ରକାର ରାଜନୈତିକ ଅଧିକାରରୁ ବଞ୍ଚିତ କରାଯାଇଛି । ଲାଞ୍ଚ ନେଇ ତାଙ୍ଗ୍ ଦେଶ ଓ ତା'ର ନାଗରିକଙ୍କ ସ୍ୱାର୍ଥକୁ ଗମ୍ଭୀର ଭାବେ କ୍ଷତିଗ୍ରସ୍ତ କରିଛନ୍ତି । ତେଣୁ ସେ ମୃତ୍ୟୁଦଣ୍ଡର ହକ୍‌ଦାର ବୋଲି କୋର୍ଟ ତରଫରୁ କୁହାଯାଇଛି । ତାଙ୍ଗ ମଧ୍ୟ ନିଜ ଦୋଷ ସ୍ୱୀକାର କରିବା ସହ ପଶ୍ଚାତାପ କରିଛନ୍ତି ବୋଲି କୋର୍ଟଙ୍କ ତରଫରୁ କୁହାଯାଇଛି ।

## ଦଳାଚକଟା ମୃତ୍ୟୁସଂଖ୍ୟା ୪୧କୁ ବୃଦ୍ଧି

କରୁର, ୨୯ ।୯ (ଏଜେନ୍ସି): ତାମିଲ ଅଭିନେତା ବିଜୟଙ୍କ ପାର୍ଟି ରାଲିରେ ହୋଇଥିବା ଦଳଚକଟା ମାମଲାରେ ମୃତ୍ୟୁ ସଂଖ୍ୟା ୪୧ରେ ପହଞ୍ଚିଛି । ବିଜୟଙ୍କ ରାଜନୈତିକ ପାର୍ଟି ତାମିଲଗା ବେଟ୍ରି କାଝଗମ (ଟିଭିକେ)ର ରାଲି କରୁରରେ ଆୟୋଜିତ ହୋଇଥିଲା । ମୃତକଙ୍କ ମଧ୍ୟରେ ୧୭ ମହିଳା ଓ ୯ ପିଲା ସାମିଲ ଥିଲେ । ଟିଭିକେ ପାର୍ଟି ଏବେ ଘଟଣା ପାଇ ସିବିଆଇ ତଦନ୍ତ ଦାବି କରିଛି । ଇତିମଧ୍ୟରେ ବିଜୟଙ୍କୁ ବୋମା ମାଡ଼ କରି ଉଡାଇଦେବାକୁ ଧମକ ଦିଆଯାଇଛି । ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟର ଏକ ପ୍ରତିନିଧି ଦଳ ଘଟଣା ସ୍ଥଳକୁ ଯିବ ବୋଲି ଘୋଷଣା କରାଯାଇଛି । ଏହି ମାମଲରେ ଦାଏର ହୋଇଥିବା ଏଫ୍‌ଆଇଆରରେ ବିଜୟଙ୍କୁ ହିଁ ଦାୟୀ କରାଯାଇଛି । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କରୁର ଗସ୍ତ କରି ଦଳାଚକଟା ଘଟଣାକୁ ବିଚଳିତ କଲା ଭଳି କହିଛନ୍ତି । ସେ ପୀଡିତଙ୍କ ପରିବାରର ଲୋକଙ୍କୁ ମଧ୍ୟ ଭେଟିଥିଲେ ।

## ୟୁକ୍ରେନ ଉପରେ ୬୦୦ ଡ୍ରୋନ୍, ମିସାଇଲ ମାଡ଼

କିଭ୍, ୨୯ ।୯ (ଏଜେନ୍ସି): ରୁଷ- ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ୩ ବର୍ଷ ପୂରଣ କରବାକୁ ଯାଉଥିଲେ ମଧ୍ୟ ଏହା ଥମିବାର ନାମ ନେଉନାହିଁ । ରବିବାର ରୁଷ୍ ପୁଣିଥରେ ୟୁକ୍ରେନ ଉପରେ ବଡ଼ ଧରଣର ଆକ୍ରମଣ କରିଛି । ରାଜଧାନୀ କିଭ୍ ସମେତ ଏକାଧିକ ସହର ଏହି ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଛି । କିଭ୍‌ରେ ଅତିକମ୍‌ରେ ୪ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୨ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି । ଏହି ଆକ୍ରମଣ ବର୍ବରତାର ସୀମା ପାର କରିଛି ବୋଲି ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେଁସ୍କି କହିଛନ୍ତି । କ୍ରମାଗତ ୧୨ ଘଣ୍ଟା ଧରି ରୁଷ୍ ମିସାଇଲ୍ ଓ ଡ୍ରୋନ ମାଡ଼ ଜାରି ରଖିଥିଲା ।

## ବାଂଲାଦେଶରେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ; ହିଂସାରେ ୩ ମୃତ

ଚିଟାଗଙ୍ଗ୍, ୨୯ ।୯ (ଏଜେନ୍ସି): ବାଂଲାଦେଶରେ ଅଳ୍ପସଂଖ୍ୟାକ ହିନ୍ଦୁଙ୍କ ଉପରେ ଚାଲିଥିବା ଅତ୍ୟାଚାର ଥମିବାର ନା ନେଉନାହିଁ । ଚିଟାଗଙ୍ଗ୍ ହିଲ୍ସରେ ଦୁର୍ଗା ପୂଜା ଚାଲିଥିବା ପୁଣି ଏକ ହିଂସା ଆରମ୍ଭ ହୋଇଛି । ଖଗଡ଼ଚରୀ ଜିଲ୍ଲାରେ ଜଣେ ଆଦିବାସୀ ସ୍କୁଲ ଛାତ୍ରୀ ଗଣଦୁଷ୍କର୍ମ ଶିକାର ହେବା ପରେ ହିଂସା ସୃଷ୍ଟି ହୋଇଛି । ଗଣ ଦୁଷ୍କର୍ମ ବିରୋଧରେ 'ଜୁମା ଷ୍ଟୁଡେଣ୍ଟ ଜନତା' ବ୍ୟାନର ତଳେ ଏହି ବିରୋଧ ପ୍ରଦର୍ଶନ ଉଗ୍ରରୂପ ନେଇଥିଲା । ରବିବାର ଅପରାହ୍ଣ ୧ଟାରେ ଗୁଇମାରା କ୍ଷେତ୍ରରେ ରାମେସୁ ବଜାର ନିକଟରେ ପ୍ରଦର୍ଶନକାରୀ ଓ ସୁରକ୍ଷାବଳ ମଧ୍ୟରେ ସଂଘର୍ଷ ହୋଇଥିଲା । ସୁରକ୍ଷାବଳ ଗୁଳିରେ ୩ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି । କେତେକ ବିକ୍ଷୋଭକାରୀ ବଜାରରେ ନିଆଁ ଲଗାଇ ଦେଇଥିଲେ । ଫଳରେ କେତୋଟି ଦୋକାନ ଜଳି ଯାଇଥିଲା ଓ ଆଖପାଖ ଘର କ୍ଷତିଗ୍ରସ୍ତ ହୋଇଥିଲା ।

## ୨୧ ମହଲାରୁ ଡେଇଁ ଶିକ୍ଷାନବୀଶ ଡାକ୍ତରଙ୍କ ଆତ୍ମହତ୍ୟା

ନୋଏଡ଼ା, ୨୯ ।୯ (ଏଜେନ୍ସି): ଉତ୍ତରପ୍ରଦେଶର ନୋଏଡ଼ାରେ ଜଣେ ଟ୍ରେନୀ ଡାକ୍ତର ୨୧ ମହଲା ଉପରୁ ଡେଇଁ ଆତ୍ମହତ୍ୟା କରିଛନ୍ତି । ଏହି ଡାକ୍ତର ଛାତ୍ର ଜଣକ ହେଉଛନ୍ତି ମଥୁରାରେ ରହୁଥିବା ୨୯ ବର୍ଷୀୟ ଶିବ । ସେ ମାତାପିତାଙ୍କ ସହ ଗୌର ସିଟି-୨ ସ୍ଥିତ ନିଜ ଭଉଣୀଙ୍କ ଘରକୁ ଆସିଥିଲେ । ସୋମବାର ଅପରାହ୍ଣରେ ସେ ବାଲକୋନୀକୁ ଆସି ୨୧ ମହଲା ଉପରେ ଡେଇଁ ପଡ଼ିଥିଲେ । ସୂଚନା ପାଇ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଶିବଙ୍କୁ ହସ୍ପିଟାଲ ନେଇଥିଲା । କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଫ୍ଲାଟ୍‌ରେ କୌଣସି ସୁସାଇଡ ନୋଟ୍ ମିଳିନାହିଁ । ଶିବ ଦିଲ୍ଲୀର ଏକ ଘରୋଇ ମେଡିକାଲ କଲେଜର ୨୦୧୫ ବ୍ୟାଚ୍‌ର ମେଡିକାଲ ଛାତ୍ର । ସେ ୨୦୨୦ରେ କୋଭିଡ୍-୧୯ ମହାମାରୀର ପ୍ରକୋପ ଜାରି ରହିଥିବା ବେଳେ ତାଙ୍କର ମାନସିକ ସ୍ୱାସ୍ଥ୍ୟ ବିଗିଡ଼ି ଯାଇଥିଲା ଓ ସେ ମେଡିକାଲ ଟ୍ରେନିଂକୁ ସ୍ଥଗିତ ରଖିଥିଲେ । ଫଳରେ ସେ ଅବସାଦର ଶିକାର ହୋଇ ମାନସିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ।

## ପତ୍ନୀକୁ ହତ୍ୟା କରି ଆତ୍ମହତ୍ୟା

ବେଙ୍ଗାଲୁରୁ, ୨୯ ।୯ (ଏଜେନ୍ସି): ନିଜ ପତ୍ନୀଙ୍କୁ ହତ୍ୟା କରି ଦୁବାଇରୁ ଫେରିଥିବା ଜଣେ ସ୍ୱାମୀ ଆତ୍ମହତ୍ୟା କରିବାର ଘଟଣା ସାମ୍ନାକୁ ଆସିଛି । ୩୦ ବର୍ଷୀୟ ଧର୍ମଶିଲମ ଦୁବାଇରେ ରାଜମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ । ତାଙ୍କ ୨୭ ବର୍ଷୀୟା ପତ୍ନୀ ମଞ୍ଜୁ ବେଙ୍ଗାଲୁରୁରେ ଏକ ଘରୋଇ ହସ୍ପିଟାଲରେ ନର୍ସ ଭାବେ କାର୍ଯ୍ୟ କରୁଥିଲେ । ୨୦୨୨ରେ ଦୁହେଁ ବିବାହ କରିଥିଲେ ମଧ୍ୟ ସେମାନଙ୍କର କୌଣସି ସନ୍ତାନ ନଥିଲା । ପିତା ପେରିୟାସ୍ୱାମୀ ମଞ୍ଜୁ ଓ ଜ୍ୱାଇଁଙ୍କ ସହ ବେଙ୍ଗାଲୁରୁର ଭଡ଼ା ଘରେ ରହୁଥିଲେ । ରବିବାର ପେରିୟାସ୍ୱାମୀ ଘରକୁ ଫେରିବା ପରେ ରାତି ୯.୩୦ରେ ଝିଅ ଓ ଜ୍ୱାଇଁଙ୍କୁ ମୃତ ଅବସ୍ଥାରେ ଦେଖିଥିଲେ । ମଞ୍ଜୁଙ୍କ ଦେହରେ ଛୁରାମାଡ଼ର କ୍ଷତ ଚିହ୍ନ ସେ ଦେଖିବାକୁ ପାଇଥିଲେ । ସେହିପରି ଜ୍ୱାଇଁ ଧର୍ମଶିଲମ ସିଲିଂ ଫ୍ୟାନ୍‌ରୁ ଫାସୀରେ ଝୁଲୁଥିବାର ସେ ଦେଖିବାକୁ ପାଇଥିଲେ ।

## ପିଓକେରେ ସରକାରବିରୋଧୀ ବିକ୍ଷୋଭ: ୨ ମୃତ

ଇସଲାମାବାଦ୍, ୨୯ ।୯ (ଏଜେନ୍ସି): ଶାହବାଜ ସରିଫ୍ ସରକାରଙ୍କ ବିରୋଧରେ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ)ର ୩ଟି ବଡ଼ ସହରରେ ବିକ୍ଷୋଭ ଆରମ୍ଭ ହୋଇଛି । ପ୍ରଦର୍ଶନକାରୀ ଓ ସୁରକ୍ଷାବଳ ମଧ୍ୟରେ ହୋଇଥିବା ସଂଘର୍ଷରେ ୨ଜଣ ମୃତ୍ୟୁବରଣ କରିଥିବା ବେଳେ ୨୨ ଜଣ ଆହତ ହୋଇଛନ୍ତି । ପିଓକେର ଆୱାମୀ ଆକସନ କମିଟି (ଏଏସି) ଏହି ପ୍ରଦର୍ଶନ ପାଇଁ ଆହ୍ୱାନ ଦେଇଥିଲା । ଏଏସିର ଅପିଲରେ ସୋମବାର ପୁରା ଅଞ୍ଚଳରେ ଦୋକାନ, ବଜାର ଓ ସଡ଼କ ବନ୍ଦ ରହିଥିଲା । ଦରଦାମ ବୃଦ୍ଧି, ବେକାରୀ ଓ



ପାକିସ୍ତାନ ସେନାର ଅତ୍ୟାଚାର ବିରୋଧରେ ଲୋକେ ସଡ଼କକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସୁରକ୍ଷାବଳର ଗାଡ଼ିଗୁଡିକ ଉପରେ ବିକ୍ଷୋଭକାରୀ ଟେକା ପଥର ମାଡ଼ କରିଛନ୍ତି । ପୂର୍ବରୁ କୋଟଲୀରେ ଶନିବାର ବିକ୍ଷୋଭକାରୀଙ୍କ ଉପରକୁ ସୁରକ୍ଷାବଳ ଗୁଳି ଚଳାଇଥିଲା । ଆଗକୁ ଏହି ପ୍ରଦର୍ଶନ ଆହୁରି ଉଗ୍ରରୂପ ଧାରଣ କରିବ ବୋଲି ଆଶା କରାଯାଉଛି । ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଇସଲାମାବାଦ୍‌ରୁ ଅତିରିକ୍ତ ୧, ୦୦୦ ଯବାନଙ୍କୁ ପଠାଯାଇଛି । ଏହି ଅଞ୍ଚଳରେ ପାକିସ୍ତାନ ସରକାର ଇଣ୍ଟରନେଟକୁ ବନ୍ଦ କରିଛି । ଫଳରେ ପ୍ରଦର୍ଶନକାରୀମାନେ ସେନା ବିରୋଧରେ 'ହମ୍ ତୁହ୍ମାରୀ ମତ ହେ'ର ସ୍ଲୋଗାନ ଦେଇଥିଲେ । ଏହି ପ୍ରଦର୍ଶନର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ହଜାର ହଜାର ଲୋକ କୋଟଲୀ, ରାୱଲକୋଟ, ମୁଜାଫରାବାଦ୍‌ରେ ଏକାଠି ହୋଇ ସ୍ୱାଧୀନତାର ଓ ପାକିସ୍ତାନ ସେନା ଫେରିଯାଅ ବୋଲି ସ୍ଲୋଗାନ ଦେଇଥିଲେ । ପ୍ରଦର୍ଶନକୁ ଦୃଷ୍ଟିରେ ରଖି ପିଓକେରେ ସରକାର ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରିଛନ୍ତି । ଏଏସି ସରକାରଙ୍କ ଆଗରେ ୩୮ଟି ଦାବି ଉପସ୍ଥାପନ କରିଛନ୍ତି । ଉଲ୍ଲେଖଥାଉ କି, ଗତ ସପ୍ତାହରେ ପାକିସ୍ତାନ ବାୟୁସେନାର ବୋମା ମାଡ଼ରେ ପିଓକେର ଏକ ଗାଁରେ ୩୦ଜଣ ସାଧାରଣ ଲୋକ ମୃତ୍ୟୁବରଣ କରିଥିଲେ । ଚୀନ୍‌ର ଜେ-୧୭ ଫାଇଟର ଜେଟ୍‌ରୁ ପାକ୍ ବାୟୁସେନା ବୋମା ମାଡ଼ କରିଥିଲା । ଏହାପରେ ପିଓକେରେ ହିଂସା ଓ ବିକ୍ଷୋଭ ଉଗ୍ରରୂପ ଧାରଣ କରିଛି । ପିଓକେରେ ସାମ୍ବାଦିକ ଓ ପର୍ଯ୍ୟଟକ ପ୍ରବେଶକୁ ବାରଣ କରାଯାଇଛି । ପିଓକେରେ ପୂର୍ବରୁ ମଧ୍ୟ ଏହିଭଳି ଏକାଧିକ ପ୍ରଦର୍ଶନ ଦେଖିବାକୁ ମିଳିଛି ।

## ଆମେରିକା ଚର୍ଚ୍ଚରେ ଗୁଳିକାଣ୍ଡ; ଆକ୍ରମଣକାରୀ ସମେତ ୪ ମୃତ

ମିଚିଗାନ୍, ୨୯ ।୯ (ଏଜେନ୍ସି): ଆମେରିକାର ମିଚିଗାନ ରାଜ୍ୟର ଗ୍ରାଣ୍ଡ ବ୍ଲାଙ୍କ ସହରରେ ଏକ ବଡ଼ଧରଣର ଗୁଳିକାଣ୍ଡ ଘଟିଛି । ସହରର ଚର୍ଚ୍ଚରେ ହୋଇଥିବା ଏହି ଗୁଳିକାଣ୍ଡରେ ୪ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୮ ଜଣ ଆହତ ହୋଇଛନ୍ତି । ସନ୍ଦିଗ୍ଧ ଆକ୍ରମଣକାରୀକୁ ମଧ୍ୟ ନିପାତ କରାଯାଇଛି ବୋଲି ପୁଲିସ କହିଛି । ତେଣୁ ଭୟ କରିବାର କୌଣସି କାରଣ ନାହିଁ ବୋଲି



କୁହାଯାଇଛି । ଏହା ଖ୍ରୀଷ୍ଟିଆନ ଧର୍ମ ଉପରେ ଆକ୍ରମଣ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି । ଆକ୍ରମଣକାରୀ ହେଉଛନ୍ତି ୪୦ ବର୍ଷୀୟ ଥମାସ ଜ୍ୟାକବ ସେନଫୋର୍ଡ । ସେନଫୋର୍ଡ ୨୦୦୪ରୁ ୨୦୦୮ ପର୍ଯ୍ୟନ୍ତ ମେରାଇନ୍ କମାଣ୍ଡୋରେ କାର୍ଯ୍ୟ କରିଥିଲେ ଓ ସେ ୫ଟି ମେଡାଲ ମଧ୍ୟ ଜିତିଥିଲେ । ତାଙ୍କ ପୁଅ ଏକ ଭିନ୍ନ ପ୍ରକାର ରୋଗରେ ପୀଡିତ ଥିଲେ ଓ ସେ ଏଥିପାଇଁ ଚାକିରି ଛାଡିଥିଲେ । ସେ ତାଙ୍କ ରାଇଫଲ୍ ଗୁଳି ଚଳାଇ ଏହି କାଣ୍ଡ ଘଟାଇବା ପରେ ଚର୍ଚ୍ଚରେ ନିଆଁ ଲଗାଇ ଦେଇଥିଲେ । ଫଳରେ ସମ୍ପୂର୍ଣ୍ଣ ଚର୍ଚ୍ଚ କ୍ଷତିଗ୍ରସ୍ତ ହୋଇଛି । ଏହି ଚର୍ଚ୍ଚର ନାମ ହେଉଛି 'ଦି ଚର୍ଚ୍ଚ ଅଫ୍ ଜେସସ ଖ୍ରୀଷ୍ଟ ଅଫ୍ ଲାଟର ଡେ ସେଣ୍ଟସ' । ଘଟଣାସ୍ଥଳରୁ ଦୂରେଇ ରହିବାକୁ ଲୋକଙ୍କୁ ପୁଲିସ ନିର୍ଦ୍ଦେଶ ଦେଇଛି । ଉଦ୍ଧାର କାର୍ଯ୍ୟ ଓ ଜରୁରୀକାଳୀନ ସେବା ପ୍ରଭାବିତ ନ ହେବା ପାଇଁ ଏହି ନିର୍ଦ୍ଦେଶ ଜାରି କରାଯାଇଛି । ଆହତ ହୋଇଥିବା କେତେଜଣ ଲୋକଙ୍କ ସ୍ଥିତି ଗମ୍ଭୀର ଅଛି ବୋଲି ପୁଲିସ ତରଫରୁ କୁହାଯାଇଛି । ଘଟଣା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି କୁହାଯାଇଛି । ପୂର୍ବରୁ ଆମେରିକାର ନର୍ଥ କାରିଲୋନାର ସାଉଥପୋର୍ଟରେ ଏକ ରେଷ୍ଟୁରାଣ୍ଟରେ ଶନିବାର ରାତିରେ ହୋଇଥିବା ଗୁଳିକାଣ୍ଡରେ ୩ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୫ ଜଣ ଆହତ ହୋଇଥିଲେ ।

# ଆଲୋଚନାରୁ ଓହରିଲା ଏଲ୍‌ଏବି

### ୱାଙ୍ଗଚୁକ୍‌ଙ୍କୁ ତୁରନ୍ତ ମୁକ୍ତି ଓ ହତ୍ୟା ଘଟଣାର ନ୍ୟାୟିକ ତଦନ୍ତ ଦାବି

ଲେହ, ୨୯ ।୯ (ଏଜେନ୍ସି): ଲଦାଖ ହିଂସାକୁ ନେଇ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ ଲେହ ଆପେକ୍ସ ବଡି (ଏଲଏବି) ବିରୋଧ କରିଛି । ଆସନ୍ତା ୬ ତାରିଖରେ ନୂଆଦିଲ୍ଲୀରେ କେନ୍ଦ୍ର ସରକାରଙ୍କ ସହ ହେବାକୁ ଥିବା ଆଲୋଚନାରୁ ଏହି ସଂଗଠନ ଓହରି ଯାଇଛି । ଗିରଫ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କୁ ତୁରନ୍ତ ମୁକ୍ତି ପାଇଁ ଦାବି କରିଛି । ଜାତୀୟ ସୁରକ୍ଷା ଆଇନ (ଏନଏସଏ) ଅଧିନରେ ୱାଙ୍ଗଚୁକ୍‌ଙ୍କ ଗିରଫ, ରାଜ୍ୟ ମାନ୍ୟତା ଦାବିରେ କରାଯାଇଥିବା ବିକ୍ଷୋଭ ପ୍ରଦର୍ଶନକୁ ଦେଶ ବିରୋଧୀ ଆଖ୍ୟା ଦେବା, ପୁଲିସ ଗୁଳିରେ ଯୁବକଙ୍କ ମୃତ୍ୟୁକୁ ବିରୋଧ କରି ଏହି ପଦକ୍ଷେପ ନିଆଯାଇଛି । ୪ ବିକ୍ଷୋଭକାରୀଙ୍କ ମୃତ୍ୟୁ ମାମଲାର ନ୍ୟାୟିକ ତଦନ୍ତ, ସିଆର୍‌ପିଏଫ ବିରୋଧରେ ମାମଲା ଏବଂ ବିକ୍ଷୋଭକାରୀଙ୍କ ବିରୋଧରୁ କେସ୍ ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ଆଲୋଚନା ହେବନି ବୋଲି ଏଲଏବି ପକ୍ଷରୁ କୁହାଯାଇଛି ।

ଅନ୍ୟପକ୍ଷରେ ହିଂସା ପାଇଁ ଲଦାଖରେ କ୍ରମାଗତ ପଞ୍ଚମ ଦିନ ପାଇଁ ରବିବାର କର୍ଫ୍ୟୁ ବଳବତ୍ତର ରହିଛି । ଚାରିଆଡେ ଶୂନଶାନ । କର୍ଫ୍ୟୁ ଢ଼ିଲା ହେଲେ ଲୋକ ଘରୁ ବାହାରି ଖୋଲାଖୋଲି ଭାବେ ନିଜକଥା ରଖିବେ ବୋଲି ଆଶା କରାଯାଉଥିଲା । ଏଭଳି ହୋଇନାହିଁ । ୱାଙ୍ଗଚୁକଙ୍କ ଗିରଫ ସତ୍ତ୍ୱେ ସାରା ଲଦାଖ ଶାନ୍ତ ରହିଛି । ସେପ୍ଟେମ୍ବର ୨୪ରେ ହୋଇଥିବା ଆନ୍ଦୋଳନ ହିଂସାର ରୂପ ନେଇଥିଲା । ଏଥିରେ ୪ ଯୁବକଙ୍କ ସମେତ ୪୬ ବର୍ଷୀୟ ପୂର୍ବ ସୈନିକ ସେବାଙ୍ଗ ଥାର୍ଚିଙ୍ଗ୍ ମୃତ୍ୟୁବରଣ କରିଥିଲେ । ଥାର୍ଚିଙ୍ଗ୍ କାରଗିଲ ଯୁଦ୍ଧ ଲଢ଼ିଥିଲେ । ସେ ୧୯୯୬ରୁ ୨୦୧୭ ପର୍ଯ୍ୟନ୍ତ ଭାରତୀୟ ସେନାରେ ଜଣେ ହାବିଲଦାର ଭାବେ ନିୟୋଜିତ ଥିଲେ । ରବିବାର ଏହି ୪ ମୃତକଙ୍କ ମଧ୍ୟରୁ ଦୁଇଜଣଙ୍କ ଅନ୍ତିମ ସଂସ୍କାର କରାଯାଇଛି । ଏମାନେ ହେଲେ ଜିଗ୍‌ମେଟ୍ ଦୋର୍ଜେ ଓ ଷ୍ଟାନଜିନ୍ ନାମଗ୍ୟାଲ । କଡ଼ା ସୁରକ୍ଷା ମଧ୍ୟରେ ଏହି ଦୁଇଜଣଙ୍କ ଅନ୍ତେଷ୍ଟି କ୍ରିୟା କରାଯାଇଛି । କେତେକ ସ୍ଥାନୀୟ ଓ ଜାତୀୟ ଗଣମାଧ୍ୟମ ପ୍ରତିନିଧି ଅନ୍ତିମ ସଂସ୍କାରକୁ କଭର କରିବାକୁ ଇଚ୍ଛା ପ୍ରକାଶ କରିଥିଲେ ମଧ୍ୟ ପୁଲିସ ସେମାନଙ୍କୁ ୨୦୦ ମିଟର ପୂର୍ବରୁ ରୋକିଥିଲା । ଇତିମଧ୍ୟରେ ୱାଙ୍ଗଚୁକ୍‌ଙ୍କ ପତ୍ନୀ ଗୀତାଞ୍ଜଳି ସଫେଇ ଦେଇଛନ୍ତି । ସ୍ୱାମୀଙ୍କ ଉପରେ ଆସିଥିବା ସବୁ ଅଭିଯୋଗକୁ ସେ ଭିତ୍ତିହୀନ ଓ ଅମୂଳକ କହିଛନ୍ତି । ୪ ବର୍ଷ ତଳେ ଯେତେବେଳେ ଲଦାଖକୁ କେନ୍ଦ୍ରଶାସିତ ପ୍ରଦେଶରୁ ରାଜ୍ୟର ମାନ୍ୟତା ଓ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦରେ ସାମିଲ କରିବା ନେଇ ଦାବି ହୋଇଥିଲେ ସେତେବେଳଠାରୁ ୱାଙ୍ଗଚୁକ୍ ଟାର୍ଗେଟ୍‌ରେ ଥିଲେ ।



## କାନାଡ଼ାରେ ଲରେନ୍ସର ଖେଳ ଖତମ୍

ଓଟାୱା, ୨୯।୯ (ଏଜେନ୍ସି): ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗଙ୍କୁ କାନାଡ଼ା ସରକାର ଆତଙ୍କବାଦୀ ସଂଗଠନ ଘୋଷଣା କରିଛନ୍ତି । କାନାଡ଼ାର ଜନ ସୁରକ୍ଷା ମନ୍ତ୍ରୀ ଗ୍ୟାରି ଅନନ୍ଦସଙ୍ଗରୀ ଏହି ସୂଚନା ଦେଇଛନ୍ତି । ଏହି ଗ୍ୟାଙ୍ଗ କେବଳ

ଭାରତ ନୁହେଁ, କାନାଡ଼ା ବ୍ୟତୀତ ଅନ୍ୟ ରାଷ୍ଟ୍ରରେ ମଧ୍ୟ ହତ୍ୟା, ବଟି ଆଦାୟ, ଅସ୍ତ୍ରଶସ୍ତ୍ର କାରବାର ଏବଂ ନିଶାଦ୍ରବ୍ୟ ଚାଲାଣରେ ସମ୍ପୃକ୍ତ ରହିଛି । ଗ୍ୟାରି କହିଛନ୍ତି ଯେ କାନାଡ଼ାରେ ହିଂସା ଏବଂ ଆତଙ୍କର କୌଣସି ସ୍ଥାନ ନାହିଁ । କୌଣସି ବିଶେଷ ସମୁଦାୟ ମଧ୍ୟରେ ଭୟର ପରିବେଶ ସୃଷ୍ଟି କରିବାକୁ ଚାହିଁଲେ ବରଦାସ୍ତ କରାଯିବ ନାହିଁ । ଏଥିପାଇଁ ଦେଶର କ୍ରିମିନାଲ କୋଡ ଅନୁଯାୟୀ ଲରେନ୍ସ ଗ୍ୟାଙ୍ଗକୁ ଆତଙ୍କବାଦୀ ସଂଗଠନ ଘୋଷଣା କରାଯାଇଛି । ବିଷ୍ଣୋଇ ଗ୍ୟାଙ୍ଗ ଏକ ଅନ୍ତର୍ଜାତୀୟ ଆପରାଧିକ ସଂଗଠନ । ଏହା ମୁଖ୍ୟତଃ ଭାରତରେ ସକ୍ରିୟ ରହିଛି । ପ୍ରବାସୀ ରହୁଥିବା ଅଞ୍ଚଳରେ ସୁରକ୍ଷା ବିପଦ ସୃଷ୍ଟି କରୁଛି । ସମାଜରେ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଥିବା ବ୍ୟକ୍ତି, ବ୍ୟବସାୟୀ ଆଦିଙ୍କୁ ନିଶାଣ କରୁଛି । ଏହି ନିଷ୍ପତ୍ତି ଦ୍ୱାରା କାନାଡ଼ାରେ ଥିବା ଲରେନ୍ସ ଗ୍ୟାଙ୍ଗର ସମ୍ପତ୍ତି, ଗାଡ଼ି, ଧନ, ବ୍ୟାଙ୍କ ଖାତା ଆଦିକୁ ଜବତ କରାଯିବ । ଏହି ଗ୍ୟାଙ୍ଗକୁ ଆର୍ଥିକ ସହାୟତା, ସହଯୋଗ ଏବଂ ନିଯୁକ୍ତିରେ ସହାୟକ କରୁଥିବା ବ୍ୟକ୍ତି ତଥା ସଂଗଠନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ । ଏହାକୁ ଅପରାଧ ଧରାଯିବ । ଏହି ଗ୍ୟାଙ୍ଗ ସହ ସମ୍ପର୍କ ରଖିଥିବା ବ୍ୟକ୍ତିଙ୍କୁ କାନାଡ଼ାରେ ପ୍ରବେଶ ଅନୁମତି ଦିଆଯିବ ନାହିଁ ।

## ରାହୁଲ ଗାନ୍ଧୀଙ୍କୁ ବିଜେପି ନେତାଙ୍କ ହତ୍ୟା ଧମକ

### ମାମଲା ରୁଜୁ କଲା ପୁଲିସ

ନୂଆଦିଲ୍ଲୀ, ୨୯।୯ (ଏଜେନ୍ସି): କେରଳର ଏକ ନ୍ୟୁଜ ଚ୍ୟାନେଲରେ ବିତର୍କ ଚାଲିଥିବାବେଳେ ବିଜେପି ପ୍ରବକ୍ତା ତଥା ପୂର୍ବତନ ଏବିଭିପି ନେତା ପ୍ରିଣ୍ଟୁ ମହାଦେବ ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ହତ୍ୟା ଧମକ ଦେଇଛନ୍ତି । ଏହାକୁ ନେଇ ତାଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି । ଏବେ କଂଗ୍ରେସ ଏ ସମ୍ବନ୍ଧରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କୁ ଚିଠି ଲେଖିଛି । ଏହି ଚିଠିରେ କଂଗ୍ରେସ ସାଧାରଣ ସମ୍ପାଦକ କେସି ବେଣୁଗୋପାଳ କହିଛନ୍ତି ଯେ ଧମକ ଦେଇଥିବା ବିଜେପି ପ୍ରବକ୍ତାଙ୍କ ବିରୋଦରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ । ଯଦି କୌଣସି ପଦକ୍ଷେପ ନିଆ ନ ଯିବ ତେବେ ମିଳିମିଶି ରାହୁଲଙ୍କ ବିରୋଧରେ ହିଂସା କରାଯାଉଛି ବୋଲି ଧରାଯିବ । ଏହି ଧମକ କୌଣସି ଛୋଟମୋଟ ପଦାଧିକାରୀଙ୍କ ଅବହେଳାପୂର୍ଣ୍ଣ ପ୍ରତିକ୍ରିୟା ନୁହେଁ । ଜାଣିଶୁଣି ଏଭଳି ହିଂସାପୂର୍ଣ୍ଣ ପରିବେଶ ସୃଷ୍ଟି କରାଯାଉଛି । ଏହା ବିରୋଧୀ ନେତାଙ୍କ ପାଇଁ ଅସୁରକ୍ଷିତ ପରିବେଶ ସୃଷ୍ଟି କରୁଛି । ଏବେ ଏହା ବିରୋଧରେ ଦାୟିତ୍ୱ ନେବା ସରକାରଙ୍କ କାମ । ସରକାର କେଉଁ



ବିଚାରଧାରାକୁ ସମର୍ଥନ କରୁଛନ୍ତି ତାହା ଜଣାନ୍ତୁ ବୋଲି ଚିଠିରେ ଉଲ୍ଲେଖ କରାଯାଇଛି । ଚିଠିରେ ଶାହାଙ୍କୁ ପ୍ରଶ୍ନ କରାଯାଇଛି ଯେ ସାର୍ବଜନୀନ ଜୀବନରେ ବିଷ ସୃଷ୍ଟି କରୁଥିବା ଖୋଲମଖୋଲା ଆପରାଧିକ ଧମକ, ହିଂସାର ରାଜନୀତିକୁ ଆପଣ ସମର୍ଥନ ଦେଉଛନ୍ତି କି? ପରିବାରର ଦୁଇ ସଦସ୍ୟଙ୍କୁ ହତ୍ୟାରେ ହରାଇଥିବା ଜଣେ ନେତାଙ୍କ ସୁରକ୍ଷା ସମ୍ବନ୍ଧିତ ସମ୍ବେଦନଶୀଳ ପ୍ରସଙ୍ଗକୁ ରାଜନୀତିକରଣ କରି ସରକାର ନିଆଁ ସହ ଖେଳୁଛନ୍ତି । ଯଦି କୌଣସି କାର୍ଯ୍ୟାନୁଷ୍ଠାନ ନ ନିଆଯାଏ ତେବେ ଏହା ବିରୋଧୀ ନେତାଙ୍କ ବିରୋଧରେ ହିଂସାକୁ ବୈଧାନିକ କରିବାର ଲାଇସେନ୍ସ ପ୍ରଦାନ କରିବ । ଏହା ସ୍ୱରାଷ୍ଟ୍ରମନ୍ତ୍ରୀ ଭାବେ ଆପଣ ନେଇଥିବା ଶପଥର ଗମ୍ଭୀର ଉଲ୍ଲଙ୍ଘନ ହେବ ।

ସୂଚନା ଅନୁଯାୟୀ କେରଳର ଏକ ନ୍ୟୁଜ ଚ୍ୟାନେଲରେ ଲଦାକ ହିଂସାକୁ ନେଇ ବିତର୍କ ଚାଲିଥିଲା । ଏଥିରେ ରାହୁଲଙ୍କ ଛାତିକୁ ଗୁଳି ମାରିଦିଆଯିବ ବୋଲି ପ୍ରିଣ୍ଟୁ କହିଥିଲେ । ଏହାକୁ ନେଇ କେରଳ ବିରୋଧୀ ଦଳ ନେତା ଭିଡି ସତୀଶନ କହିଛନ୍ତି ଯେ ସେମାନେ ରାହୁଲଙ୍କୁ ମାରିବାକୁ ଚାହୁଁଛନ୍ତି । ଭାରତର ଜନସାଧାରଣ ଏଭଳି ହେବାକୁ ଦେବେ ନାହିଁ ।

### ମହାରାଷ୍ଟ୍ରରେ ବନ୍ୟା

## ୫ ଜିଲ୍ଲାରେ ୧୦ ମୃତ

ମୁମ୍ବାଇ, ୨୯ ।୯ (ଏଜେନ୍ସି): ସାରା ଦେଶରେ ମୌସୁମୀର ଲେଉଟାଣି ଆରମ୍ଭ ହୋଇଥିବା ବେଳେ ମହାରାଷ୍ଟ୍ରରେ କିନ୍ତୁ କେତୋଟି ଜିଲ୍ଲାରେ କ୍ରମାଗତ ବର୍ଷା ଲାଗି ରହିଛି । ଗତ ୨୪ ଘଣ୍ଟାରେ ବର୍ଷା ଜନିତ ଘଟଣାରେ ୫ଟି ଜିଲ୍ଲାରେ ୧୦ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ଏଥିରେ ନାସିକ ଜିଲ୍ଲାର ୪, ଧାରାଶିବ ଓ ଅହଲ୍ୟାନଗରରେ ଦୁଇଜଣ ଲେଖାଏ, ଜାଲନା ଓ ଯଭତମାଲରେ ଜଣେ ଲେଖାଲ ଲୋକ ମୃତ୍ୟୁବରଣ କରିଛନ୍ତି । ପାଖାପାଖି ୧୨, ୦୦୦ ଲୋକଙ୍କୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଉଦ୍ଧାର କରାଯାଇ ସ୍ଥାନାନ୍ତର କରାଯାଇଛି । ମରାଠାୱାଡା ଅଞ୍ଚଳର ଛତ୍ରପତି ଶମ୍ଭାଜୀନଗର, ଜାଲନା, ବିଡ, ଲାତୁର, ନାନଡେଡ, ହିଙ୍ଗୋଲି ଓ ଭାବାଣୀ ଜିଲ୍ଲାରେ ବନ୍ୟା ଆସିଛି । ସେହିପରି ଶନିବାର ରାତିରୁ ମୁମ୍ବାଇରେ ପ୍ରବଳ ବର୍ଷା ଜାରି ରହିଛି । ନାସିକରେ ଗୋଦାବରୀ ନଦୀ ବିପଦ ସଙ୍କେତ ଊର୍ଦ୍ଧ୍ୱରେ ବହୁଛି । ନଦୀକୂଳରେ ଥିବା ରାମକୁଣ୍ଡ ଅଞ୍ଚଳର କେତୋଟି ମନ୍ଦିର ଜଳମଗ୍ନ ହୋଇଛି । ମହାରାଷ୍ଟ୍ରରେ ଏନ୍‌ଡିଆରଏଫ୍‌ର ୧୬ଟି ଟିମ୍ ଉଦ୍ଧାର କାର୍ଯ୍ୟପାଇଁ ନିୟୋଜିତ କରାଯାଇଛି । ଦୁଇଟି ଟିମ୍ ପୁରେ ରହିଛନ୍ତି । ଚଳିତ ବର୍ଷ ପୁଣେର ମୁଲଶୀ ତହସିଲସ୍ଥିତ ମନୋରମ ତମହିନୀ ଘାଟି ଦେଶର ସବୁଠାରୁ ବର୍ଷା ହୋଇଥିବା ସ୍ଥାନ ବିବେଚିତ ହୋଇଛି । ଏଥର ଏହି ଅଞ୍ଚଳରେ ୯, ୦୦୦ ମିମି ବର୍ଷା ହୋଇଛି । ଏପର୍ଯ୍ୟନ୍ତ ଉତ୍ତରପୂର୍ବ ରାଜ୍ୟ ମେଘାଳୟର ଚେରାପୁଞ୍ଜିରେ ମାସିନରାମ ଗାଁରେ ସର୍ବାଧିକ ବର୍ଷା ହେବାର ରେକର୍ଡ ରହିଥିଲା । ମହାରାଷ୍ଟ୍ରର ଔରଙ୍ଗାବାଦର ଜୟକବାଡି ଡ୍ୟାମ୍‌ରେ ୨୭ଟି ଗେଟ୍ ଖୋଲାଯାଇଛି । ଦେଶର ବିଭିନ୍ନ ରାଜ୍ୟରେ ବର୍ଷା ଜାରି ରହିବ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ କୁହାଯାଇଛି । ଛତିଶଗଡ଼, ରାଜସ୍ଥାନ, ମଧ୍ୟପ୍ରଦେଶ, ହରିୟାଣା, ବିହାରର କେତୋଟି ଜିଲ୍ଲାରେ ବର୍ଷା ହେବା ବୋଲି ସତର୍କତା ଜାରି କରାଯାଇଛି । ତେବେ ବନ୍ୟାରେ ଏବର୍ଷ ସବୁଠାରୁ କ୍ଷତିଗ୍ରସ୍ତ ହୋଇଥିବା ପଞ୍ଜାରେ ଗତ ୨୪ ଘଣ୍ଟା ମଧ୍ୟରେ ବର୍ଷା ହୋଇନାହିଁ । ତେବେ ତାମମାତ୍ରରେ ଅବନତୀ ହୋଇଛି ।



## ୫୦ ଦିନରେ ୧୫ ହୋଟେଲ ବଦଳାଇଥିଲେ ଚୈତନ୍ୟାନନ୍ଦ



### ନଜରରୁ ବର୍ତ୍ତିବା ପାଇଁ ବିନା ସିସିଟିଭି ଥିବା ଶସ୍ତା ହୋଟେଲରେ ରହୁଥିଲେ

ନୂଆଦିଲ୍ଲୀ, ୨୯ ।୯ (ଏଜେନ୍ସି): ଦିଲ୍ଲୀର ଶ୍ରୀ ଶାରଦା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ ମ୍ୟାନେଜମେଣ୍ଟର ପୂର୍ବତନ ମୁଖ୍ୟ ୬୨ ବର୍ଷୀୟ ସ୍ୱାମୀ ଚୈତନ୍ୟାନନ୍ଦ ଗିରଫ୍ ହେବା ପୂର୍ବରୁ ଲଗାତର ନିଜର ଠିକଣା ବଦଳାଇଥିଲା ବୋଲି ପୁଲିସ କହିଛି । ଗତ ୫୦ ଦିନ ମଧ୍ୟରେ ସେ ୧୫ଟି ହୋଟେଲ ବଦଳାଇଥିଲା । ପୁଲିସ୍‌ର ନଜରରୁ ବର୍ତ୍ତିବା ପାଇଁ ସେ ବିନା ସିସିଟିଭି ଥିବା ଶସ୍ତା ହୋଟେଲରେ ରହୁଥିଲେ । ସେ ଉତ୍ତରପ୍ରଦେଶର ଧାର୍ମିକ ସାହର ବୃନ୍ଦାବନ, ମଥୁରାରେ ଲୁଚି ରହୁଥିଲା । ତା'ର ବିଶ୍ୱସ୍ତ ଲୋକ ତା ପାଇଁ ଏହି ସବୁ ଶସ୍ତା ହୋଟେଲରେ ରହିବାର ବ୍ୟବସ୍ଥା କରୁଥିଲେ । ଶନିବାର ସେ ଆଗ୍ରାର ଏକ ହୋଟେଲରେ ଥିବା ବେଳେ ପୁଲିସ ତାକୁ ଗିରଫ କରିଥିଲା । ଦିଲ୍ଲୀର ପଟିଆଲା ହାଉସ୍ କୋର୍ଟ ତାକୁ ୫ ଦିନ ପାଇଁ ପୁଲିସ ରିମାଣ୍ଡକୁ ପଠାଇଛନ୍ତି । ପୁଲିସ ଏବେ ତା'ର ବିଭିନ୍ନ ସହଯୋଗୀଙ୍କୁ ଖୋଜୁଛି । ପୁଲିସ ତା'ଠାରୁ ଆଇପଡ ଓ ୩ଟି ଫୋନ୍ ଜବତ କରିଛି । ଗୋଟିଏ ଫୋନ୍‌ରେ ଛାତ୍ରାବାସର ସିସିଟିଭି ଫୁଟେଜର ରହିଛି । ଏହା ଜରିଆରେ ସେ ଛାତ୍ରୀମାନଙ୍କ ଉପରେ ନଜର ରଖୁଥଲା । ସେ ତା'ର ବିଭିନ୍ନ ଡିଜିଟାଲ ଉପକରଣଗୁଡିକର ପାସ୍‌ୱାର୍ଡ ଭୁଲିଯାଇଛି ବୋଲି ପଚରା ଉଚରା ବେଳେ କହିଥିଲା ।

## ଉତ୍ତର ପ୍ରଦେଶ ସ୍କୁଲ୍‌ରେ ଚାଲିଛି ଲୁଟ୍‌ର ଖେଳ

ନୂଆଦିଲ୍ଲୀ, ୨୯।୯ (ଏଜେନ୍ସି): ଦେଶରେ ସରକାରୀ ଶିକ୍ଷାର ସ୍ତର ଦିନକୁ ଦିନ ଅଧୋଗତି ଆଡକୁ ମୁହାଁଇବାରେ ଲାଗିଛି । ଏପରି ସମୟରେ ଉତ୍ତର ପ୍ରଦେଶରୁ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ସରକାରୀ ଅର୍ଥ ହରିଲୁଟ୍ ପାଇଁ କିଭଳି ଶିକ୍ଷାକୁ ଅସ୍ତ୍ର କରାଯାଇଛି ଏହା ତାହାର ନିଚ୍ଛକ ଉଦାହରଣ ପାଲଟି ଯାଇଛି । ନେତା ଏବଂ କ୍ଷମତାଶାଳୀ ଲୋକେ ମିଶି ଶିକ୍ଷାର ମନ୍ଦିର ବିଦ୍ୟାଳୟକୁ ହରିଲୁଟ୍‌ର ମାଧ୍ୟମ କରିଦେଇଛନ୍ତି । ରିପୋର୍ଟ ଅନୁଯାୟୀ ଉତ୍ତର ପ୍ରଦେଶ ଗୋଣ୍ଡର ଶ୍ରୀ ବାଲକ ଭଗବାନ ଲଘୁ ମାଧ୍ୟମିକ ବିଦ୍ୟାଳୟରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୫୦ ପିଲା ପଢୁଛନ୍ତି । ମାତ୍ର ଏହି ଛାତ୍ରଛାତ୍ରୀଙ୍କୁ ପଢାଇବା ପାଇଁ ୭୭ ଶିକ୍ଷକ ମୁତୟନ ହୋଇଛନ୍ତି । ଅର୍ଥାତ୍ ତିନି ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ଶିକ୍ଷକ ରହିଛନ୍ତି । କିନ୍ତୁ ୩୫ ଶିଶୁଙ୍କ ପାଇଁ ଜଣେ ଶିକ୍ଷକ ରହିବାର ନିୟମ ରହିଛି । ସେହିପରି ଭୈୟା ଚନ୍ଦ୍ରଭାନଦତ୍ତ ଲଘୁ ମାଧ୍ୟମିକ ସ୍କୁଲ ରାମପୁର ଟେଙ୍ଗରହାରେ ୨୫୦ ଛାତ୍ରଛାତ୍ରୀ ପଢୁଛନ୍ତି । କିନ୍ତୁ ଏଠାରେ ୪୫ ଶିକ୍ଷକ ମୁତୟନ ଅଛନ୍ତି । ମାତ୍ର କେବଳ ୭ ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି । ଏହା ବ୍ୟତୀତ ଶ୍ରୀ ଦୟାନନ୍ଦ ଆର୍ଯ୍ୟ ବୈଦିକ କଲେଜରେ ୧୫୦ ଛାତ୍ରଛାତ୍ରୀଙ୍କ ପାଇଁ ୫ ଶିକ୍ଷକ ବଦଳରେ ୪୫ ଶିକ୍ଷକ ଅଛନ୍ତି । ଏଠାରେ ନିୟମ ବିରୋଧରେ ୪୫ ଶିକ୍ଷକଙ୍କୁ ନିଯୁକ୍ତି କରାଯାଇଛି ।

ଏହି ସ୍କୁଲ କେବଳ ଉଦାହରଣ ମାତ୍ର । କେବଳ ଗୋଣ୍ଡା ଜିଲ୍ଲାରେ ସରକାରୀ ସହାୟତା ପାଉଥିବା ୨୯ ଏଡେଡ ସ୍କୁଲ ରହିଛି । ଏହି ସବୁଥିରେ ୭୦୦ରୁ ଅଧିକ ଶିକ୍ଷକ ମୁତୟନ ଅଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ଏମାନଙ୍କୁ ୨ ବିଲିୟନ ଟଙ୍କାର ଦରମା ଦିଆଯାଇଛି । ସାରା ପ୍ରଦେଶରେ ଏଭଳି ସ୍କୁଲ୍ ସଂଖ୍ୟା ୧୦୬୮ ରହିଛି । ଅର୍ଥାତ୍ ଏହି ଦରମାର ଖେଳ ଜୋରସୋରରେ ଚାଲିଛି । ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶିକ୍ଷା ବିଭାଗର ଅଧିକାରୀ ଏବଂ ନେତାଙ୍କ ସହ ମିଶି ସ୍କୁଲ୍ କମିଟିଗୁଡିକ ଏହି ଲୁଟ୍‌ର ଖେଳ ଚଳାଇଛନ୍ତି । ଏକାଥରକେ ଅନେକଙ୍କୁ ନିଯୁକ୍ତି କରାଯାଇଛି । କାହାଠୁ ଲାଞ୍ଚ ନେଇ ନିଯୁକ୍ତି ଦିଆଯାଇଛି ତ ଆଉ କାହାକୁ ନେତା ତଥା ଜନପ୍ରତିନିଧି ଏବଂ ପରିଚାଳକଙ୍କ ସମ୍ପର୍କୀୟ ଭାବେ ସ୍କୁଲରେ ଚାକିରି ଦିଆଯାଇଛି । କେବଳ ଗୋଣ୍ଡାର ତିନି ସ୍କୁଲରେ କମିଟି, ବିଧାୟକ, ନେତାଙ୍କ ସମ୍ପର୍କୀୟଙ୍କୁ ନିଯୁକ୍ତି କରାଯାଇଛି । ଏହି ପ୍ରଭାବଶାଳୀ ଲୋକଙ୍କ ବିରୋଧରେ ୭ ବର୍ଷ ହେଲା ଯାଞ୍ଚ ଜାରି ରହିଛି ।

ଭୈୟା ଚନ୍ଦ୍ରଭାନୁ ସ୍କୁଲରେ ପବନ ମିଶ୍ରାଙ୍କୁ ନିଯୁକ୍ତି କରାଯାଇଛି । ସେ ବିଧାୟକ ପ୍ରେମନାରାୟଣ ପାଣ୍ଡେୟଙ୍କ ଜ୍ୱାଇଁ । ଏଠାରେ କାମ କରୁଥିବା ଅବିନାଶ ତିୱାରୀ ବିଧାୟକଙ୍କ ପୁଅର ଶଳା । ବିଧାୟକଙ୍କ ସଢୁ ଚନ୍ଦ୍ରପ୍ରକାଶ ମିଶ୍ର ସହାୟକ ଶିକ୍ଷକ ଅଛନ୍ତି । ସ୍କୁଲ ପରିଚାଳକ ଦିଗବିଜୟ ପାଣ୍ଡେୟଙ୍କ ବୋହୂ ପୁନମ ଦେବୀ ଏଠାରେ କ୍ଲର୍କ ଅଛନ୍ତି । ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ପୁନମ ଦେବୀ ୨୦୧୩ ଏପ୍ରିଲରେ ଅନୁମୋଦନ ପାଇଥିବା ଦର୍ଶାଇଛନ୍ତି । କିନ୍ତୁ ରାଧେଶ୍ୟାମ ପାଣ୍ଡେୟ ଅବସର ନେବା ପରେ ୨୦୧୫ ସେପ୍ଟେମ୍ବର ୩୦ରେ ଏହି ପଦ ଖାଲି ହୋଇଥିଲା ।


ମଙ୍ଗଳାବାଗ


ଶେଖ୍ ବଜାର


ଖଟବିନ୍ ସାହି


କାଜି ବଜାର


ରୋଜର୍ସ ଷ୍ଟ୍ରିଟ୍

ମହାସପ୍ତମୀ ଅବସରରେ କଟକର ବିଭିନ୍ନ ପୂଜାମଣ୍ଡପରେ ମା’ ମହାମାୟୀ

# ମନ୍ତ୍ରୀଙ୍କ ଗାଡ଼ିକୁ ଧକ୍କା ଦେଇ ୨ ବାଇକ୍ ଆରୋହୀ ଗୁରୁତର

ଦେବଗଡ଼,୨୯।୯ (ସମିସ): ବଳମ ଗାଁ ସ୍ଥିତ ଜାଗୃତି କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଦୁର୍ଗାପୂଜା ରୌପ୍ୟ ଜୟନ୍ତୀ କାର୍ଯ୍ୟକ୍ରମରେ ସୋମବାର ଯୋଗ ଦେବାକୁ ଆସିଥିବା ପୂର୍ତ୍ତ ବିଭାଗ ଓ ପାନୀୟଜଳ ବିଭାଗ ମନ୍ତ୍ରୀ

## ଦୁର୍ଘଟଣା ପରେ ମନ୍ତ୍ରୀଙ୍କ ଗାଡ଼ିକୁ ଖସାଇଦେଲା ପୁଲିସ

ରବିନାରାୟଣ ନାଏକଙ୍କ ଇନୋଭାକୁ ଦୁଇ ବାଇକ ଆରୋହୀ ଧକ୍କା ଦେଇଛନ୍ତି। ଏଥିରେ ସେମାନେ ଆହତ ହେବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ଯୁବକ ଦ୍ୱୟ ଭାଲୁମୁଣ୍ଡା ଗାଁର ପ୍ରଦୀପ ପଲେଇ ଓ ଦିଗାମ୍ବର ପ୍ରଧାନ ବୋଲି ଜଣାପଡ଼ିଛି। ଅବସ୍ଥା ଶଙ୍କଟାପନ୍ନ ହେବାରୁ ଦିଗାମ୍ବରକୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଆହତ ଯୁବକ ଦ୍ୱୟଙ୍କୁ ପୁଲିସ ଗାଡିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ମନ୍ତ୍ରୀ ଶ୍ରୀ ନାଏକ କାର୍ଯ୍ୟକ୍ରମ ସ୍ଥଳୀକୁ ଯାଇ ଦୁର୍ଗାପୂଜାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ କାଣ୍ଟଛାଣ୍ଟ କରି ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ସେଠାରେ ଡାକ୍ତରଙ୍କ ସହ ଆଲୋଚନା କରିବା ସହ ମନ୍ତ୍ରୀ ଯୁବକ ଦ୍ୱୟଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବାକୁ ନିର୍ଦ୍ଦେଶ ଦେଇ ଚାଲିଯାଇଥିଲେ। ତେବେ ଦୁର୍ଘଟଣା ପରେ ସମ୍ଭାବ୍ୟ ଉତ୍ତେଜନାକୁ ଆଶଙ୍କା କରି ଉପସ୍ଥିତ ପୁଲିସ ଅଧିକାରୀମାନେ ମନ୍ତ୍ରୀଙ୍କ ଦୁର୍ଘଟଣା ଗ୍ରସ୍ତ ଗାଡିକୁ ସେଠାରୁ ଅନ୍ୟତ୍ର ପଠାଇ ମାମଲାକୁ ଚପାଇ ଦେବାର ଉଦ୍ୟମ କରିଥିବା ଜଣା ପଡିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଦୁର୍ଘଟଣା ସମ୍ପର୍କିତ କୌଣସି ମାମଲା ଥାନାରେ ରୁଜୁ ହୋଇ ନଥିବା ଜଣାପଡିଛି।

## କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ଉତ୍ସବ ଉଦ୍‌ଯାପିତ

# ଛାତ୍ରଛାତ୍ରୀମାନେ ଦୟା, କରୁଣା ଓ ମାନବିକତାକୁ ଜୀବନର ମୂଳମନ୍ତ୍ର କରନ୍ତୁ

ଭୁବନେଶ୍ୱର, ୨୯।୯ (ସମିସ): ଛାତ୍ରଛାତ୍ରୀମାନେ ଦୟା, କରୁଣା ଓ ମାନବିକତାକୁ ଜୀବନର ମୂଳମନ୍ତ୍ର କରିବା ଉଚିତ ବୋଲି କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ଉତ୍ସବର ଉଦ୍‌ଯାପନୀ ଦିବସରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ୩ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ ଶ୍ରୀଲଙ୍କାର ନୋବେଲ ପୁରସ୍କାର ବିଜେତା ପ୍ରଫେସର୍ ମୋହନ ମୁନାସିଂଘେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ପୂର୍ବରୁ ନିଜ ମଧ୍ୟରେ ଶାନ୍ତି ଆଣିବାକୁ ଚେଷ୍ଟା କରିବା ଉଚିତ। ଦାରିଦ୍ର୍ୟ, ଅସମାନତା ଏବଂ ସମ୍ବଳ ଅଭାବ ଉପରେ ଆଲୋକପାତ କରି ସେ କହିଥିଲେ ଯେ ବର୍ତ୍ତମାନ ସମୟରେ ମାନବବାଦ ପାଇଁ ପରିବେଶର ସୁରକ୍ଷା ନିତାନ୍ତ ଓ ତୁରନ୍ତ ଆବଶ୍ୟକ।

ଦ୍ୱିତୀୟ ଦିନରେ ଇଣ୍ଟରନ୍ୟାସନାଲ୍ କୋର୍ଟ ଅଫ୍ ଜଷ୍ଟିସ୍‌ର ବିଚାରପତି ଜଷ୍ଟିସ୍ ଅବଦୁଲକ୍ୱାଇ ଅହମ୍ମଦ ୟୁସୁଫ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ନାତକମାନଙ୍କୁ ବିଶ୍ୱ ଶାନ୍ତି ନିର୍ମାତା ଏବଂ ନ୍ୟାୟର ସ୍ୱର ଭାବରେ



ସେମାନଙ୍କର ଭୂମିକା ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ।

ସେହିପରି ତୃତୀୟ ଦିନରେ ନୋବେଲ ବିଜେତା ଓଉଇଦେଦ୍ ବୋଚାମାଉଇ କହିଥିଲେ ଯେ ଛାତ୍ରଛାତ୍ରୀମାନେ ସେମାନଙ୍କ ଜୀବନରେ ଡ. ସାମନ୍ତଙ୍କ ଭଳି ଦୟା, କରୁଣା ଓ ମାନବିକତାକୁ ସେମାନଙ୍କ ମୂଳ ମନ୍ତ୍ର କରିବାକୁ ଆହ୍ୱାନ ଦେଇଥିବା ବେଳେ ସେବା, ସ୍ଥିରତା ଏବଂ କରୁଣାର ଉଦାହରଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ସଫଳତା ପାଇଁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

କାର୍ଯ୍ୟକ୍ରମ ଅବସରରେ ନୋବେଲ ବିଜେତା ପ୍ରଫେସର୍ ମୋହନ ମୁନାସିଂଘେ, ନୋବେଲ ବିଜେତା ଓଉଇଦେଦ୍ ବୋଚାମାଉଇ, ଶାନ୍ତିପ୍ରବକ୍ତା ଡ. ହୁଜେଫା ଖୋରାକିୱାଲା, କମ୍ପିଟିସନ ସକସେସ୍ ରିଭ୍ୟୁର ଅଧ୍ୟକ୍ଷ ଏସ୍. କେସଚଦେବା, ଗୁଏତମାଲା ଗଣରାଜ୍ୟ ସାଂସଦ ଡ. ଫିଡେଲ ରାଏସ୍ ଲି, ଜର୍ମାନୀର ପ୍ରତ୍ନତାତ୍ତ୍ୱିକ ପାର୍କର ଅଧ୍ୟକ୍ଷ ନବର୍ଟ ସାଉର ଏବଂ ଲାଲଚାନ୍ଦ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଥିଲା।

ସେହିପରି ୧୯୫ ଛାତ୍ରଛାତ୍ରୀଙ୍କୁ ପିଏଚ୍‌ଡି, ୨୦୩୪ ଜଣଙ୍କୁ ସ୍ନାତକୋତ୍ତର, ୭୨୩୨ଜଣଙ୍କୁ ସ୍ନାତକ ଡିଗ୍ରୀ ପ୍ରଦାନ କରାଯାଇଥିଲା। ଅପରପକ୍ଷେ, ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ପ୍ରତିପାଦିତ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣପଦକ, କୁଳାଧିପତି ସ୍ୱର୍ଣ୍ଣପଦକ, ପିପିଏଲ୍ ସ୍ୱର୍ଣ୍ଣ ପଦକ, ପିକେ ବଳ ସ୍ମାରକୀ ସ୍ୱର୍ଣ୍ଣ ପଦକ, ନନିବାଳା ସ୍ମାରକୀ ସ୍ୱର୍ଣ୍ଣପଦକ, ଶ୍ରୀକୃଷ୍ଣଚନ୍ଦ୍ର ପଣ୍ଡା ସ୍ମାରକୀ ସ୍ୱର୍ଣ୍ଣ ପଦକ, ଡ. ୱାଟି ପରମଗୁରୁ ସ୍ମାରକୀ ସ୍ୱର୍ଣ୍ଣ ପଦକ ଓ କୁଳପତି ରୌପ୍ୟପଦକ ପ୍ରଦାନ କରାଯାଇଥିଲା।

ଏଥିରେ କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା, ଉପକୁଳାଧିପତି ପ୍ରଫେସର ଡ. ସୁବ୍ରତ ଆଚାର୍ଯ୍ୟ, କୁଳପତି ପ୍ରଫେସର୍ ଶରଣଜିତ ସିଂହ, ଉପକୁଳପତି ପ୍ରଫେସର୍ ରାଜୁ କେ.ଡି ଓ କୁଳସଚିବ ପ୍ରଫେସର୍ ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ରକୁ ଯିବେ ସମର୍ଥ ବର୍ମା

ଭୁବନେଶ୍ୱର, ୨୯।୯ (ସମିସ): କେନ୍ଦ୍ରକୁ ଡେପୁଟେସନ୍‌ରେ ଯିବେ ୨୦୧୧ବ୍ୟାଚ୍ ଓଡ଼ିଶା କ୍ୟାଡର୍ ଆଇଏଏସ୍ ଅଧିକାରୀ ସମର୍ଥ ବର୍ମା। ୫ ବର୍ଷ ପାଇଁ ଶ୍ରୀ ବର୍ମା କେନ୍ଦ୍ରକୁ ଯିବେ। ଏନେଇ ସୋମବାର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ତାଙ୍କୁ ବନ୍ଦର, ଜାହାଜ ଓ ଜଳମାର୍ଗ ମନ୍ତ୍ରଣାଳୟର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଛି। ଏହି ନିର୍ଦ୍ଦେଶନାମାର ୩ ସପ୍ତାହ ମଧ୍ୟରେ ଶ୍ରୀ ବର୍ମା ନୂତନ ପଦବୀରେ ଦାୟିତ୍ୱ ଗ୍ରହଣ କରିବେ। ଏଥିପାଇଁ ତାଙ୍କୁ ରିଲଭ୍ କରିବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ପତ୍ର ଲେଖାଯାଇଛି।






# ୨ରୁ କଂଗ୍ରେସର ବର୍ଷବ୍ୟାପୀ ପଦଯାତ୍ରା

ଭୁବନେଶ୍ୱର, ୨୯।୯ (ସମିସ): ଆସନ୍ତା ଅକ୍ଟୋବର ୨ତାରିଖରୁ ଓଡ଼ିଶାରେ ବର୍ଷବ୍ୟାପୀ ‘ଗାନ୍ଧୀ ପଥେ ଓଡ଼ିଶା’ ପଦଯାତ୍ରା ଆରମ୍ଭ କରିବ କଂଗ୍ରେସ। ଗାନ୍ଧୀ ଜୟନ୍ତୀ ଦିନ ପିସିସି ସଭାପତି ଭକ୍ତଚରଣ ଦାସ ମାଲକାନଗିରିର ମୋଟୁଠାରୁ ଏହି ପଦଯାତ୍ରାର ଶୁଭାରମ୍ଭ କରିବେ। ନାରୀ ନ୍ୟାୟ ଅଧିକାର ପାଇଁ ୩ ତାରିଖ

## ଯୋଗ ଦେଇପାରନ୍ତି ରାହୁଲ୍ ଗାନ୍ଧୀ

ମଧ୍ୟ ପଦଯାତ୍ରାର ପ୍ରଥମ ଦଫା ଚାଲୁ ରହିବ। ତେବେ ନୂଆପଡ଼ା ଉପନିର୍ବାଚନ ପରେ ପଦଯାତ୍ରା ପୁଣି ଆରମ୍ଭ କରାଯିବ କଂଗ୍ରେସ ମିଡିଆ ସେଲ୍ ମୁଖ୍ୟ ଅରବିନ୍ଦ ଦାସ ସୂଚନା ଦେଇଛନ୍ତି। ରାଜ୍ୟର ପ୍ରତ୍ୟେକ ବ୍ଲକ୍‌ରେ ପର୍ଯ୍ୟାୟାନୁକ୍ରମେ ଦିନକୁ ୧୫-୨୦ କିମି ଏହି ପଦଯାତ୍ରା ଆୟୋଜିତ ହେବ। ଏନେଇ ବିସ୍ତୃତ କାର୍ଯ୍ୟସୂଚୀ ଓ ରୋଡମ୍ୟାପ୍ ବର୍ତ୍ତମାନ କଂଗ୍ରେସ ପ୍ରସ୍ତୁତ କରୁଛି। ଏହି ପଦଯାତ୍ରାରେ ରାଜ୍ୟର ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଅଂଶଗ୍ରହଣ କରିବେ। ଏହାବ୍ୟତୀତ ବର୍ଷେବ୍ୟାପୀ ଏହି ପଦଯାତ୍ରା ଜାରି ରହିବାକୁ ଥିବାରୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଅଂଶଗ୍ରହଣ କରିବାର ସମ୍ଭାବନା ରହିଛି। ଆସନ୍ତା ନଭେମ୍ବର ସୁଦ୍ଧା ସେ ଓଡ଼ିଶା ଗସ୍ତ କରିପାରନ୍ତି ବୋଲି କୁହାଯାଉଛି।




# ବରିଷ୍ଠ ନାଗରିକ ସଂଘର ମାସିକ ବୈଠକ



ଯାଜପୁର,୨୯।୯(ସମିସ): ଯାଜପୁର ବରିଷ୍ଠ ନାଗରିକ ସଂଘର ମାସିକ ବୈଠକ ବରିଷ୍ଠ ଭବନରେ ଉଦୟ ନାରାୟଣ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂଘର ବରିଷ୍ଠ ସଭ୍ୟ ବସନ୍ତ କୁମାର ଦାସଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ମହାବୀର ହାଇସ୍କୁଲର ପ୍ରାଙ୍ଗଣରେ ବୃକ୍ଷରୋପଣ ଓ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁସ୍ତକ ବଣ୍ଟନ କରାଯାଇଥିଲା। ଯାଜପୁରର ବରପତ୍ର ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାର, କବିମଞ୍ଜୁଳ କୃଷ୍ଣପ୍ରସାଦ ବସୁ, ଉତ୍କଳପ୍ରାଣ ବ୍ରଜସୁନ୍ଦର ଦାସ, ଓଡ଼ିଶାର ଆଦିନେତା ବିଚିତ୍ରାନନ୍ଦ ଦାସ ଓ ନିଃସ୍ୱାର୍ଥପର ସ୍ୱାଧୀନତା ସଂଗ୍ରାମୀ ଭଗବାନ ସାହୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଦାବି ହୋଇଥିଲା। ବୈଠକକୁ ସଂପାଦକ ପ୍ରବୋଧ କୁମାର ନାୟକ ପରି.ଳନା କରିଥିଲେ ଓ ସଭ୍ୟ ଗଦାଧର ରାଉତ, ଧନଞ୍ଜୟ ରାଉତରାୟ, ବୃନ୍ଦାବନ ମିଶ୍ର, ଶିଶିର କୁମାର ମିଶ୍ର, ବିଷ୍ଣୁଚରଣ ଲେଙ୍କା, ନୃସିଂହ ଚରଣ ଜେନା, ମିହିର ରଂଜନ ନାୟକ, ଧିରେନ୍ଦ୍ର କୁମାର ପରିଡ଼ା, ହରିଶ ଚନ୍ଦ୍ର ପଣ୍ଡା, ପ୍ରସନ୍ନ ରାଉତରାୟ, ଗୋପୀନାଥ ସେଠି, ଦିବାକର ମିଶ୍ର ଆଦି ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସୁବାସ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ନୂତନ ଗୃହ ପ୍ରବେଶ

ପାଣିକୋଇଲି,୨୯।୯(ସମିସ): ପାଣିକୋଇଲିସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଆଜି ନୂତନ ଗୃହରେ ପ୍ରବେଶ କରିଛି। ପାଣିକୋଇଲି ବଜାର ଦୁର୍ଗା ମାର୍କେଟରେ ବ୍ୟାଙ୍କ ସ୍ଥାନାନ୍ତରିତ କରାଯାଇ ଗ୍ରାହକମାନଙ୍କୁ ସେବା ଯୋଗାଇଛି। ପୂର୍ବରୁ ଥିବା ଘରେ ବ୍ୟାଙ୍କ ପରିଚାଳନାରେ ଅସୁବିଧା ହେବା ସହ ଆବଶ୍ୟକତା ଅନୁଯାୟୀ



ଗୃହ ନଥିଲା। ଫଳରେ ଗ୍ରାହକମାନଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ ସ୍ଥାନାନ୍ତର କରାଯାଇଥିବା ବ୍ୟାଙ୍କ ପରିଚାଳକ ବର୍ଷା ପ୍ରୀୟଦର୍ଶିନୀ ବେହେରା ସୂଚନା ଦେଇଥିଲେ। ଏହି ନୂତନ ଗୃହକୁ ଚଣ୍ଡିଖୋଲ ଆଞ୍ଚଳିକ ପରିଚାଳକ ଆପିଫ ଅନୱାର ଉଦ୍‌ଘାଟନ କରିଥିଲେ। ସହ ପରିଚାଳକ ନିବେଦିତା ରାଉତ, ପାଣିକୋଇଲି ସରପଞ୍ଚ ପଦ୍ମାବତୀ ପଣ୍ଡା, ନାଏବ ସରପଞ୍ଚ ଦେବେନ୍ଦ୍ର ସ୍ୱାଇଁ, ସେକ୍ ସୌକତ ଅଲ୍ଲୀ, ରଶ୍ମୀରଞ୍ଜନ ସାହୁ, ଶଶିଭୂଷଣ ସାହୁ, ହିମାଂଶୁ ସୋରେନ ଓ ଲୋକନାଥ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।


# ଓସିଏସ୍‌ରେ ସଫଳ ରଜତଙ୍କୁ ସମ୍ବର୍ଦ୍ଧନା



ଯାଜପୁର,୨୯।୯(ସମିସ): ଯାଜପୁର ବ୍ଲକ ବରୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଛତିଶଦେବିଲ ପଞ୍ଚାୟତ ଦେବିଲ ଗ୍ରାମର ରଜତ କୁମାର ବିଶ୍ୱାଳ ଓସିଏସ୍ ପରୀକ୍ଷାରେ ସଫଳତା ପାଇଛନ୍ତି। ଆଜି ଶ୍ରୁତି ବିଶ୍ୱାଳ ସ୍ମୃତି ପରିଷଦ ପକ୍ଷରୁ ରଜତଙ୍କୁ ତାଙ୍କ ବାସଭବନଠାରେ ଶୁଭେଚ୍ଛା ଓ ସମ୍ବର୍ଦ୍ଧନା କରାଯାଇଛି। ଏଥିରେ ସ୍ମୃତି ପରିଷଦର ସଭାପତି କାମଦେବ ବିଶ୍ୱାଳ, ଆନନ୍ଦ ଚନ୍ଦ୍ର ବିଶ୍ୱାଳ, ନିତ୍ୟାନନ୍ଦ ବିଶ୍ୱାଳ, ବିଜୟ କୁମାର ବିଶ୍ୱାଳ, ସଞ୍ଜୟ ବିଶ୍ୱାଳ, ସନ୍ତୋଷ କୁମାର ବିଶ୍ୱାଳ, ବିମଳ ମହାପାତ୍ର, ପ୍ରମୋଦ ବିଶ୍ୱାଳ, ସୁକାନ୍ତ ବିଶ୍ୱାଳ, ମଧୁସୂଦନ ବିଶ୍ୱାଳ, ଶୁଭେନ୍ଦୁ ବିଶ୍ୱାଳ, ମଦନ ମୋହନ ବିଶ୍ୱାଳ, ପ୍ରଶାନ୍ତ ବିଶ୍ୱାଳ, ଦେବବ୍ରତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମ ଶ୍ରୁତି ବିଶ୍ୱାଳ ପରିବାରର ଦାୟଦ ସୂର୍ଯ୍ୟମଣି ବିଶ୍ୱାଳ କାର୍ଯ୍ୟକ୍ରମକୁ ସମ୍ପାଦନା କରିଥିଲେ। ବାପା ରାମଚନ୍ଦ୍ର ବିଶ୍ୱାଳ ଓ ମାତା ସୀତାରାଣୀ ବିଶ୍ୱାଳଙ୍କ ସମର୍ଥନ ମୋତେ ଆଜି ଏହି ସ୍ଥାନରେ ପହଞ୍ଚାଇଛି। ଆଗାମୀ ଦିନରେ ଜଣେ ଭଲ ଅଧିକାରୀ ଭାବେ କାର୍ଯ୍ୟନିର୍ବାହ କରି ଲୋକଙ୍କ ସେବା କରିବି ବୋଲି ରଜତ ପ୍ରତିକ୍ରିୟାରେ କହିଛନ୍ତି। ଏହି ଅବସରରେ ତାଙ୍କ ଜେଜେବାପା ଈଶ୍ୱର ଚନ୍ଦ୍ର ବିଶ୍ୱାଳ ରଜତକୁ ଶୁଭାଶୀର୍ବାଦ କରିଥିଲେ।


# ସାହିତ୍ୟ ଦର୍ପଣର ପୂଜା ସଂଖ୍ୟା ଉନ୍ମୋଚିତ

ଧର୍ମଶାଳା,୨୯।୯(ସମିସ): ଧର୍ମଶାଳା ଅଞ୍ଚଳରୁ ପ୍ରକାଶ ପାଉଥିବା ଅଗ୍ରଣୀ ସାହିତ୍ୟ ପତ୍ରିକା ସାହିତ୍ୟ ଦର୍ପଣର ପାର୍ବଣ ସଂଖ୍ୟା ଉନ୍ମୋଚିତ ହୋଇଯାଇଛି। ବିମଳ ପତିଙ୍କ ସଂପାଦନାରେ ପ୍ରକାଶ ପାଉଥିବା ଏହି ପତ୍ରିକାରେ ଗ୍ରାମାଞ୍ଚଳର ଲେଖକମାନଙ୍କ ଲେଖା ପ୍ରକାଶ ପାଇ ପାଠକଙ୍କ ଆଦୃତ ପାଇଆସିଛି। ଏହି ପତ୍ରିକାରେ ବାଇଶି ଗୋଟି ମନ୍ମୟ ଗଳ୍ପ, ବାରଟି ପ୍ରବନ୍ଧ, ଅଶିରୁ ଊର୍ଦ୍ଧ୍ୱ ନବୀନ ଓ ପ୍ରବୀଣଙ୍କ କବିତା ସହ ସୃଜନ ସାକ୍ଷାତକାର ରହିଛି। ଲେଖାଗୁଡ଼ିକ ଚଳିତ ପୂଜାରେ ପାଠକଙ୍କୁ ଛୁଇଁବ ବୋଲି ସମ୍ପାଦକ କହିଛନ୍ତି।







































# ଶତାବ୍ଦୀ ପୁରୁଣା ଦୁର୍ଗାପୂଜା : ଐତିହ୍ୟ, ଆସ୍ଥା ଓ ଏକତାର ଉତ୍ସବ

ଅସୁରାଳି,୨୯।୯(ସମିସ):



ଧାମନଗର ବ୍ଲକ୍ ଅଧୀନ ବମକୁରା, କଲ୍ୟାଣୀ ଓ ଗୋବିନ୍ଦପୁର ଗ୍ରାମ ଦେଖାଉଛି ଯେ ଧାର୍ମିକ ଆସ୍ଥା, ସାଂସ୍କୃତିକ ଐତିହ୍ୟ ଏବଂ ଗାଁ ଜୀବନର ଏକତା କିପରି ଶତାବ୍ଦୀ ଧରି ଅବିଚଳ ରହିପାରେ। ଏହି ତିନି ଅଞ୍ଚଳର ଦୁର୍ଗାପୂଜା ଏକ ଉଦାହରଣ। ଯେଉଁଥିରେ ଧାର୍ମିକ ଶ୍ରଦ୍ଧା ଓ ସାମୂହିକ ଉତ୍ସାହ ଏକାଠି ହୋଇ ଉତ୍ସବକୁ ଜୀବନ୍ତ କରିଥାଏ। ବମକୁରା ପଣ୍ଡା ସାହି: ଚାରି ଶତାବ୍ଦୀର ଅବିଚଳ ଆସ୍ଥା ଏଠାରେ ମା' ଦୁର୍ଗାଙ୍କ ପୂଜା ପ୍ରାୟ ୪୦୦ ବର୍ଷ ଧରି ଚାଲିଆସୁଛି। ଗ୍ରାମର କୁଶ ପଣ୍ଡାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ପୂଜା ଆଜି ଗ୍ରାମର ଧାର୍ମିକ ଓ ସାଂସ୍କୃତିକ ଗୌରବର ମୂଳ ଅଂଶ ହୋଇଯାଇଛି। ପୂଜା ବିଧିରେ ତିନି ଦିନ କୁଷ୍ମାଣ୍ଡ, ଆଖୁ ଓ ଛାଗ ବଳି ପଡ଼େ। ଯାହା ଗ୍ରାମବାସୀଙ୍କ ଆସ୍ଥା ଓ ପାରମ୍ପରିକ ରୀତିର ଅନୁସୃତି। ପଣ୍ଡିତ ଗୋପବନ୍ଧୁ ସାମନ୍ତ, ସଦାନନ୍ଦ, ନାରାୟଣ ଓ ଚିନ୍ତାମଣି ପଣ୍ଡା ମାନେ ଧାର୍ମିକ ବିଧି ଅନୁଯାୟୀ ପୂଜା ସମ୍ପାଦନ କରନ୍ତି। ଅଷ୍ଟମୀ ଦିନରେ ଗ୍ରାମର ସମାଜସେବୀ ଖିରୋଦ ପୋଥାଳ, ଭାନୁ ପ୍ରକାଶ ପଲାଇ ଓ ଅନ୍ୟମାନେ ମଣ୍ଡପରେ ମା'ଙ୍କ ଦର୍ଶନ କରି ତାଙ୍କର କୃପା ଲାଭ କରନ୍ତି। ସେହିପରି କଲ୍ୟାଣୀ ନଗରୀର ଦୁର୍ଗାପୂଜା ପ୍ରାୟ ୪୦୬ ବର୍ଷର ପୁରୁଣା ଐତିହ୍ୟ ବହନ କରୁଛି। ଏଠାରେ ପୂଜା ଆରମ୍ଭ ହୋଇଥିଲା ଏକ ଚାଳଛପର ଘରରେ ବଙ୍ଗୀୟ ପରମ୍ପରା ଅନୁଯାୟୀ ମୃଣ୍ମୟୀ ପ୍ରତିମା ସହିତ। ସମୟ କ୍ରମେ ଏହି ପୂଜା ଏକ ବିରାଟ ଅଟ୍ଟାଳିକା ଓ ଶିଳ୍ପ ମଣ୍ଡପରେ ପରିଣତ ହୋଇଛି। ଯାହା ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ଆସନ୍ତି। ପୂଜାକୁ ଆକର୍ଷଣୀୟ କରିବା ପାଇଁ ପୂଜା କମିଟି ତରଫରୁ ଗ୍ରାମର ପ୍ରତ୍ୟେକ ଘର ଓ ଅଗଣାକୁ ଝୋଟି, ମୁରୁଜ ଓ ଚିତା ଦ୍ୱାରା ଶୃଙ୍ଖଳାବଦ୍ଧ ଭାବେ ସଜାଯାଇଛି। ମହିଳାମାନଙ୍କ ଝୁଣା ଜଳା, ସିନ୍ଦୂର ଖେଳ ଓ ମାନସିକ ଭକ୍ତମାନଙ୍କର ସ୍ୱତନ୍ତ୍ର ପୂଜା ଅଞ୍ଚଳର ଆଧ୍ୟାତ୍ମିକ ଗଭୀରତାକୁ ଉଦ୍‌ଭାସିତ କରେ। କୁଷ୍ମାଣ୍ଡ ବଳି ଏଠାର ଅନ୍ୟତମ ଆକର୍ଷଣ ଯାହା ଗାଁ ଆସ୍ଥାର ଅଂଶ ଭାବେ ପାଳିତ ହୁଏ। ପୂଜା ପରିଚାଳନା କମିଟି ଧାମନଗର ପୁଲିସ ପ୍ରଶାସନ ସହିତ ମିଳିତ ଭାବେ ଉତ୍ସବକୁ ଶାନ୍ତିଶୃଙ୍ଖଳାରେ ପାଳନ କରୁଛି। ଏହି ବର୍ଷ ମୃଣ୍ମୟୀ ପ୍ରତିମା ନିର୍ମାଣ କରିଛନ୍ତି କାରିଗର ଅମର ମହାପାତ୍ର, ଯେଉଁଥିରେ ଶିଳ୍ପ ଓ ଭକ୍ତିର ମିଶ୍ରଣ ଦେଖିବାକୁ ମିଳିଛି। ଶୃଙ୍ଖଳା କମିଟି ଦାୟିତ୍ୱ ନିର୍ବାହ କରୁଛନ୍ତି ଆର୍ଯ୍ୟବନ୍ଧୁ ଓ ଅକ୍ଷୟ ଚନ୍ଦ୍ର ଦତ, ଯେଉଁମାନେ ପୂଜାକୁ ଆଧୁନିକ ଓ ଆକର୍ଷଣୀୟ ଭାବେ ପ୍ରସ୍ତୁତ କରିବା ପାଇଁ ଦୃଢ଼ ପ୍ରଚେଷ୍ଟା କରୁଛନ୍ତି। ସମନୁରୂପ ନୀଳ ସରସ୍ୱତୀ ପୂଜା ଓ ଦଶହରା ବଳଦ ନାଚର ଗୌରବ ଗୋବିନ୍ଦପୁର ଗ୍ରାମର ନୀଳ ସରସ୍ୱତୀ ପୂଜା ପ୍ରାୟ ୩୦୧ ବର୍ଷରୁ ଅଧିକ ପୁରୁଣା ଅନୁଷ୍ଠାନ। ମା' ତାରା ଦେବୀଙ୍କ ନୀଳ ସରସ୍ୱତୀ ରୂପରେ ଷୋଡଶ ଉପଚାର ଅନୁସାରେ ଆରାଧନା କରାଯାଏ। ଦଶହରା ବଳଦ ନାଚ, ରାବଣ ପୋଡ଼ି, ପାଲା ପରିବେଷଣ ଓ ଆଧ୍ୟାତ୍ମିକ ଆଲୋଚନା ଏଠାର ମୁଖ୍ୟ ଆକର୍ଷଣ। ଏହି ବର୍ଷ ପାଲା ଗାୟିକା ନମିତା ନାୟକ ଓ ମିନତି ସ୍ୱାଇଁ ଅଞ୍ଚଳର ସାଂସ୍କୃତିକ ଗୌରବକୁ ଉଦ୍‌ଭାସିତ କରିବେ।

## ନାଥସାହିରେ ଅଷ୍ଟଭୂଜା ଦୁର୍ଗାପୂଜା



ଦୋଳସାହି,୨୯।୯(ସମିସ): ତିହିଡି ବ୍ଲକ୍ ଅଧୀନ ଦୋଳସାହି ପଞ୍ଚାୟତ ନାଥସାହି ଠାରେ ୨ଶହ ବର୍ଷ ହେବ ପୂଜା ପାଇ ଆସୁଛନ୍ତି ମା' ଦୁର୍ଗା। ତେବେ ବିଶେଷତ୍ୱ ହେଉଛି ଏଠି ମାଆ ଦୁର୍ଗା ଅଷ୍ଟଭୁଜା ରୂପ ଧାରଣ କରି ପୂଜା ପାଉଛନ୍ତି। ବହୁ ବର୍ଷ ଆଗରୁ ଭକ୍ତ ନିଜର ମାନସିକ ପୂରଣ ପାଇଁ ବୋଦା ବଳି ପଡୁଥିଲା। ପ୍ରଶାସନ ପକ୍ଷରୁ ବଳି ପ୍ରଥା ବନ୍ଦ ହେବା ପରେ ଭକ୍ତମାନେ କଖାରୁ ବଳି ମହାସପ୍ତମୀରୁ ମହାନବମୀ ପର୍ଯ୍ୟନ୍ତ ନିଜର ମାନସିକ ପୂରଣ ପାଇଁ ପକାଇଥାନ୍ତି।

## ବଙ୍ଗାଳିସାହିରେ ପାଞ୍ଚଶହ ବର୍ଷର ଦୁର୍ଗା ପୂଜା

ବନ୍ତ/ଆଗରପଡ଼ା,୨୯।୯(ସମିସ): ଶାରଦୀୟ ଦୁର୍ଗାପୂଜା ପୁରପଲ୍ଲୀଠାରୁ ସହରବଜାର ପର୍ଯ୍ୟନ୍ତ ଅପୂର୍ବ ଧାର୍ମିକ ଭାବନା ଓ ଚେତନା ମଧ୍ୟରେ ଆରମ୍ଭ ହୋଇଛି। ଆଗରପଡ଼ାସ୍ଥିତ ବଙ୍ଗାଳୀସାହିଠାରେ ମଧ ଦୁର୍ଗାପୂଜା ଆରମ୍ଭ ହୋଇଛି। ଉକ୍ତ ସାହିରେ ବିଶେଷ କରି ମା'ଙ୍କର ଅଷ୍ଟମୀ ପୂଜାରେ ମାନସିକଧାରୀ ମାନେ କଖାରୁ ଛେଦନ ପାଇଁ ଦାନ କରିଥାନ୍ତି।




ସୋମବାରଠାରୁ ମଣ୍ଡପରେ ଯଥାରୀତି ପୂଜାର୍ଚ୍ଚନା ସହ ଭଜନ କୀର୍ତ୍ତନ ଆରମ୍ଭ ହୋଇଛି। ଜନଶୃତି କହେ ପ୍ରାୟ ୫ ଶହ ବର୍ଷ ତଳେ ଏହି ପୂଜା ଏଠାରେ ଆରମ୍ଭ ହୋଇଥିଲା। ବଙ୍ଗାଳିସାହୀ ବାସିନ୍ଦା ସ୍ୱର୍ଗତ ଶଙ୍କର ପାଳ ଜଣେ ଗରୀବ ଲୋକଥିଲେ। ଆଗରପଡ଼ା ତଥା ଏହାର ଆଖପାଖ ଅଞ୍ଚଳରେ ସୂତା ବିକ୍ରିକରି ପରିବାର ପ୍ରତିପୋଷଣ କରୁଥିଲେ। ସ୍ୱପ୍ନାଦେଶ ପରେ ସେ ଏହି ପୂଜା ଆରମ୍ଭ କରିଥିଲେ। ତତ୍କାଳୀନ ଆଗରପଡ଼ା ମାହାଲ ରାଜା ଏହି ପୂଜା ପାଇଁ ୩ ଏକର ଜମି ଦାନ କରିଥିଲେ। ସେହିଦିନଠାରୁ ଏହି ପୂଜା ନିରବଚ୍ଛିନ୍ନ ଭାବେ ପାଳନ ହୋଇଆସୁଛି। ବଙ୍ଗାଳୀସାହି ଉପରସାହିର ୮୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦୁର୍ଗାପୂଜା ପାଳିତ ହୋଇଆସୁଛି। ତତ୍କାଳୀନ ମହାଜୀବ ରାଜା ଏହି ପୂଜା ପାଇଁ ଦେଢ ଏକର ଜମି ଦାନ କରିଛନ୍ତି। ଏହି ସାହିର ମଝିସାହିରେ ବିଶିଷ୍ଟ ଶିଳ୍ପୀ ସ୍ୱର୍ଗତ ଶଙ୍କର ଚୌଧୁରୀଙ୍କ ପ୍ରଚେଷ୍ଟାରେ ଦୁର୍ଗାପୂଜା ପ୍ରାୟ ୪୨ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଏହି ପବିତ୍ର ଆଗରପଡ଼ା ଜନ୍ମସ୍ଥାନରେ ବାରମାସରେ ତେରପର୍ବ କେଉଁ ଆବାହନୀ କାଳରୁ ପାଳନ ହୋଇଆସୁଛି। ଏହି ସ୍ଥାନକୁ ମନ୍ଦିରମାଳିନୀ ମିନି ନଗରୀ କୁହାଯାଉଥିବାରୁ ଓଡ଼ିଶାରେ ଆଗରପଡ଼ା ସ୍ଥାନ ସ୍ୱତନ୍ତ୍ର ବୋଲି ସ୍ଥାନୀୟ ଅଧିବାସୀମାନେ ଗର୍ବ ଅନୁଭବ କରିଛନ୍ତି।

## ଚୋରା ଭାଟି ଭାଙ୍ଗିଲେ ଗାଁ ମହିଳା



ଅସୁରାଳି,୨୯।୯(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ଖପରପଦା ପଞ୍ଚାୟତର ମଙ୍ଗଳପୁର ଗ୍ରାମର ମହିଳାମାନେ ଦୀର୍ଘ ଦିନ ଧରି ଅଞ୍ଚଳରେ ଚାଲିଥିବା ଅବୈଧ ମଦ ଉତ୍ପାଦନ ବିରୁଦ୍ଧରେ ନିଜେ ସାହସ ଧରି ଆଗକୁ ଆସିଛନ୍ତି। କପାଳୀ ନଦୀ କୂଳରେ ଗଢି ଉଠିଥିବା ଏହି ଭାଟିରୁ ମଙ୍ଗଳପୁର, ସହିଦ୍ନଗର, କୋଠାର ଓ ଅସୁରାଳି ଗ୍ରାମକୁ ଦେଶୀ ବିଦେଶୀ ମଦ ଯୋଗାଣ ହେଉଥିଲା। ଅନେକ ଥର ଅବକାରୀ ବିଭାଗ ଓ ପୁଲିସ ଅଧିକାରୀଙ୍କୁ ଅବଗତ କରାଯିବା ସତ୍ତ୍ୱେ ଯଥାଯଥ ପଦକ୍ଷେପ ଗ୍ରହଣ ନ କରାଯିବା ଦେଖି ଗ୍ରାମର ମହିଳାମାନେ ନିଜେ ଲାଠି ଡାଙ୍ଗ ନେଇ ଭାଟିକୁ ଧ୍ୱଂସ କରି ଦେଇଛନ୍ତି। ରିଲୁ ଲତା ମଲିକ, ସମ୍ପଦ ମଲିକ, ସନ୍ଧ୍ୟାରାଣୀ ମଲିକ, ଜେମା ମଣି ମଲିକ, ମୀନତି ମଲିକ ଓ ଅନ୍ୟାନ୍ୟ ମହିଳାମାନେ ଏହି ଉଦ୍ୟମର ଅଗ୍ରଣୀ ଭୂମିକା ତୁଲାଇଥିଲେ। ଘଟଣା ପ୍ରଶାସନର ଅବହେଳାକୁ ପ୍ରକାଶ କରିଥିବା ସହ, ଗ୍ରାମବାସୀଙ୍କ ମଧ୍ୟରେ ଆକ୍ରୋଶ ଓ ଜାଗୃତି ଉଭାସିତ କରିଛି। ଅବକାରୀ ବିଭାଗ ଚଢଉ ପରିବର୍ତ୍ତେ ହାତ ଗୁଞ୍ଜା ନେଇ ନୀରବ ଦ୍ରଷ୍ଟା ସାଜିଥିବା ଅଭିଯୋଗ ମଧ ମିଳିଛି। ଏହି ଅନ୍ୟାୟ ବିରୁଦ୍ଧରେ ମହିଳା ମାନଙ୍କ ଦୃଢ଼ ଅଭିଯାନ ଏକ ସାମୁଦାୟିକ ଜାଗୃତିର ଦୃଷ୍ଟାନ୍ତ ସ୍ଥାପନ କରିଛି। ଏସ୍‌ପି ମନୋଜ ରାଉତଙ୍କୁ ମହିଳା ମାନେ ଅବଗତ କରିଥିବା ପରେ ସେ ଦୃଢ଼ ଭାବେ କହିଛନ୍ତି, ଖୁବ୍ ଶୀଘ୍ର ଉକ୍ତ ଅଞ୍ଚଳରେ ଚୋରା ଭାଟି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଉଦ୍‌ବୋଧନ ମହିଳାମାନଙ୍କ ଆତ୍ମବିଶ୍ୱାସକୁ ବଢ଼ାଇଛି। ତେବେ ଏହି ଅଞ୍ଚଳରେ ଅବୈଧ କାର୍ଯ୍ୟକଳାପ ବନ୍ଦ କରିବା ପାଇଁ ପ୍ରଶାସନ ର ଦୃଢ଼ ଓ ନିଷ୍ପକ୍ଷ ଭୂମିକା ଅତ୍ୟାବଶ୍ୟକ।

## ୨୯ ବର୍ଷରେ ପାରାବନ୍ଧ ଦୁର୍ଗାପୂଜା



ବନ୍ତ/ଆଗରପଡ଼ା,୨୯।୯(ସମିସ): ଶାରଦୀୟ ଦୁର୍ଗାପୂଜା ଧୂମଧାମରେ ପାଳିତ ହେଉଛି। ମଙ୍ଗଳବାର ଅଷ୍ଟମୀ ପୂଜା ପାଳିତ ହେବାକୁ ଯାଉଥିବା ବେଳେ ସୋମବାର ଠାରୁ ଯଥାରୀତି ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଏହି ଅବସରରେ ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତ ଅନ୍ତର୍ଗତ ପାରାବନ୍ଧ ଗ୍ରାମ ଉତ୍ସବମୁଖର ହୋଇଉଠିଛି। ଚଳିତ ବର୍ଷ ଉକ୍ତ ଅଞ୍ଚଳରେ ମା'ଙ୍କ ପୂଜା ୨୯ ବର୍ଷରେ ପଦାର୍ପଣ କରିଅଛି। ସୂଚନାନୁଯାୟୀ; ୨୮ ବର୍ଷ ତଳେ ଗ୍ରାମର ବିଶିଷ୍ଟ ବ୍ୟକ୍ତି ରବିନ୍ଦ୍ର ଜେନାଙ୍କ ଉଦ୍ୟମ କ୍ରମେ ଗ୍ରାମବାସୀଙ୍କ ସହଯୋଗରେ ଏଠାରେ ମା'ଙ୍କ ଶାରଦୀୟ ଦୁର୍ଗା ପୂଜା ଆରମ୍ଭ ହୋଇଥିଲା। ସମୟାନୁକ୍ରମେ ଆଖପାଖ ଗ୍ରାମବାସୀ ଉକ୍ତ ପୂଜା ସହ ଜଡ଼ିତ ହେବା ଯୋଗୁଁ ଏକ ସର୍ବକାଳୀନ ଦୁର୍ଗାପୂଜା କମିଟି ଗଠନ କରାଯାଇ ମା'ଙ୍କ ମୃଣ୍ମୟୀ ମୂର୍ତ୍ତୀ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଅଛି। ସୁନ୍ଦର ଆଲୋକସଜ୍ଜା ବେଶ୍ ଅକର୍ଷଣୀୟ ହୋଇପାରିଛି। ଅଞ୍ଚଳରେ ଏକମାତ୍ର ରାବଣ ପୋଡ଼ି ହେଉଥିବା ଯୋଗୁଁ ଦଶହରାଦିନ ରାବଣ ପୋଡ଼ି ଦେଖିବା ପାଇଁ ବହୁ ଜନସମାଗମ ହୋଇଥାଏ। ପୂଜା କମିଟିର ପରାମର୍ଶଦାତା ଦୋଳଗୋବିନ୍ଦ ସାହୁ, ସନ୍ତୋଷ ଜେନା, ନାରାୟଣ ଚନ୍ଦ୍ର ଜେନା, ଅନାମ ଚରଣ ନାୟକ, ଭାଗିରଥି ରାଉତ, ସରୋଜ ଜେନା, ବସନ୍ତ ମହାନ୍ତି, ଶରତ ପଲେଇ, ଅନାମ ଜେନା, ସନ୍ତୋଷ ସାହୁଙ୍କ ସମେତ କମିଟିର ସଭ୍ୟ ଓ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମା'ଙ୍କ ପୂଜା ଧୂମଧାମରେ ପାଳିତ ହେବାକୁ ଯାଉଛି।

## ସହିଦ ପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ମନ୍ତ୍ରୀ, ସାଂସଦ ଓ ବିଧାୟକ



ବାସୁଦେବପୁର,୨୯।୯(ସମିସ): ରକ୍ତତୀର୍ଥ ଇରମ ମାଟି ଏକ ସଂଗ୍ରାମ ମାଟି। ଭାରତଛାଡ଼ ଆନ୍ଦୋଳନର ଏକମାତ୍ର ନାରୀ ସଂଗ୍ରାମୀ ପରି ବେୱା ଇରମରେ ସହିଦ ହୋଇଥିଲେ। ଆମର ଇତିହାସର ଗର୍ବ ଗୌରବକୁ ପରପିଢିକୁ ଜଣାଇବାକୁ ଆମେ ପ୍ରଚେଷ୍ଟା ଜାରି ରଖିବା। ଇରମ ମାଟିର ସଂଗ୍ରାମୀମାନଙ୍କ ଗୌରିମାକୁ ଡିଜିଟାଲ ପାଠ୍ୟପୁସ୍ତକରେ ଅନ୍ତର୍ଭୁକ୍ତ କରି ସମଗ୍ର ଭାରତ ବର୍ଷରେ ପ୍ରଚାରିତ କରିବା। ଇରମଠାରେ ୮୩ ତମ ସହିଦ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଏନେଇ ମତପ୍ରକାଶ କରିଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରଥମ କରି ରକ୍ତତୀର୍ଥ ଇରମ ସହିଦ ଦିବସକୁ ରାଜ୍ୟସ୍ତରୀୟ ଦିବସ ଭାବେ ପାଳନ କରାଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ସନ୍ଧ୍ୟା ଆସର ସଭାରେ ଯୋଗଦେବାକୁ ଆସିଥିବା ମନ୍ତ୍ରୀ, ସାଂସଦ ଓ ବିଧାୟକ ସହିଦ ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଉଚ୍ଚ ଶିକ୍ଷା, କ୍ରୀଡ଼ା ଯୁବ ବ୍ୟାପାର ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ ଯୋଗଦେଇ ମତପ୍ରକାଶ କରିଥିଲେ। ସଭାର ସହିଦ ସ୍ମୃତି କମିଟିର ସଭାପତି ପଦ୍ମନାଭ ଦାଶ ସଭାପତିତ୍ୱ କରିଥିଲେ। ଅଭିନନ୍ଦନ ଦାସ ସଭାରେ ସଂଯୋଜନା କରିଥିଲେ। ସମ୍ମାନିତ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ, ଜିଲ୍ଲାପାଳ ଦିଲୀପ ରାଉତରାଏ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ପୌରାଧ୍ୟକ୍ଷା ନିବେଦିତା ବେହେରା ଓ ସମିତି ସଭ୍ୟା ଲଗ୍ନିକା ମଲ୍ଲିକ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସହିଦ ସ୍ମୃତି କମିଟିର ସମ୍ପାଦକ ରଞ୍ଜନ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସରପଞ୍ଚ ସାବିତ୍ରୀ ବଳ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବଲପୁରୀ ଓ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ବାସୁଦେବପୁର ବିଡିଓ ତନ୍ମିତା କର ଓ ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାର୍ତିକ ଚନ୍ଦ୍ର ମଣ୍ଡଳ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଲିଫ୍ଟରେ ଚାପି ହୋଇ ଜଣେ ଗୁରୁତର

ଭଦ୍ରକ,୨୯।୯(ସମିସ): ଲିଫ୍ଟରେ ଚାପି ହୋଇ ଜଣେ ଗୁରୁତର ହୋଇଥିବା ବେଳେ ଅନ୍ୟଜଣେ ଆହତ। ଭଦ୍ରକ ସହର ଅପର୍ତିବିନ୍ଧା ରୋଡସ୍ଥିତ ଦାସ ହୋଣ୍ଡା ସୋରୁମରେ ଏହି ଅଘଟଣ ଘଟିଛି। ଏଥିରେ ସୋ'ରୁମର କର୍ମଚାରୀ ରାଜେନ୍ଦ୍ର ସାହୁ ଆହତ ହୋଇଥିବା ବେଳେ ଗାଡ଼ି ଫାଇନାନ୍ସ କରିଥିବା ପିତାମ୍ବର ବାରିକ ଗୁରୁତର ହୋଇଛନ୍ତି। ଉପର ଛାତରୁ ଲିଫ୍ଟରେ ତଳକୁ ଗାଡି ଆଣୁଥିବା ବେଳେ ଲିଫ୍ଟରେ ଚେନ ଚିଡ଼ିଗଲା ଫଳରେ ଲିଫ୍ଟଟି ତଳକୁ ଖସିପଡ଼ିଥିଲା। କର୍ମଚାରୀ ମାନେ ଉଭୟଙ୍କୁ ଉଦ୍ଧାର କରିଥିଲେ। ପରେ ଅଗ୍ନିଶମ ବାହିନୀ ପହଞ୍ଚି ଗୁରୁତରଙ୍କୁ ଭଦ୍ରକ ମେଡ଼ିକାଲରେ ଭର୍ତ୍ତି କରିଥିବା ବେଳେ ଆହତଙ୍କୁ କର୍ମଚାରୀ ମାନେ ମେଡ଼ିକାଲରେ ଭର୍ତ୍ତି କରାଇଛନ୍ତି।

## ଶିଶୁ ମନ୍ଦିରରେ ଶତାବ୍ଦୀ ଉଦ୍‌ଘାଟିତ

ଦୋଳସାହି,୨୯।୯(ସମିସ): ତିହିଡି ବ୍ଲକ କୁବେରା ପଞ୍ଚାୟତ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଜୟପୁରର ପ୍ରଧାନଆଚାର୍ଯ୍ୟ ଗଣେଶ ପ୍ରସାଦ ରାଉତଙ୍କ ଅଧ୍ୟକ୍ଷତାରେ ତିହିଡି ଖଣ୍ଡ ବିଲଣା ମଣ୍ଡଳ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଶତାବ୍ଦୀ ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଭଦ୍ରକ ଜିଲ୍ଲା ଗ୍ରାମ ବିକାଶ ପ୍ରମୁଖ କିଶୋର କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମାଜସେବୀ ସଞ୍ଜୟ ବେହେରା ଉପସ୍ଥିତ ହୋଇ ମାର୍ଗଦର୍ଶନ କରିଥିଲେ। ଗୁରୁଜୀ ଦୀପ୍ତିକାନ୍ତ ଯେନା ମୁଖ୍ୟ ଶିକ୍ଷକ ଭାବେ କାର୍ଯ୍ୟ ପରିଚାଳନା କରିଥିଲେ। ଗୁରୁମା ରଶ୍ମିତା ନାୟକ, ଗୁରୁମା ପୂର୍ଣ୍ଣିମା ଖଟୁଆ, ପ୍ରତିଭା ରାଣୀ ସାହୁ, ସେବତୀ ତ୍ରିପାଠୀ ଓ ରଶ୍ମିତା ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶିଶୁ ମନ୍ଦିରର ପୂର୍ବ ଛାତ୍ର ମୁକ୍ତିକାନ୍ତ ସାହୁ, ଜୀବନ ଜ୍ୟୋତି ନାୟକ ଓ ପ୍ରତ୍ୟୁଷ ବେହେରା ପ୍ରମୁଖ ଯୋଗଦାନ କରିଥିଲେ।

## ଧାମନଗର କଲେଜର ଏନ୍‌ଏସ୍‌ଏସ୍ ସ୍ପେଶାଲ କ୍ୟାମ୍ପ ଉଦ୍‌ଘାଟିତ

ଦୋବଲ,୨୯।୯(ସମିସ): ଧାମନଗର ମହାବିଦ୍ୟାଳୟର +୩ ଜାତୀୟ ସେବା ଯୋଜନା ଏନଏସଏସ ୟୁନିଟ୍ ଦ୍ୱାରା ଆୟୋଜିତ ୭ଦିନିଆ ଦୁର୍ଗାପୂଜା ସ୍ପେଶାଲ କ୍ୟାମ୍ପ ରବିବାର ପୋଷ୍ୟଗ୍ରାମ ନନ୍ଦିପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଉଦଘାଟିତ ହୋଇଛି। ଉଦ୍‌ଘାଟନୀ ଅବସରରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ବେଜ ସଭାପତିତ୍ୱ କରିଥିଲେ। ସ୍ଥାନୀୟ ଗ୍ରାମର ଅବସରପ୍ରାପ୍ତ ଶିକ୍ଷାବିତ ପ୍ରିୟରଞ୍ଜନ ସାମଲ ଏନଏସଏସର ଭୂମିକା ବିଷୟରେ ଆଲୋଚନା କରିଥିଲେ। ୱାର୍ଡ ମେମ୍ବର ବାସନ୍ତୀ ବେହେରା, ବରିଷ୍ଠ ନାଗରିକ ଧନେଶ୍ୱର ନାଏକ, ମହାବିଦ୍ୟାଳୟର ଅଧ୍ୟାପକ ଚିନ୍ମୟ ଜେନା, ଅଧ୍ୟାପିକା ଗୀତାଞ୍ଜଳି ଦେବତା, କର୍ମଚାରୀ ଜିଜ୍ଞାସୁ ଦାଶ ଓ ଅବସରପ୍ରାପ୍ତ କର୍ମଚାରୀ ରାମଚନ୍ଦ୍ର ବେହେରା ମଧ୍ୟ ସଭାକୁ ସମ୍ବୋଧିତ କରିଥିଲେ। ପ୍ରୋଗ୍ରାମ ଅଫିସର ଡ. ମନୋଜ କୁମାର କର ଛାତ୍ରଛାତ୍ରୀଙ୍କୁ ପ୍ରେରିତ କରିଥିଲେ। ଶିବିରର ପ୍ରଥମ ଦିନରେ ୪୬ ଜଣ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ସକ୍ରିୟ ଭାବେ ଯୋଗଦାନ କରିଥିଲେ। ପୂର୍ବତନ ସ୍ୱେଚ୍ଛାସେବୀ ଭାଗିରଥି ମାଝୀ ଓ ଅନ୍ୟମାନଙ୍କର ସହଭାଗୀତା ଶିବିରକୁ ଆଉ ଉତ୍ସାହିତ କରିଥିଲା। ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀମାନେ ସମୁଦାୟଭାବେ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ଅଧ୍ୟାପକ ଚିନ୍ମୟ ଜେନା ଧନ୍ୟବାଦ ଜଣାଇ ସଭାର ସମାପନ କରିଥିଲେ।





## ଚଢ଼ଉ ; ବାଣ ଜବତ



ବାରିକପୁର,୨୯।୯(ସମିସ): ବେଆଇନ ବାଣ ବ୍ୟବସାୟ ନେଇ ଭଣ୍ଡାରିପୋଖରୀ ଥାନା ପକ୍ଷରୁ ଆଜି ବିଭିନ୍ନ ସ୍ଥାନରେ ଚଢଉ କରାଯାଇଛି। ଥାନା ଅନ୍ତର୍ଗତ ଆଖୁଆପଦା ଠାରୁ ମଣୀନାଥପୁର ମଧ୍ୟରେ ଏହି ଚଢଉ ହୋଇଥିଲା। ଚଢ଼ଉ ବେଳେ ରହଣିଆ ଓ ରାମଚନ୍ଦ୍ରପୁର ପଞ୍ଚାୟତ ମଧ୍ୟସ୍ଥଳ ଏକ ଗ୍ରାମରୁ ବ୍ୟାପକ ବାଣ ଜବତ୍ ହୋଇଥିବା ଜଣାପଡିଛି। ଏଥିରେ ବୋହୁ ଦେଶୀ ଓ ଅତ୍ୟାଧୁନିକ ଶୈଳୀରେ ନିର୍ମିତ ବାଣ ରହିଥିବା ସୂଚନା ମିଳିଛି। ଥାନା ଅଧିକାରୀ କମଳାକାନ୍ତ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚଢଉ ହୋଇଥିଲା। ଆଗକୁ ଦୀପାବଳୀ ଆସୁଥିବା ବେଳେ ପୁଲିସ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ ଅନୁଯାୟୀ ଏଭଳି ଚଢ଼ାଉ ଆରମ୍ଭ ହୋଇଥିବା ଜଣାପଡିଛି।



# ସମ୍ପାଦକୀୟ



ଅହିଂସାର ପ୍ରଥମ ସୋପାନ ହେଉଛି ଜୀବନର ସବୁକ୍ଷେତ୍ରରେ ନ୍ୟାୟର ସୁନିଶ୍ଚିତତା।
-ମହାତ୍ମା ଗାନ୍ଧୀ

ସକାଳ
THE SAKALA

## ଅଭିନେତାରୁ ରାଜନେତା

ଦକ୍ଷିଣ ଭାରତ ରାଜନୀତିରେ ସିନେତାରକାଙ୍କ ପ୍ରଭାବ ଓ ପତିଆରା କିଛି ନୂଆ କଥା ନୁହେଁ। ଅତୀତରେ ତାମିଲନାଡୁରେ ଏମଜି ରାମଚନ୍ଦ୍ରନ ଓ ଜୟଲଳିତା ମୁଖ୍ୟମନ୍ତ୍ରୀପଦ ମଣ୍ଡନ କରିଥିଲେ। ସେହିଭଳି ଆନ୍ଧ୍ରପ୍ରଦେଶରେ ମଧ୍ୟ ଲୋକପ୍ରିୟ ସିନେ ଅଭିନେତା ଏନଟି ରାମାରାଓ କ୍ଷମତା ରାଜନୀତିର ଶୀର୍ଷ ସ୍ଥାନ ହାସଲ କରିଥିବା ଘଟଣା ସିନେପ୍ରେମୀଙ୍କ ମନରୁ ଲିଭିନାହିଁ। ରାଜ୍ୟବାସୀଙ୍କ ଚଳଚ୍ଚିତ୍ର ପ୍ରତି ଥିବା ଆକର୍ଷଣ ଏହି ଶିଳ୍ପକୁ ଉଚ୍ଚତର ସୋପାନରେ ପହଞ୍ଚାଇଛି ଏବଂ କଳାକାରଙ୍କ ଉପାର୍ଜନ ମଧ୍ୟ ଆଶାତୀତ ଭାବେ ବୃଦ୍ଧି ପାଇଛି। ନିକଟରେ 'ପୁଷ୍ପା- ୨' ଚଳଚ୍ଚିତ୍ର ରିଲିଜକୁ କେନ୍ଦ୍ର କରି ଅସମ୍ଭାଳ ଜନତା ଗହଳିକୁ ନିୟନ୍ତ୍ରଣ କରାଯାଇ ନପାରିବାରୁ ଦଳାଚକଟାରେ କିଛି ଲୋକ ମୃତାହତ ହୋଇଥିଲେ। ସେହି ଘଟଣାର ଆକର୍ଷଣ କେନ୍ଦ୍ର ବିନ୍ଦୁ ଥିଲେ ଲୋକପ୍ରିୟ ଅଭିନେତା ଆଲ୍ଲୁ ଅର୍ଜୁନ୍। ଆନ୍ଧ୍ର ପ୍ରଦେଶର ଉପୁଜିଥିବା ଏହି ଦଳାଚକଟାର ପୁନରାବୃତ୍ତି ଘଟିଥିଲା କର୍ଣ୍ଣାଟକର ବେଙ୍ଗାଲୁରୁ ସହରରେ। ଆଇପିଏଲ ଚମ୍ପିଆନ ଆରସିବି ଦଳ ବିଶେଷ କରି କ୍ରିକେଟ ତାରକା ବିରାଟ କୋହିଲଙ୍କୁ ଦେଖିବା ପାଇଁ ହୋଇଥିବା ଅନିୟନ୍ତ୍ରିତ ଭିଡ଼ରେ ମଧ୍ୟ ୧୧ ଜଣଙ୍କ ପ୍ରାଣହାନି ଘଟିଥିଲା। ଗତ ଶନିବାର ତାମିଲ ଅଭିନେତା ବିଜୟ ଥାଲାପତିଙ୍କ ରାଜନୈତିକ ସମାବେଶ ସମସ୍ତ ଘଟଣାକୁ ଅତିକ୍ରମ କରିଯାଇଛି। ୯ ଶିଶୁଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ ଦଳାଚକଟାରେ ଅଣନିଃଶ୍ୱାସୀ ହୋଇ ପ୍ରାଣ ହରାଇ ଥିବାବେଳେ ୫୦ରୁ ଉର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ଏଭଳି ଦୁଃଖଦ ଘଟଣା ବାରମ୍ବାର ଉପୁଜିଥିଲେ ମଧ୍ୟ ଜନଗହଳି ବା ଭିଡ଼ ନିୟନ୍ତ୍ରଣ କରିବାରେ କ୍ଷମତାରେ ଥିବା ସରକାରଙ୍କ ଅସାମର୍ଥ୍ୟ କଠୋର ସମାଲୋଚନାର ସମ୍ମୁଖୀନ ହୋଇଛି।

ତାମିଲ ଚଳଚ୍ଚିତ୍ର ଜଗତରେ ବିଜୟ ଅନ୍ୟତମ ଲୋକପ୍ରିୟ ଅଭିନେତା। ସିନେପ୍ରେମୀଙ୍କ ଏହି ଭଲପାଇବାକୁ ଆଧାର କରି ସେ ଗଠନ କରିଥିବା ରାଜନୈତିକ ଦଳ ତାମିଲାଗା ଭେଟ୍ରି କାଝାଗାମ(ଟିଭିକେ) ଆସନ୍ତା ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପ୍ରସ୍ତୁତି ଚଳାଇଛି। କରୁର ଜିଲ୍ଲାରେ ଆୟୋଜିତ ଏହି ଜନସମାବେଶ ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ବିପର୍ଯ୍ୟୟ ଘଟିଥିଲା। ଏହା ପଛରେ ଥିବା ତିନିଟି କାରଣ ମଧ୍ୟରୁ ସବୁଠାରୁ ପ୍ରମୁଖ ହେଉଛି ବିଜୟ ନିଜେ ସମାବେଶ ସ୍ଥଳରେ ନିର୍ଦ୍ଧାରିତ ସମୟର ୬ ଘଣ୍ଟା ବିଳମ୍ବରେ ପହଞ୍ଚିବା। ଦଶହଜାର ଲୋକଙ୍କ ଆୟୋଜନ ସକାଶେ ଦଳପକ୍ଷରୁ ପ୍ରଶାସନିକ ଅନୁମତି ନିଆଯାଇଥିବା ବେଳେ ସେଠାରେ ପ୍ରାୟ ୩୦ ହଜାର କର୍ମୀଙ୍କ ଉପସ୍ଥିତି ଯୋଗୁଁ ପରିସ୍ଥିତି ଅସମ୍ଭାଳ ହୋଇପଡ଼ିଥିଲା। ସନ୍ଧ୍ୟା ସାଢ଼େ ୭ଟାରେ ବସ ଉପରୁ ଜନସମାବେଶକୁ ବିଜୟ ଉଦ୍‌ବୋଧନ ଦେଉଥିବା ବେଳେ ବାରମ୍ବାର ବିଜୁଳି କାଟ ପରିସ୍ଥିତିକୁ ଅଣାୟତ୍ତ କରିଥିଲା। ଦୀର୍ଘ ସମୟ ଧରି ପ୍ରିୟ ନେତାଙ୍କୁ ଦେଖିବା ସକାଶେ ଅପେକ୍ଷାରତ ଦର୍ଶକ ଅସହ୍ୟ ଗରମ ଓ ଗୁଳୁଗୁଳିରେ ଆଉଟୁପାଉଟୁ ହୋଇପଡ଼ିଥିଲେ। ଅଥଚ ସମାବେଶ ସ୍ଥଳରେ ପାନୀୟ ଜଳ ବ୍ୟବସ୍ଥା ସନ୍ତୋଷଜନକ ନଥିଲା। ଏହି ପରିସ୍ଥିତିକୁ ଅନୁଧ୍ୟାନ କଲାବେଳେ ସ୍ୱତଃ ମନ ଭିତରେ ପ୍ରଶ୍ନ ଉଠେ ସମାବେଶସ୍ଥଳକୁ ଏହି ଅତିରିକ୍ତ ଦର୍ଶକଙ୍କୁ ଆସିବା ପାଇଁ ସ୍ଥାନୀୟ ପ୍ରଶାସନ କାହିଁକି ରୋକିଲା ନାହିଁ। ଯେଭଳି ଗୋଟିକ ପରେ ଗୋଟିଏ ଘଟଣା ଦକ୍ଷିଣ ଭାରତରେ ଉପୁଜିଚାଲିଛି ସେ ଦୃଷ୍ଟିରୁ କର୍ତ୍ତୃପକ୍ଷ ସତର୍କ ହେବାର ଥିଲା। ଚଳିତ ମାସ ୧୩ ତାରିଖରେ ବିଜୟଙ୍କ ତ୍ରିଚି ସମାବେଶର ଦଳାଚକଟା ପରିସ୍ଥିତି ଉପୁଜିବା ଘଟଣାକୁ ଦୃଷ୍ଟିରେ ରଖି ହାଇକୋର୍ଟ ଆଗକୁ ସତର୍କତା ଅବଲମ୍ବନ କରିବାକୁ ଚେତାବନୀ ଦେବା ସତ୍ତ୍ୱେ କରୁରରେ ଏହି ଭୟାବହ ପରିସ୍ଥିତି ଉପୁଜିଛି। ମାଡ୍ରାସ ହାଇକୋର୍ଟ ନିଜଆଡୁ ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ଘଟଣାର ବିଚାର କରିବା ଉଚିତ। ଏକ୍ଷେତ୍ରରେ ଘୋଷିତ ବିଚାର ବିଭାଗୀୟ ତଦନ୍ତ ଯଥେଷ୍ଟ ନୁହେଁ।

ଏକଥା ସତ ଯେ ଦକ୍ଷିଣ ଭାରତରେ ଉପୁଜିଥିବା ସବୁ ଘଟଣାକୁ କରୁର ବିପର୍ଯ୍ୟୟ ଅତିକ୍ରମ କରିଯାଇଛି। ସମବେଦନା, ସହାନୁଭୂତି ଓ ଅନୁକମ୍ପା ରାଶି ଘୋଷଣା ସମସ୍ୟାର ସମାଧାନ ନୁହେଁ। ତାହାର ସ୍ଥାୟୀ ପ୍ରତିକାର ହେବା ଉଚିତ। ଅଭିନେତାରୁ ରାଜନେତା ହେବାର ଅଭୀପ୍ସା ଓ ଆକାଂକ୍ଷା କିଛି ନୂଆକଥା ନୁହେଁ। ବିଜୟଙ୍କ ପୂର୍ବରୁ ରଜନୀକାନ୍ତ ମଧ୍ୟ ଅନୁରୂପ ପ୍ରୟାସ କରି ବିଫଳ ହୋଇଛନ୍ତି। ସିନେତାରକା ନିଜର ଲୋକପ୍ରିୟତାକୁ ଆଧାର କରି କ୍ଷମତା ରାଜନୀତି ଦଖଲ ବା ଅକ୍ତିଆର କରିବା ଏତେ ସହଜ ନୁହେଁ। ତଥାପି କ୍ଷମତାର ପ୍ରଭୁତ୍ୱ ପ୍ରତି ସମସ୍ତଙ୍କ ଆକର୍ଷଣ ରହିଛି ଓ ଆଗକୁ ରହିବ।

## ଚାଷୀଙ୍କ ଦୁର୍ଦ୍ଦଶା

ମା' ଦୁର୍ଗାଙ୍କ ଆବାହନୀରେ ରାଜ୍ୟରେ ଉତ୍ସବମୁଖର ମୁହୂର୍ତ୍ତ ସହ ସାମିଲ ହୋଇପାରୁନି ଚାଷୀ। ଖରିଫ ଋତୁରେ ଆମ ଚାଷୀଙ୍କ ଧାନଚାଷ ଉପରେ ନିର୍ଭରଶୀଳତା ସବୁଠାରୁ ଅଧିକ। ବେଉଷଣ ପରେ ପାଗଯୋଗ ଠିକ୍ ରହିଲେ ସମ୍ଭାବନାର ଅଙ୍କ କଷି ଚାଷୀ ଦୁର୍ଗାପୂଜା ଓ ଗଜଲକ୍ଷ୍ମୀଙ୍କ ଆରାଧାନାରେ ସପରିବାର ବିଭୋର ହୋଇପଡ଼େ। ଧାନଚାଷ ଠିକ୍‌ଠାକ୍ ଉତୁରି ଯାଉ ଏବଂ ଘର ଧନଧାନ୍ୟରେ ଭରିଯାଉ କାମନା କରି ସେ ମାଆଙ୍କ ଆଶୀର୍ବାଦ କାମନା କରିଥାଏ। ଇଏ ହେଉଛି ଆମ ଚଳଣି ଓ ଜୀବନଧାରାର ଅଂଶବିଶେଷ। ଦିନ କେତୋଟି ନ ଯାଉଣୁ ଅକ୍ଟୋବର ୧୬ ରେ ଗର୍ଭଣା ସଂକ୍ରାନ୍ତି। ଚାଷ ଜମିରେ ଧାନ ଗଛ ଗର୍ଭଧାରଣ କରିବ। ଏସବୁ ଦୃଷ୍ଟିରୁ ବିଚାର କଲେ ଚାଷୀ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସମୟ। ସାମାନ୍ୟ ଓଲମବିଲମ ହୋଇଗଲେ ସବୁ ମେହନତ ଓ ଲଗାଣ ପାଣିରେ ପଡ଼ିଯିବ। ଅଥଚ ଚଳିତ ଖରିଫଋତୁରେ ବିଳମ୍ବିତ ମୌସୁମୀ ବର୍ଷା। ତା'ସାଙ୍ଗକୁ ଅଗଷ୍ଟ ଓ ସେପ୍ଟେମ୍ବରରେ କ୍ରମାଗତ ଏମିତି ବର୍ଷା ଓଜାଡ଼ିଲା ଯେ ଧାନ ଚାଷ ଶୃଙ୍ଖଳାକୁ ଭାଙ୍ଗିଦେଇ ଚାଷୀ ଆଗପଛ ନ ବିଚାରି କୌଣସି ପ୍ରକାରେ ଫସଲ ଉତାରିବାରେ ଲାଗିପଡ଼ିଛି। ହେଲେ ଗୋଟିକ ପରେ ଗୋଟିଏ ମନୁଷ୍ୟକୃତ ଓ ପ୍ରାକୃତିକ ଧକ୍କା ତା' ମନୋବଳକୁ ଭାଙ୍ଗିଦେଇଛି।

ଏସନ ଧାନ ଚାଷ ବିଳମ୍ବରେ ଆରମ୍ଭ ହୋଇଥିବାରୁ ଚାଷୀର ସାର ଉପରେ ନିର୍ଭରଶୀଳତା ଅପେକ୍ଷାକୃତ ଅଧିକ ହେବା ସ୍ୱାଭାବିକ। ହେଲେ ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର। ଚାହିଦା ଅନୁଯାୟୀ ରାଜ୍ୟରେ ଯଥେଷ୍ଟ ସାର ମହଜୁଦ ନଥିବା ବେଳେ ଚୋରା କାରବାରକୁ ରୋକିବାରେ ପ୍ରଶାସନର ଅକ୍ଷମତା ପାଇଁ ଚାଷୀ ଅତିରିକ୍ତ ବ୍ୟୟଭାର ବହନ କରିବାକୁ ବାଧ୍ୟ ହୋଇଛି। ସମସ୍ୟା ସେତିକିରେ ଶେଷ ହୋଇନାହିଁ। ସାରର ନିଅଣ୍ଟିଆ ସ୍ଥିତି ଅଧିକ ବିକଳ ଅବସ୍ଥା ସୃଷ୍ଟି କରିଛି। ଧାର ଉଧାରରେ ଅର୍ଥ ଯୋଗାଡ଼ କରି ମଧ୍ୟ ଚାଷୀ ସାର ଯୋଗାଡ଼ କରିବାକୁ ଅସମର୍ଥ ହୋଇଛି। ଚାଷ ପାଇଁ ସଂକୁଚିତ ସମୟରେ ଧାନଗଛକୁ ବଳ ଦେବାରେ ସାରର ଉପଯୋଗିତା କେବଳ ଚାଷୀ ହିଁ ବୁଝେ। ଏହି ଅସହାୟତା ଭିତରେ ପ୍ରତିକୂଳ ପାଣିପାଗ ପୁଣି ଦାଉସାଧିଛି। ଧାନ ଚାଷକୁ ବର୍ଷା ଭଳି ସମାନୁପାତିକ ଖରାର ମଧ୍ୟ ଆବଶ୍ୟକତା ରହିଛି। ବିଲରେ କ୍ରମାଗତ ପାଣି ଭରି ରହିଲେ ଧାନଗଛ ପିଲ ଦେଇ ବଢ଼ିବାରେ ବାଧକ ହୋଇଥାଏ। ଅନ୍ୟ ଦିଗଟି ହେଲା, ଫସଲକୁ ରୋଗ ଓ ପୋକ ଦାଉରୁ ରକ୍ଷା କରିଥାଏ ଖରା। ଆମ ରାଜ୍ୟରେ ଗୋଟିକ ପରେ ଗୋଟିଏ ଲଘୁଚାପ ସୃଷ୍ଟିର ପ୍ରଭାବରୁ ବର୍ଷା ଲାଗି ରହିଛି ଯେ ଛାଡ଼ିବାକୁ ନା ଧରୁନାହିଁ। ଏମିତିରେ ବିଳମ୍ବିତ ଚାଷ ପାଇଁ ଧାନ ଗଛ ହୃଷ୍ଟପୁଷ୍ଟ ହେବା ବା ପିଲଧରିବାରେ ପଛୁଆ ଥିବାବେଳେ ରୋଗ ଓ ପୋକ ଦାଉ ବଡ଼ ବିଷମ ପରିସ୍ଥିତି ସୃଷ୍ଟି କରିଛି। ପତ୍ରପୋଡ଼ା, ପତ୍ରମରା ଓ କାଣ୍ଡବିନ୍ଧା ରୋଗ ସଂକ୍ରମଣ ବ୍ୟାପିବାରେ ଲାଗିଛି। ବିଭିନ୍ନ ଅଞ୍ଚଳରେ ଏହା ପରିଲକ୍ଷିତ ହେଉଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ବଜାରରେ ଉପଲବ୍ଧ କୀଟନାଶକ ପ୍ରୟୋଗ ପରେ ପରେ ତୁହାକୁ ତୁହା ବର୍ଷା ହୋଇଯାଉଥିବାରୁ ତାହା ବଦଳ ପାଣିରେ ଭାସିଯାଉଛି। ତେଣୁ ପୋକଦାଉରୁ ଫସଲକୁ ରକ୍ଷା କରି ହେଉନି। କ୍ରମେ ଏହି ରୋଗ ବ୍ୟାପିବାରେ ଲାଗିଛି। ଚାଷୀଙ୍କ ମଧ୍ୟରେ ଏହା ହତାଶା ସୃଷ୍ଟି କରିଛି। ସତେ ଯେପରି ମନେ ହେଉଛି ପ୍ରକୃତିର କୋପକୁ ରୋକିବା ଏତେ ସହଜ ନୁହେଁ।

ନିଅଣ୍ଟିଆ ସାର ସ୍ଥିତି ବିଧାନସଭା ଅଧିବେଶନକୁ ଅଚଳ କରିଦେଇଥିଲେ ମଧ୍ୟ ଚାଷୀର ଦୁଃଖ ଦୂର ପାଇଁ ସରକାରୀ କଳ ସହାୟତାର ହାତ ବଢ଼ାଇବାକୁ ଯେ ଅସମର୍ଥ, ତାହା ଉପୁଜିଥିବା ପରିସ୍ଥିତିରୁ ଜଳଜଳ ହୋଇ ଦେଖାଯାଉଛି। ଚାଷ ଉଜୁଡ଼ି ଗଲେ ଚାଷୀର ସଂସାର ଭାସିଯିବ। ଜଗତ ଜନନୀ ମାଆ ଦୁର୍ଗା ହିଁ ଶେଷ ଭରସା। ଚାଷୀଙ୍କୁ ଏହି ଦୟନୀୟ ସ୍ଥିତିରୁ ସେ ହିଁ କେବଳ ଉଦ୍ଧାର କରିପାରିବେ। ଚଳିତ ଦଶହରାରେ ମାଆଙ୍କ ନିକଟରେ ଏତିକି ମାଗୁଣି।

# ଶୀତଳ-ମରୁଭୂମିରେ ରକ୍ତପାତ

ଲଦାଖ ନିବାସୀ ସ୍ୱନାମଧନ୍ୟ ବୈଜ୍ଞାନିକ, ଉଦ୍‌ଭାବକ ତଥା ପରିବେଶବିତ୍ ରମଣ ମାଗେସେସେ ସମ୍ମାନ ବିଜେତା ସୋନମ ୱାଙ୍ଗଚୁକ୍‌ଙ୍କୁ ଜାତୀୟ ସୁରକ୍ଷା ଆଇନ(ଏନ୍‌ଏସ୍‌ଏ) ବଳରେ ଗିରଫ କରାଯାଇ ରାଜସ୍ଥାନର ଯୋଧପୁରଠାରେ ରଖାଯାଇଛି। ବୈଦେଶିକ ଅନୁଦାନ(ନିୟନ୍ତ୍ରଣ)ଆଇନ(ଏଫ୍‌ସିଆରଏ) ଅଧୀନରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ୱାଙ୍ଗଚୁକ୍‌ଙ୍କ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଅନୁମତି ପ୍ରତ୍ୟାହାର କରିନେଇଛି। ୱାଙ୍ଗଚୁକ୍‌ଙ୍କ ପାକିସ୍ତାନ ସହିତ ସମ୍ପର୍କ ଥିବା ସନ୍ଦେହରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଖୋଳତାଡ଼ ଆରମ୍ଭ କରିଛି। ଏବେ ପ୍ରଶ୍ନ ଉଠୁଛି, ଏଭଳି କ'ଣ ଓ କାହିଁକି ଘଟିଲା ଯେ ଜଣେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବୈଜ୍ଞାନିକ ଓ ପରିବେଶବିତ୍‌ଙ୍କ ଉପରେ ଦେଶଦ୍ରୋହର ଆରୋପ ଲାଗିଲା? ଦାବି ପୂରଣ ପାଇଁ ଗାନ୍ଧୀ ମାର୍ଗ ଅନୁସରଣ କରିଆସୁଥିବା ୱାଙ୍ଗଚୁକ୍ ହଠାତ୍ ଦେଶର ସୁରକ୍ଷା ପ୍ରତି ବିପଦ ବୋଲି ହୃଦ୍‌ବୋଧ ହେଲା କାହିଁକି? ଜଣେ ଉଦ୍‌ଭାବକ ବିଦ୍ରୋହୀର ଆଖ୍ୟା ପାଇବା ପଛର କାହାଣୀ ଆଧାରରେ ହୁଏତ ଭବିଷ୍ୟତରେ 'ଥ୍ରି ଇଡିଏଟ୍'ର ସିକ୍ୱେଲ୍‌ଟିଏ ତିଆରି ହେବ(ଥ୍ରି ଇଡିଏଟ୍‌ସ୍ ଚଳଚ୍ଚିତ୍ରରେ ଅମିର୍ ଖାନ୍‌ଙ୍କ ଅଭିନୀତି ଚରିତ୍ରଟି ୱାଙ୍ଗଚୁକ୍‌ଙ୍କ ଜୀବନୀ ଆଧାରିତ)। କିନ୍ତୁ ଏହି ସାମଗ୍ରିକ ଘଟଣାର ପୃଷ୍ଠଭୂମି ଜାଣିବା ପାଇଁ ଛଅ ବର୍ଷ ପଛକୁ ଯିବାକୁ ପଡ଼ିବ।

୧୯୪୭ ମସିହା ପରଠାରୁ ଲଦାଖ ଜାମ୍ମୁ-କାଶ୍ମୀର ରାଜ୍ୟର ଏକ ଅଂଶ ଥିବା ବେଳେ ୨୦୧୯ ଅଗଷ୍ଟ ୫ ତାରିଖରେ ସମ୍ବିଧାନର ଧାରା ୩୭୦ର ଉଚ୍ଛେଦ ପରେ କେନ୍ଦ୍ରଶାସିତ ଅଞ୍ଚଳର ମର୍ଯ୍ୟାଦା ପାଇଛି। ଗମନାଗମନ ଦୃଷ୍ଟିରୁ ଅତି ଦୁର୍ଗମ ଏହି ଅଞ୍ଚଳର ମୋଟ ଜନସଂଖ୍ୟା ପ୍ରାୟ ୩ଲକ୍ଷ। ସେମାନଙ୍କ ମଧ୍ୟରୁ ୪୬ ପ୍ରତିଶତ ସିହା ମୁସଲମାନ ସମ୍ପ୍ରଦାୟର ହୋଇଥିବା ବେଳେ ୪୦ ପ୍ରତିଶତ ତିବ୍ବତୀୟ ବୌଦ୍ଧ ଧର୍ମାବଲମ୍ବୀ। ୧୨ ପ୍ରତିଶତ ହିନ୍ଦୁ ଏବଂ ବାକି ୨% ଅନ୍ୟାନ୍ୟ ଧର୍ମାବଲମ୍ବୀ। ଲୋକଙ୍କ ମୁଖ୍ୟ ଜୀବିକା ହେଉଛି ବାଡ଼ି, ବଗିଚା, ଔଷଧୀୟ ବୃକ୍ଷରାଜି ଓ ପଶୁପାଳନ।

ବର୍ତ୍ତମାନ ଜାମ୍ମୁକାଶ୍ମୀରରେ ବିଧାନପାଳିକା ଥିବା ବେଳେ ଲଦାଖର ଶାସନ ସମ୍ପୂର୍ଣ୍ଣ ଭାବେ ଅମଲାତନ୍ତ୍ର ନିୟନ୍ତ୍ରଣରେ ରହିଛି। ୩୭୦ ଧାରା ଉଚ୍ଛେଦ ପରେ ଲଦାଖବାସୀ ସେମାନଙ୍କ ଜମି, ଜନସଂଖ୍ୟା ଓ ସଂସ୍କୃତିର ଭବିଷ୍ୟତକୁ ନେଇ ସନ୍ଦୀହାନ ହୋଇପଡ଼ିଛନ୍ତି। ଲଦାଖର ଦୁଇଟି ପାର୍ବତ୍ୟାଞ୍ଚଳ ପରିଷଦ ଲେହ ଓ କାର୍ଗିଲ୍ ଥିବା ବେଳେ କୌଣସିଟି ଷଷ୍ଠ ଅନୁଚ୍ଛେଦ ଭୁକ୍ତ ହୋଇନାହିଁ।

ହିମାଳୟ ପାର୍ବତ୍ୟ ପାଦଦେଶର ପରିବେଶକୁ ବିକାଶ ଆଳରେ ବିନାଶରୁ ସୁରକ୍ଷା ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖକୁ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦ ଆଧାରରେ ଅନୁସୂଚିତ ଅଞ୍ଚଳ ମାନ୍ୟତା ପାଇଁ ୨୦୧୯ରୁ ସୋନମ୍ ୱାଙ୍ଗଚୁକ ଉଦ୍ୟମ କରି ଆସୁଛନ୍ତି। ସମ୍ବିଧାନର ୨୪୪ ଧାରା ଅନ୍ତର୍ଗତ ଷଷ୍ଠ ଅନୁଚ୍ଛେଦରେ ଦେଶର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳକୁ ସ୍ଥଳବିଶେଷରେ ସ୍ୱୟଂଶାସନ କ୍ଷମତା ବା ସ୍ୱୟଂଶାସିତ ଜିଲ୍ଲା ପରିଷଦ ଗଠନ ପାଇଁ ଅନୁମତି ଦେବାର ବ୍ୟବସ୍ଥା ରହିଛି। ୩୦ ସଦସ୍ୟ ବିଶିଷ୍ଟ ଏହି ପରିଷଦର କାର୍ଯ୍ୟକାଳ ୫ ବର୍ଷ ଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜମି, ଜଙ୍ଗଲ, ଜଳ, କୃଷି, ଗ୍ରାମ୍ୟ ଓ ସହର ଉନ୍ନୟନ, ସ୍ୱାସ୍ଥ୍ୟ, ପରିମଳ ଆଦି ପାଇଁ ନୀତି ନିର୍ଦ୍ଧାରଣ, ଆଇନ ପ୍ରଣୟନ ଓ କଟକଣା ଜାରି କରିବାର ସ୍ୱୟଂଶାସିତ ଓ ପ୍ରଭୂତ କ୍ଷମତା ପରିଷଦ ହାତରେ ରହିବ। ବର୍ତ୍ତମାନ ଆସାମ, ମେଘାଳୟ, ମିଜୋରାମ୍‌ରେ ତିନିଟି ଲେଖାଏଁ ଏବଂ ତ୍ରିପୁରାରେ ଗୋଟିଏ ସ୍ୱୟଂଶାସନ ବିକାଶ ପରିଷଦ ରହିଛି।

ବିଡ଼ମ୍ବନା ହେଉଛି ଲଦାଖକୁ ଅନୁସୂଚିତ ଅଞ୍ଚଳ ମାନ୍ୟତା ଦେବାକୁ ବିଜେପି ୨୦୧୯ ସାଧାରଣ ନିର୍ବାଚନ ବେଳେ ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହା ହିଁ ଏବେ ୱାଙ୍ଗଚୁକ୍‌ଙ୍କ ସ୍ୱରରେ ପ୍ରତିଧ୍ୱନିତ ହେଉଛି, ଅଥଚ କେନ୍ଦ୍ର ସରକାର ଚିରାଚରିତ ଢଙ୍ଗରେ ସେହି ପ୍ରତିଶ୍ରୁତି ପାଳନରୁ ଓହରି ଆସିଛନ୍ତି। ୨୦୧୯ ସେପ୍ଟେମ୍ବର ମାସରେ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ୯୭% ଆଦିବାସୀ ଅଧ୍ୟୁଷିତ ଲଦାଖକୁ ଷଷ୍ଠ ଅନୁଚ୍ଛେଦରେ ସାମିଲ୍ କରିବା ପାଇଁ ସୁପାରିସ କରିଛି। ତେଣୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ୱାଙ୍ଗଚୁକ୍ ଦାବି କରିଆସୁଛନ୍ତି। ଦାବି ସମ୍ପର୍କରେ ୱାଙ୍ଗଚୁକ୍ ପତ୍ର ଲେଖି ଜଣାଇବା ସତ୍ତ୍ୱେ କେନ୍ଦ୍ର ସରକାରଙ୍କ ସମ୍ବେଦନଶୂନ୍ୟତା ଯୋଗୁଁ ଗତ ଛଅବର୍ଷ ଭିତରେ ତିନିଥର ଅନଶନ କରିଛନ୍ତି। ଲଦାଖବାସୀଙ୍କ ଏହି ଦାବି ଏବେ 'ଗଣଦାବି'ରେ ପରିଣତ ହୋଇଛି। ସେଥିରେ ଲଦାଖ୍ ପାଇଁ ସ୍ୱତନ୍ତ୍ର ଲୋକସେବା ଆୟୋଗ, ଲେହ ଓ କାର୍ଗିଲ୍ ପାଇଁ ପୃଥକ ସଂସଦୀୟ ମଣ୍ଡଳୀ ଗଠନ, ଲାଇନ ଅଫ୍ କଣ୍ଟ୍ରୋଲ୍‌ରେ ଚୀନ୍‌ର କାର୍ଯ୍ୟକଳାପ ଓ ପଶୁମାନଙ୍କର ଅନୁପ୍ରବେଶ ସମସ୍ୟା ନିରାକରଣ ଆଦି ଦାବି ମଧ୍ୟ ସାମିଲ୍ ହୋଇଛି। ଲଦାଖର ମହିଳାମାନେ ଦାବି ପୂରଣ ପାଇଁ ଆଗେଇ ଆସିବା ପରେ 'ଗଣଦାବି'ର ଗୁରୁତ୍ୱ ଆହୁରି ବଢ଼ିଯାଇଛି। ଏଥିପୂର୍ବରୁ ୨୦୧୯ରେ 'ଲେହ ଆପେକ୍ସ ବଡି'ର ପ୍ରତିଷ୍ଠାତା ତଥା ପୂର୍ବତନ ସାଂସଦ ଟି ଚେୱାଙ୍ଗଙ୍କ ସମର୍ଥନରେ ସେଠାରେ ଯେଉଁ ଛାତ୍ର ଆନ୍ଦୋଳନ ତେଜିଥିଲା, ତାହାକୁ କାରଗିଲ୍‌ର କେତେକ ନାଗରିକ ଓ ସାମାଜିକ ସଂଗଠନ ସମର୍ଥନ ଜଣାଇଥିଲେ। ଏହା ପରବର୍ତ୍ତୀ ସମୟରେ 'କାର୍ଗିଲ୍ ଡେମୋକ୍ରେଟିକ୍ ଆଲାଏନ୍ସ' ଗଠନର ମୂଳଦୁଆ ପକାଇଥିଲା।

ଭୂରାଜନୈତିକ ସ୍ଥିତି ଦୃଷ୍ଟିରୁ ଲଦାଖ ଭାରତର ଉତ୍ତର-ସୀମାନ୍ତର ଚୀନ୍ ସଂଲଗ୍ନ ଏକ ସମ୍ବେଦନଶୀଳ ଅଞ୍ଚଳ। ବିଶ୍ୱର ଏହି ଅନ୍ୟତମ ସର୍ବୋଚ୍ଚସ୍ଥାନକୁ ଏକ 'ଶୀତଳ ମରୁଭୂମି' କହିଲେ ଅତ୍ୟୁକ୍ତି ହେବ ନାହିଁ। ଅପରପକ୍ଷରେ ଏହି ଅଞ୍ଚଳର ତୁଷାର ସ୍ରୋତ ଭାରତ, ପାକିସ୍ତାନ, ଚୀନ୍, ନେପାଳ ସମେତ ବିଭିନ୍ନ ଦେଶକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଆସୁଛି। ସେଥିପାଇଁ ଏହାକୁ ଏସିଆର 'ୱାଟର ଟାୱାର' ବା 'ଜଳ ମୀନାର' ବୋଲି ମଧ୍ୟ କୁହାଯାଏ। ଏହା କେନ୍ଦ୍ର-ଏସିଆର ପ୍ରବେଶ ପଥ ଏବଂ ପାକିସ୍ତାନ, ଚୀନ ଓ ମଧ୍ୟ-ଏସୀୟ ରାଷ୍ଟ୍ରମାନଙ୍କର ମିଳନ ସ୍ଥଳ। ଏହା ମଧ୍ୟ ଏସିଆର ପ୍ରମୁଖ ପ୍ରାଚୀନ ବାଣିଜ୍ୟ ପଥର ଅନ୍ୟତମ କେନ୍ଦ୍ର।

ଏବେ ସେଠାରେ କେତେକ ଅତି ଦୁର୍ମୂଲ୍ୟ ଓ ଦୁଷ୍ପ୍ରାପ୍ୟ ଖଣିଜ ସମ୍ପଦର ସନ୍ଧାନ ମିଳିଛି, ଯାହା ଭାରତର ବହୁ ଆକାଂକ୍ଷିତ ସେମିକଣ୍ଡକ୍ଟର ଶିଳ୍ପାୟନ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ପରିବେଶ ସୁରକ୍ଷା ଦୃଷ୍ଟିରୁ ସ୍ଥାନୀୟ ଲୋକେ ସେଠାରେ ଖଣିଜ ଖନନକୁ ବିରୋଧ କରୁଛନ୍ତି। ବିଶେଷକରି ଖଣିଜ ଓ ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମରୁ ପରିବେଶକୁ ସୁରକ୍ଷା ଦେବା ପାଇଁ ଲଦାଖକୁ ସ୍ୱୟଂଶାସିତ ବା ଅନୁସୂଚିତ ରାଜ୍ୟ ମାନ୍ୟତା ଦିଆଯାଉ ବୋଲି ୱାଙ୍ଗଚୁକ୍ ଦାବି କରି ଆସୁଛନ୍ତି। ଅପରପକ୍ଷରେ ଲଦାଖବାସୀଙ୍କ ଦାବି ପୂରଣ ହେଲେ କେନ୍ଦ୍ର ସରକାର ସେଠାରେ ବସ୍ତୁତଃ କର୍ତ୍ତୃତ୍ୱହୀନ ହୋଇଯିବେ। ଫଳରେ ସେଠାରେ ଖଣିଜ ବିକାଶ ବାଧାପ୍ରାପ୍ତ ହେବ। ସେମିକଣ୍ଡକ୍ଟର ଶିଳ୍ପରେ ଭାରତ ଆତ୍ମନିର୍ଭରଶୀଳ ହେବାକୁ ଯେଉଁ ଲକ୍ଷ୍ୟ ରଖିଛି ତାହା ମଧ୍ୟ ସୁଦୂର ପରାହତ ହେବ। ଲଦାଖର ସ୍ୱତନ୍ତ୍ର ମାନ୍ୟତା ପ୍ରସଙ୍ଗ କେନ୍ଦ୍ର ସରକାରଙ୍କ ସ୍ୱାର୍ଥ ବନାମ ଲଦାଖର ପରିବେଶର ସୁରକ୍ଷା ଭଳି ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି। ଏହି ପୃଷ୍ଠଭୂମିରେ କେନ୍ଦ୍ର ସରକାର ନିଜ ସ୍ୱାର୍ଥକୁ ଅଗ୍ରାଧିକାର ଦେବା ସ୍ୱାଭାବିକ।

ଏବେ କେନ୍ଦ୍ର ସରକାରଙ୍କ ପାଇଁ ଲଦାଖ ଏଭଳି ଏକ କଣ୍ଟା ଭାବେ ଗଳାରେ ଅଟକି ରହିଛି, ଯାହା ଢୋକି ହେଉ ନାହିଁ କି ବାହାର କରି ହେଉନାହିଁ। ୩୭୦ ଧାରା ଉଚ୍ଛେଦ ପରେ କାଶ୍ମୀର ଓ ଲଦାଖ ଉପତ୍ୟକାରେ ଶାନ୍ତି ଫେରିଛି ଏବଂ ସମଗ୍ର ଅଞ୍ଚଳବାସୀ ବିକାଶର ସୁଫଳ ଅନୁଭବ କରୁଛନ୍ତି ବୋଲି କେନ୍ଦ୍ର ସରକାରଙ୍କ ଘୋଷଣାକୁ ୱାଙ୍ଗଚୁକ୍‌ଙ୍କ ଆନ୍ଦୋଳନ ସ୍ୱାଭାବିକ ଭାବେ ଫିକା କରିଚାଲିଛି। ତେଣୁ ୱାଙ୍ଗଚୁକ୍ ରୂପୀ କଣ୍ଟାକୁ କେନ୍ଦ୍ର ସରକାର ହଟାଇବାକୁ ଯତ୍‌ପରୋନାସ୍ତି ଉଦ୍ୟମ କରିବା ସ୍ୱାଭାବିକ। ୱାଙ୍ଗଚୁକ୍‌ଙ୍କ ସଦ୍ୟତମ ଅନଶନ ସମୟରେ ଜେନ୍ ଜେଡ୍ ବର୍ଗର କେତେକ ତତ୍ତ୍ୱ ହିଂସାକାଣ୍ଡ ଭିଆଇବା ପରେ ତାଙ୍କ ଉପରକୁ ବିପଦ ମାଡ଼ିଆସୁଥିବା ଅନୁମାନ କରାଯାଉଥିଲା। ଏବେ ତାହା ହିଁ ଘଟିଛି।

ଭାରତର ସଂଘୀୟ ବ୍ୟବସ୍ଥାରେ କୌଣସି ଅଞ୍ଚଳ ରାଜନୈତିକ ଓ ସାମ୍ବିଧାନିକ ଅଧିକାର ପାଇଁ ଦାବି କରିବା ଅନୈତିକ ନୁହେଁ। କିନ୍ତୁ ଏହା ହିଂସାତ୍ମକ ହେବା ଆଦୌ ଉଚିତ ନୁହେଁ। ଏବେ ସରକାରଙ୍କ ଆଗରେ ସବୁଠାରୁ ବଡ଼ ଆହ୍ୱାନ ହେଉଛି ନିର୍ବାଚନୀ ପ୍ରତିଶ୍ରୁତି ରକ୍ଷା କରି ଲଦାଖବାସୀଙ୍କ ଦାବି ପୂରଣ କରନ୍ତି ତେବେ ତାହା ଆଉ ଏକ ୩୭୦ ଧାରା ଅନୁରୂପ ବ୍ୟବସ୍ଥାକୁ ଜନ୍ମ ଦେଇପାରେ। ଯଦି ୱାଙ୍ଗଚୁକଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କିମ୍ବା କାଳକ୍ଷେପଣ ନୀତି ଅବଲମ୍ବନ କରନ୍ତି ତେବେ ଲଦାଖବାସୀଙ୍କ ଅସନ୍ତୋଷର ଫାଇଦା ବିଦେଶୀ ବିଚ୍ଛିନ୍ନତାବାଦୀ ନେବାର ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ।

(ସକାଳ ମିଡିଆ ସର୍ଭିସ୍)

# ଉତ୍କଳ ଓ ଆୟୁର୍ବେଦ

ବାବାଜୀ ସନତ୍ ସୁଜାତାନନ୍ଦ ଦାସ

ଆୟୁର୍ବେଦର ଉତ୍ସ ଅଥର୍ବବେଦର ପ୍ରାଚୀନତମ ପୋଥି ମିଳିଥିଲା ଓଡ଼ିଶାରୁ। ଆୟୁର୍ବେଦ ଅଧ୍ୟୟନ କରୁଥିଲେ ଯେଉଁ ଅଥର୍ବବେଦୀୟ ବ୍ରାହ୍ମଣ, ସେମାନଙ୍କ ସଂଖ୍ୟା ମଧ୍ୟ ଓଡ଼ିଶାରେ ଥିଲା ସର୍ବାଧିକ। ଆୟୁର୍ବେଦ ବାଙ୍ମୟର ପ୍ରାଣସ୍ୱରୂପ ଆଚାର୍ଯ୍ୟ ଚରକଙ୍କୁ ଏହି ଉତ୍କଳର ଅଧୀଶ୍ୱର ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ଅବତାର ବୋଲି କୁହାଯାଏ। କାକଟପୁରରେ ପ୍ରାଚୀନଦୀ କୂଳରୁ ମିଳିଥିଲା ସୁପ୍ରାଚୀନ ପୋଥି, 'ଚରକ ମହାର୍ଣ୍ଣବ ତନ୍ତ୍ର'। 'ଭାବପ୍ରକାଶ', 'ମାଧବନିଦାନ', 'ବୀରସିଂହାବଲୋକ', 'ଭୈଷଜ୍ୟ ସାରସଂଗ୍ରହ' ଓ 'ଭୈଷଜ୍ୟରତ୍ନାବଳୀ' ପରି ଜାତୀୟସ୍ତରର ଶ୍ରେଷ୍ଠ ଆୟୁର୍ବେଦ ଗ୍ରନ୍ଥମାନଙ୍କର ଖ୍ୟାତନାମା ରଚୟିତାମାନେ ଯଥାକ୍ରମେ ଆଚାର୍ଯ୍ୟ ଭାବ ମିଶ୍ର, ମାଧବ କର, ବୀର ସିଂହ, ଲୋକନାଥ ବିଦ୍ୟାଭୂଷଣ ଓ ଗୋବିନ୍ଦ ଦାସ - ଏ ସମସ୍ତେ ଥିଲେ ଉତ୍କଳୀୟ। ପୁନଶ୍ଚ ବିଜୟ ରକ୍ଷିତଙ୍କ 'ମଧୁକୋଷ' ଠାରୁ ଆରମ୍ଭ କରି ନାରାୟଣ ଷଡ଼ଙ୍ଗୀଙ୍କ 'ବାଳବୋଧିନୀ' ପର୍ଯ୍ୟନ୍ତ ମାଧବଙ୍କ 'ନିଦାନ ଗ୍ରନ୍ଥ'ର ପ୍ରାୟ ସମସ୍ତ ଟୀକା ଏହି ଉତ୍କଳ ଭୂମିରେ ହିଁ ମିଳିଛି।

ଅତୁଳନୀୟ ଓ ଆଶ୍ଚର୍ଯ୍ୟଜନକ 'ରସଶାସ୍ତ୍ର' ପ୍ରଦାନ କରି ଆୟୁର୍ବେଦକୁ ଋଦ୍ଧିମନ୍ତ କଲା ଯେଉଁ ମହାନ୍ କୌଳ ପରମ୍ପରା, ଏକଦା ଉଡ୍ଡୀୟାନ ମହାପୀଠ ଏହି ଉତ୍କଳ ଥିଲା ସେହି କୌଳ ନାଥ ଯୋଗୀମାନଙ୍କର ବିହାରଭୂମି। ତନ୍ମଧ୍ୟରୁ ଅନ୍ୟତମ ଥିଲେ ସିଦ୍ଧ ନାଗାର୍ଜୁନ, ଯାହାଙ୍କ ଲିଖିତ 'ରସରତ୍ନ ସମୁଚ୍ଚୟ' ଆଜି ଆୟୁର୍ବେଦୀୟ ରସୌଷଧି ଚିକିତ୍ସା ଓ ନାନାବିଧ ଗବେଷଣାର ଆଧାରଭୂତ ସନ୍ଦର୍ଭ। 'ସିଦ୍ଧୈଃ ରସୈଃ କରିଷ୍ୟାମି ନିର୍ଦାରିଦ୍ର୍ୟମିଦଂ ଜଗତ୍'। ଅର୍ଥାତ୍ 'ଧାତୁସିଦ୍ଧି ଦ୍ୱାରା ମୁଁ ଏ ଜଗତକୁ ଦାରିଦ୍ର୍ୟମୁକ୍ତ କରି ଦେଇପାରେ'। ଏତାଦୃଶ ଧ୍ୱନି ଦେଇଥିବା ନାଗାର୍ଜୁନ ପ୍ରାପ୍ତି କରିଥିଲେ ଯେକୌଣସି ନିକୃଷ୍ଟଧାତୁରୁ ସ୍ୱର୍ଣ୍ଣ ପ୍ରସ୍ତୁତ କରିବାର ବୈଜ୍ଞାନିକ ସୂତ୍ର। ଐତିହାସିକ ନବୀନ ଚନ୍ଦ୍ର ସାହୁଙ୍କ ତଥ୍ୟ ଅନୁଯାୟୀ ଉତ୍କଳର ଔଷଧିପର୍ବତ ଗନ୍ଧମାର୍ଦ୍ଦନର ଶୀର୍ଷରେ ଥିଲା ନାଗାର୍ଜୁନଙ୍କ ନିକାଞ୍ଚନ ଆଶ୍ରମ ଏବଂ ତଳେ ଥିଲା ତାଙ୍କର ଆରୋଗ୍ୟଶାଳା। 'ଆରୋଗ୍ୟ ଭାରତୀ' ନାମରେ ଆଉ ଏକ ହସ୍ପିଟାଲ ଧଉଳିଗିରି ତଳେ ଥିଲା ଏବଂ ତାହାର ସଞ୍ଚାଳନ 'ଭଚ୍ଚ' ଉପାଧିଧାରୀ ଯାଜପୁରୀୟ ବୈଦ୍ୟ ଥିଲେ ବୋଲି ସେହି ଧଉଳିଗିରିର ଏକ ଶିଳାଲେଖରେ ସୂଚିତ ଅଛି। ଭୌମକର ବଂଶୀୟ ରାଜାମାନଙ୍କ ଶାସନାଧୀନ ଉତ୍କଳରେ ୮/୯ମ ଶତାବ୍ଦୀ କାଳରେ ନନ୍ନଟ, ଭୀମଟ ଓ ଲୟମକ ଆଦି ଭଚ୍ଚ ଉପାଧିଧାରୀ ବୈଦ୍ୟମାନେ ବଂଶାନୁକ୍ରମେ ସେମାନଙ୍କର ରାଜବୈଦ୍ୟ ଥିଲେ ବୋଲି ଗବେଷକ ଡ. ସତ୍ୟନାରାୟଣ ରାଜଗୁରୁ ଉଲ୍ଲେଖ କରିଛନ୍ତି।

ଆଜିର ଆରୋମାଥେରାପି ଅଳ୍ପକେତୋଟି ସୁଗନ୍ଧକୁ ଘେନି ଚାଲୁଥିଲା ବେଳେ ଓଡ଼ିଶାର ଭୌମକର ବଂଶୀୟା ରାଣୀ ଦଣ୍ଡୀ ମହାଦେବୀଙ୍କ ସନ୍ଧିବିଗ୍ରହ ଜୈନାଚାର୍ଯ୍ୟ ଉଗ୍ରାଦିତ୍ୟ ଏଇ ଓଡ଼ିଶାର ରାମଗିରି (କୋରାପୁଟ) ଆଶ୍ରମରେ ବସି ରଚନା କରିଥିଲେ ଅନେକ ଫୁଲର ସୁଗନ୍ଧଚିକିତ୍ସା ସମ୍ବଳିତ ଆପଣାର ମହାନ୍ ଗ୍ରନ୍ଥ 'କଲ୍ୟାଣକାରକ'। ସେଥିରେ ସେ ଫୁଲମାନଙ୍କର କେବଳ 'ଦର୍ଶନ'କୁ ମଧ୍ୟ ଏକପ୍ରକାର ଚିକିତ୍ସା ପଦ୍ଧତି କହିଥିବା ବେଳେ ପଣ୍ଡିଚେରୀ ଆଶ୍ରମର ଶ୍ରୀମା ଫୁଲମାନଙ୍କର ଆଧ୍ୟାତ୍ମିକ ସ୍ପନ୍ଦନର ବାର୍ତ୍ତାଟି ମାନ ପ୍ରକାଶ କରି ସେଥିରେ ସିଦ୍ଧିର ମୋହର ଲଗାଇ ଦେଇଛନ୍ତି। ଅବିଶ୍ୱାସ୍ୟ ଲାଗୁଥିଲେ ହେଁ ଏହା ସତ୍ୟ ଯେ, ଆଜିର ବିଶ୍ୱବିଖ୍ୟାତ ତିବ୍ବତୀୟ ଭେଷଜର ମୌଳିକ ଉତ୍ସ ଉତ୍କଳୀୟ ଆୟୁର୍ବେଦ। ତିବ୍ବତର ପ୍ରଥମ ଧର୍ମଗୁରୁ ରିମ୍ପୋଚେ ଓଡ଼ିଶାର ସମ୍ବଲକ ରାଜ୍ୟର ଯୁବରାଜ ପଦ୍ମସମ୍ଭବ ଏବଂ ସେ ନିଜ ସହିତ ତିବ୍ବତକୁ ଘେନି ଯାଇଥିଲେ ଓଡ଼ିଶାର ଧାନ ଏବଂ ବୌଦ୍ଧ, ତନ୍ତ୍ର ଓ ଚିକିତ୍ସାର ବିପୁଳ ପୋଥିରାଶି। ସମଗ୍ର ଭାରତବର୍ଷର ବୈଦ୍ୟକୁଳ-ଅନୁସୃତ ଦୁଇଟି ମାତ୍ର ଓଜନ ପଦ୍ଧତି ମଧ୍ୟରେ 'ମାଗଧ ମାନ' ପ୍ରଥମ ଥିଲା ବେଳେ ଦ୍ୱିତୀୟ ଥିଲା କଳିଙ୍ଗର ବିଦ୍ୱାନ୍‌ମାନଙ୍କ ପ୍ରଣୀତ 'କାଳିଙ୍ଗ ମାନ'।

ଉତ୍କଳ ବିଶ୍ୱବିଦ୍ୟାଳୟର ପରିଜା ଲାଇବ୍ରେରୀରେ ଶତାଧିକ ଓ ରାଜ୍ୟ ସଂଗ୍ରହାଳୟରେ ୧୮୦୦ରୁ ଉର୍ଦ୍ଧ୍ୱ ସଂଖ୍ୟକ ଆୟୁର୍ବେଦ ପୋଥି ଗଚ୍ଛିତ ଅଛି। ତନ୍ମଧ୍ୟରୁ ରଘୁନାଥ ଦାଶଙ୍କ 'ଆୟୁର୍ବେଦ ଲୀଳାବତୀ', ଚକ୍ରପାଣି ଦାସଙ୍କ 'ଅଭିନବ ଚିନ୍ତାମଣି', ଜଗନ୍ନାଥ ଦାଶଙ୍କ 'ଚିକିତ୍ସାମଞ୍ଜରୀ', ମୁରାରି ଦାସଙ୍କ 'ରୋଗ ବିନିଶ୍ଚୟ', ନରହରି ପଣ୍ଡିତଙ୍କ 'ନିଘଣ୍ଟୁ ରାଜାଭିଧାନ ଚୂଡ଼ାମଣି' ଆଦି କେତୋଟି ଉଦାହରଣ ନିଆ ଯାଇପାରେ। ନିକଟରେ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ଆୟୁର୍ବେଦ ଓ ସିଦ୍ଧ ଅନୁସନ୍ଧାନ ପରିଷଦ ଗଜପତି ମୁକୁନ୍ଦଦେବ (୧୫୫୬-୧୫୬୮)ଙ୍କ ରାଜବୈଦ୍ୟ ମହାମହୋପାଧ୍ୟାୟ ବିଶ୍ୱନାଥ ସେଣଙ୍କ ରଚିତ 'ଚିକିତ୍ସାର୍ଣ୍ଣବ' ପୋଥି ଏବଂ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଉତ୍କଳ ପ୍ରଦେଶର ସାଧାରଣ ସମ୍ପାଦକ ଡ. ସନ୍ତୋଷ କୁମାର ମହାପାତ୍ର, ଗୋପୀନାଥ ଷଡ଼ଙ୍ଗୀଙ୍କ 'ଚିକିତ୍ସାମଞ୍ଜରୀ' ପୋଥିର ପାଠୋଦ୍ଧାର କରି ପୁସ୍ତକ ରୂପେ ପ୍ରକାଶ କରିଛନ୍ତି। ତା'ଛଡ଼ା ପଶୁପକ୍ଷୀଙ୍କ ଚିକିତ୍ସାର ସନ୍ଦର୍ଭ ଯଥାକ୍ରମେ 'ଗୋଚିକିତ୍ସା', 'ପାଳକାପ୍ୟ ସଂହିତା' ଓ 'ଶାଳୀହୋତ୍ର ସଂହିତା' ପୋଥିମାନ ମଧ୍ୟ ମିଳିଛି। ଏପରିକି କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ପରି କବିମାନଙ୍କ ଦ୍ୱାରା ରସମୟ ଗୀତିକବିତା ଆକାରରେ ଭଣିତା ଆୟୁର୍ବେଦ ପୋଥି ମଧ୍ୟ ରହିଛି। ଭାରତର କବିମାନେ ସୁଦ୍ଧା ବୈଜ୍ଞାନିକ, ଯାହା ଭାରତବର୍ଷରେ ବିରଳ। କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଅଦ୍ୟାବଧି ଏ ଅମୂଲ୍ୟନିଧି ସବୁ ଗ୍ରନ୍ଥରୂପ ନପାଇ ସଂଗ୍ରହାଳୟରେ ପଡ଼ିରହିଛି। ଅନେକ ପ୍ରକାଶିତ ଗ୍ରନ୍ଥ ମଧ୍ୟ ଅଧୁନା ଦୁଷ୍ପ୍ରାପ୍ୟ।

ଆୟୁର୍ବେଦ ବୋଇଲେ ଜୀବନର ବେଦ (ଜ୍ଞାନ)। ଅନ୍ନବ୍ୟଞ୍ଜନ ପିଠାପଣାଦି ଖାଦ୍ୟପେୟଠାରୁ ଆରମ୍ଭ କରି ସ୍ନାନନିଦ୍ରାଦି ଦିନଚର୍ଯ୍ୟା, ଗ୍ରୀଷ୍ମବର୍ଷାଦି ଋତୁଚର୍ଯ୍ୟା ଓ ବିବାହ-ବ୍ରହ୍ମଚର୍ଯ୍ୟ-ବାନପ୍ରସ୍ଥ-ବୈରାଗ୍ୟାଦି ଜୀବନଚର୍ଯ୍ୟା ସହିତ ସାହିତ୍ୟ, ସଂସ୍କୃତି, ପର୍ବପର୍ବାଣି ଇତ୍ୟାଦି ଜୀବନର ସକଳ ବିଭବକୁ ସମସ୍ତଙ୍କ ଆଗୋଚରରେ ଅତ୍ୟନ୍ତ କଳାତ୍ମକ ଢଙ୍ଗରେ ଆବୋରି ରହି ଆୟୁର୍ବେଦର ଏହି ସୁସମୃଦ୍ଧ ବୈଜ୍ଞାନିକ ପରମ୍ପରାଟି ଉତ୍କଳବାସୀଙ୍କୁ ଦେଇ ଆସିଛି ଅନାବିଳ ଏକ ମହତ୍ତର ଜୀବନବୋଧ। ଆଉ ସେ ବୋଧର ଲାଳିତ୍ୟରେ ବାନ୍ଧି ହୋଇ ସ୍ୱୟଂ ପରବ୍ରହ୍ମ ପରମେଶ୍ୱର ଶ୍ରୀଜଗନ୍ନାଥ ମହାପ୍ରଭୁ ସୁଦ୍ଧା ସ୍ୱୀକାର କରିଛନ୍ତି ରୋଗ, ତାହାର ମାନବୀୟ ଔଷଧ ଉପଚାର ଏବଂ 'ରୋଗ'କୁ 'ବିଷାଦ'ର ତାମସିକ ସ୍ତରରେ ଛାଡ଼ି ନଦେଇ କରିଛନ୍ତି ତା'ର ଉତ୍ସବାୟନ। ସେ ଉତ୍ସବ ମାର୍ଗରେ ନିରନ୍ତର ଧାବମାନ ଭାରତ ବର୍ଷର ଆତ୍ମା।

ଗୌରାଙ୍ଗ ମଠ, ପୁରୀ, ମୋ: ୭୦୦୮୦୩୮୦୪୭

# କର୍କଟରୋଗ ନିରୋଧୀ ଟିକା

## ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ବର୍ତ୍ତମାନ ବିଶ୍ୱରେ ସବୁଠାରୁ ଭୟାନକ ତଥା ଘାତକ ବ୍ୟାଧି ରୂପେ ପରିଗଣିତ ହେଉଛି କର୍କଟରୋଗ। ଦୀର୍ଘଦିନ ଧରି ଏହି ଭୟାବହ ରୋଗ କବଳରୁ ସୁରକ୍ଷା ଦେବା ପାଇଁ ନାନାଦିଗରୁ ଗବେଷଣା ଚାଲି ଆସିଛି ସମଗ୍ର ବିଶ୍ୱରେ। ତେବେ ରୁଷିଆର ବୈଜ୍ଞାନିକ ଏଥିରେ ପ୍ରଥମ ସଫଳତା ହାସଲ କରିବାର ସୂଚନା ଗତ ଅଗଷ୍ଟ ମାସ ପ୍ରଥମ ସପ୍ତାହରେ (୨୦୨୫ ମସିହା) ମିଳିଛି। ସେମାନେ ଏହାର ପ୍ରତିରୋଧୀ ଟିକାଟିଏ ଉଦ୍ଭାବନ କରିବାକୁ ସମର୍ଥ ହୋଇପାରିଛନ୍ତି। ଏମ୍-ଆର୍‌ଏନ୍‌ଏ (ମେସେଂଜର-ଆର୍‌ଏନ୍‌ଏ) ଭିତ୍ତିକ ଏହି ଟିକା ଏଣ୍ଟେରୋମିକ୍ସ ନିଦାନୀୟ ପରୀକ୍ଷାରେ ଶହେ ଶତାଂଶ ସଫଳତା ପ୍ରଦର୍ଶନ କରିବା ସହିତ ସଂପୂର୍ଣ୍ଣ ନିରାପଦ ବୋଲି ଜଣାପଡ଼ିଛି।

ଏମ୍-ଆର୍‌ଏନ୍‌ଏ ଜୀବକୋଷ ମଧ୍ୟରେ ସୃଷ୍ଟି ହୁଏ 'ଟ୍ରାନ୍ସକ୍ରିପସନ' (ନକଲ) ବୋଲି କୁହାଯାଉଥିବା ଏକ ପଦ୍ଧତିରେ। ଏଥିରେ ଆର୍‌ଏନ୍‌ଏ ପଲିମରେଜ୍ ଏଞ୍ଜାଇମ ନାଭିକ ମଧ୍ୟରେ ଥିବା ଜିନୀୟ ସଂକେତଧାରୀ ଡିଏନ୍‌ଏର ଏକ ଖିଅକୁ 'ଟେମ୍ପଲେଟ୍' (ଛାଞ୍ଚ) ରୂପେ ବ୍ୟବହାର କରି ଏହାର ଅନୁପୂରକ 'ପ୍ରି-ଏମ୍ ଆର୍‌ଏନ୍‌ଏ ସଂଶ୍ଳେଷଣ କରାଏ। ତାହାର ପ୍ରକ୍ରିୟାକରଣରୁ ଏମ୍-ଆର୍‌ଏନଏ ସୃଷ୍ଟି ହୁଏ, ଯାହାକି ଏକ ଜିନୀୟ ବାର୍ତ୍ତାବହ ରୂପେ ଡିଏନଏର ସୂଚନା ବହନ କରି ଜୀବକୋଷର ନାଭିକ ମଧ୍ୟରୁ 'ରାଇବୋଜମ୍'କୁ ଆସେ। ସେଠାରେ ତଦନୁଯାୟୀ ପ୍ରୋଟିନ୍ ସଂଶ୍ଳେଷଣ ହୁଏ।

ଉପରୋକ୍ତ ଏମ୍-ଆର୍‌ଏନ୍‌ଏ ଭିତ୍ତିକ 'ଏଣ୍ଟେରୋମିକ୍ସ' କର୍କଟରୋଗ ନିରୋଧୀ ଟିକା ନିଦାନୀୟ ବ୍ୟବହାର ପାଇଁ ପ୍ରସ୍ତୁତ ହୋଇଗଲାଣି ବୋଲି ଘୋଷଣା କରିଛି ସେ ଦେଶର 'ଫେଡେରାଲ୍ ମେଡିକାଲ୍ ଆଣ୍ଡ ବାଇଓଲୋଜିକାଲ୍ ଏଜେନ୍ସି'। ଏହାର ମୁଖ୍ୟଙ୍କ ସୂଚନା ଅନୁସାରେ ଏହା ପ୍ରାକ୍‌ନିଦାନୀୟ ପରୀକ୍ଷାଗୁଡ଼ିକରେ ସଫଳତା ପ୍ରଦର୍ଶନ କରିସାରିଛି। ଯାହାକି ଏହାକୁ ସଂପୂର୍ଣ୍ଣ ନିରାପଦ ଏବଂ ଅତ୍ୟନ୍ତ ଫଳପ୍ରଦ ବୋଲି ପ୍ରମାଣିତ କରିପାରିଛି। ଦୀର୍ଘକାଳୀନ ଭିତ୍ତିରେ ୪୮ ଜଣ ସ୍ୱେଚ୍ଛାସେବୀଙ୍କ ଉପରେ ଏହି ପରୀକ୍ଷଣ ହେଲା ପରେ ଏହାର ନିଦାନୀୟ ସଫଳତା ସଂପର୍କରେ ଗତ ଜୁନ୍ ୧୮ ରୁ ୨୧ ତାରିଖ (୨୦୨୫) ମଧ୍ୟରେ 'ସେଣ୍ଟ ପିଟରସ୍‌ବର୍ଗ ଇଣ୍ଟରନ୍ୟାସନାଲ୍ ଇକୋନୋମିକ ଫୋରମ୍'ର ସମ୍ମିଳନୀ ଅବସରରେ ଘୋଷଣା କରାଯାଇଥିଲା। ଟିକାଟି କର୍କଟରୋଗ ଜନିତ ଅର୍ବୁଦର ବୃଦ୍ଧିକୁ ରୋକିବା ଏବଂ ତାକୁ ସଂକୁଚିତ କରିବାକୁ ସମର୍ଥ ବୋଲି ସେଥିରେ ସୂଚନା ପ୍ରଦାନ କରାଯାଇଥିଲା।

ଏ ଟିକାକୁ କ୍ରମେ ପ୍ରତ୍ୟେକ ରୋଗୀ ଲାଗି ବ୍ୟକ୍ତିଗତ ଭାବେ ତା'ର ଆର୍‌ଏନ୍‌ଏ ଅନୁରୂପ କରିବା ପାଇଁ ଏବେ ଉଦ୍ୟମ ଚାଲିଛି। ବର୍ତ୍ତମାନ ପ୍ରସ୍ତୁତ ହୋଇଥିବା ପ୍ରଥମ ଟିକା ବୃହଦନ୍ତ୍ର ନଳୀର କର୍କଟରୋଗ ଲାଗି ବ୍ୟବହାର କରାଯାଇ ପାରିବ। ତପ୍ପରେ ମସ୍ତିଷ୍କ ଅର୍ବୁଦ ଏବଂ ବିଭିନ୍ନ ପ୍ରକାର ଚର୍ମକର୍କଟ ରୋଗ ଲାଗି ତାହା ବିକଶିତ କରାଯିବ। ରାସାୟନିକ ଚିକିତ୍ସା (କେମୋଥେରାପି) କିମ୍ବା ରଶ୍ମିଚିକିତ୍ସା (ରେଡିଏସନ ଥେରାପି) ଭଳି ଏହାର ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯିବ ନାହିଁ ଏବଂ ରୋଗୀକୁ ଏହା ସହ୍ୟ କରିବା ସହଜ ହେବ।

ଏଣ୍ଟେରୋମିକସି ଟିକାରେ ଏବେ ବ୍ୟବହାର କରାଯାଇଛି ଚାରୋଟି କ୍ଷତିକାରକ ହୋଇନଥିବା ଭୂତାଣୁ। ଏହା କର୍କଟରୋଗ ଜନିତ ଅର୍ବୁଦକୁ ଆକ୍ରମଣ କରି ନଷ୍ଟ କରିଦେବା ସହିତ ରୋଗ ସହ ସଂଗ୍ରାମ କରିବାକୁ ରୋଗ ପ୍ରତିରୋଧ ବ୍ୟବସ୍ଥାକୁ ପ୍ରରୋଚିତ କରିବା ଲାଗି ଅଭିପ୍ରେତ। ଏଥିରେ କର୍କଟରୋଗ ନିରାକରଣ ଲାଗି 'ଆଣ୍ଟିଜେନ୍' ବୋଲି କୁହାଯାଉଥିବା ଏକ ନିର୍ଦ୍ଦିଷ୍ଟ ପ୍ରୋଟିନ୍ ପ୍ରସ୍ତୁତ କରିବାକୁ ଜୀବକୋଷମାନଙ୍କୁ ବ୍ରତୀ କରାଯାଏ। ତପ୍ପରେ ଏହି 'ଆଣ୍ଟିଜେନ୍'ଗୁଡ଼ିକୁ ଡେନ୍‌ଡ୍ରାଇଟିକ୍ ଜୀବକୋଷ ବୋଲି କୁହାଯାଉଥିବା ରୋଗ ପ୍ରତିରୋଧକାରୀ ଜୀବକୋଷମାନଙ୍କ ମାଧ୍ୟମରେ 'ଟି-ଜୀବକୋଷ'ଙ୍କୁ ପ୍ରଦାନ କରାଯାଏ, ଯାହାକି ସେହି ଅନୁରୂପ 'ଆଣ୍ଟିଜେନ୍' ପ୍ରଦର୍ଶନ କରୁଥିବା କର୍କଟରୋଗ ଜୀବକୋଷଗୁଡ଼ିକୁ ଚିହ୍ନଟ କରି ତା'କୁ ଧ୍ୱଂସ କରିଦିଅନ୍ତି। ଅତଏବ ଏପ୍ରକ୍ରିୟା ମୁଖ୍ୟତଃ ଶରୀରର ରୋଗପ୍ରତିରୋଧ ପ୍ରକ୍ରିୟାକୁ କର୍କଟରୋଗ ଜୀବକୋଷ ବିରୁଦ୍ଧ ଅତ୍ୟନ୍ତ ଫଳପ୍ରଦ ଅସ୍ତ୍ରରେ ରୂପାନ୍ତରିତ କରେ। ଅତଏବ ଏହା ସେଗୁଡ଼ିକୁ ଚିହ୍ନଟ କରି ଧ୍ୱଂସ କରିଦିଏ। ବର୍ତ୍ତମାନ ଏ ଟିକାର ଦକ୍ଷତା ଆଶାନୁରୂପେ ପ୍ରମାଣିତ ହୋଇସାରିଛି ଏବଂ କେବଳ ବାକି ରହିଛି ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ଅନୁମତି। ତାହା ମିଳିସାରିଲେ ଖୁବ୍‌ଶୀଘ୍ର ଏହା ସର୍ବସାଧାରଣଙ୍କ ପାଇଁ ଉପଲବ୍ଧ ହୋଇପାରିବ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୃଥକ୍ ଦୁର୍ଘଟଣାରେ ୨୦ ଆହତ, ୨ ଗୁରୁତର




ମୋହନା, ୨୯।୯ (ସମିସ): ଗଜପତି ଜିଲ୍ଲା ଅଡ଼ଵା ଓ ଆର୍. ଉଦୟଗିରି ଥାନା ଅଞ୍ଚଳରେ ପୃଥକ୍ ଦୁର୍ଘଟଣାରେ ୨୦ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଜିଲ୍ଲାର ଅଡ଼ଵା ଥାନା ଢେପାଗୁଡ଼ା ଘାଟିରେ ଟ୍ରାକ୍ଟର

**■ ପିଡିଏସ ଚାଉଳ ଆଣିବାକୁ ଯାଇ ଓଲଟିଲା ଟ୍ରାକ୍ଟର**
**■ ଗୋରୁ ବୋଝେଇ ପିକଅପ୍-ଅଟୋ ମୁହାଁମୁହିଁ**

ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଏଥିରେ ୧୫ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ସୂଚନା ମୁତାବକ ଗରଡ଼ମା ପଞ୍ଚାୟତ କାର୍ଯ୍ୟାଳୟରୁ ରାସନ ଚାଉଳ ନେଇ ପାଖାପାଖି ୨୦ଜଣ ହିତାଧିକାରୀ ଏକ ଟ୍ରାକ୍ଟର ଯୋଗେ ଗମ୍ଭାରୀଗାଁ ଫେରିବା ବାଟରେ ଢେପାଗୁଡ଼ା ଘାଟିରେ ଟ୍ରାକ୍ଟର ଓଲଟି ଯାଇଥିଲା। ସମସ୍ତ ଆହତଙ୍କୁ କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେହିଭଳି ଆର.ଉଦୟଗିରି ଥାନା ଚଢ଼ିଆପଦା ଗ୍ରାମ ନିକଟରେ ଏକ ଗୋରୁ ବୋଝେଇ ପିକ୍ଅପ୍ ସହ ଅଟୋ ମୁହାଁମୁହିଁ ଧକ୍କା ହୋଇଛି। ଘଟଣାସ୍ଥଳରୁ ପିକ୍ଅପ୍ ଚାଳକ ଫେରାର୍ ହୋଇଯାଇଥିବା ବେଳେ ଦୁର୍ଘଟଣାରେ ଅଟୋରେ ବସିଥିବା ପାଞ୍ଚଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କୁ ଆର୍. ଉଦୟଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଛି। ଘଟଣାସ୍ଥଳରେ ଆର. ଉଦୟଗିରି ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ମିଳିଲାନି ମହାପ୍ରୟାଣ ଗାଡ଼ି

# କାନ୍ଧରେ ଧରି ଗାଁକୁ ଶବ ନେଲେ

ଶଗଡ଼ା, ୨୯।୯ (ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଦହ୍ୟା ରକ୍ସା ପଞ୍ଚାୟତ ଅଧୀନ କରମାପଦର ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଶୌଚ ପାଇଁ ଯାଇଥିବା ବେଳେ ଜଣେ ବ୍ୟକ୍ତିଙ୍କ ପୋଖରୀରେ ବୁଡ଼ି ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଠାକୁର ମେହେର। ଖବର ପାଇ ପରିବାରଲୋକ ତାଙ୍କୁ ପୋଖରୀରୁ



ଉଦ୍ଧାର କରି ବାଉଁଶୁଣି ମେଡିକାଲରେ ଭର୍ତ୍ତି କରିଥିଲେ; ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ମେଡିକାଲ କର୍ତ୍ତୃପକ୍ଷ ପୁଲିସକୁ ଖବର ଦେଇଥିଲେ। ବହୁତ ସମୟ ଅପେକ୍ଷା କଲା ପରେ ବି ପୁଲିସ ଆସି ନ ଥିଲା। ଏଣୁ ମୃତକଙ୍କ ପରିବାର ଲୋକ ଶବକୁ କାନ୍ଧେଇ ୫୭ ନମ୍ବର ଜାତୀୟ ରାଜପଥ ଦେଇ ଗାଁକୁ ବାହାରିଥିଲେ। ତେବେ ଡାକ୍ତରଖାନାରେ ମହାପ୍ରୟାଣ ଗାଡ଼ି ଥିଲେ ସୁଦ୍ଧା ବ୍ୟବଚ୍ଛେଦ ହୋଇନଥିବାରୁ ଶବ ନେବାକୁ ଗାଡ଼ି ଚାଳକ ମନା କରି ଦେଇଥିଲେ। ଶେଷରେ ବାଧ୍ୟ ହୋଇ ପରିବାରଲୋକେ ପୁଲିସ ଆସିବାରେ ବିଳମ୍ବ ହେତୁ ଶବ ବ୍ୟବଚ୍ଛେଦ ନ କରି କାନ୍ଧରେ ଧରି ଗାଁକୁ ବାହାରିଥିଲେ। ରାସ୍ତାରେ ଏହି ଦୃଶ୍ୟ ଦେଖି ଜଣେ ବ୍ୟକ୍ତି

**■ ଖବର ଦେବା ସତ୍ତ୍ୱେ ଆସିଲାନି ପୁଲିସ**
**■ ପୁଲିସ ନ ଆସିବାରୁ ହୋଇପାରିଲାନି ଶବ ବ୍ୟବଚ୍ଛେଦ**
**■ ଡାକ୍ତରଖାନାରୁ ଶବ ନେଇଗଲେ ପରିବାର ଲୋକ**

ଭିଡିଓ କରିଥିଲେ। ଏହାପରେ ଘଟଣା ଭାଇରାଲ ହୋଇଥିଲା। ଶେଷରେ ପୁଲିସ ଗାଁରେ ପହଞ୍ଚି ଥିଲା। ପରିବାରଲୋକଙ୍କୁ ବୁଝାଇ ବ୍ୟବଚ୍ଛେଦ ପାଇଁ ମନମୁଣ୍ଡା ଡାକ୍ତରଖାନା ନେଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ପୁଲିସ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିଲା। ଏହାପରେ ପରିବାରଲୋକ ଶବ ନେଇ ଗାଁ ମଶାଣିରେ ସତ୍କାର କରିଛନ୍ତି। ତେବେ ଏହି ଘଟଣା ବୌଦ୍ଧ ଜିଲ୍ଲାରେ ଯେତିକି ଆଲୋଡ଼ନ ସୃଷ୍ଟି କରିଛି, ଜିଲ୍ଲାକୁ ସେତିକି ବଦନାମ କରିଛି। ଏହାଦ୍ୱାରା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବେଫିକର ମନୋଭାବ ପଦାରେ ପଡ଼ିଛି। ତଳୁ ଉପର ପର୍ଯ୍ୟନ୍ତ ସମସ୍ତେ ଦାୟିତ୍ୱହୀନ ବୋଲି ପ୍ରମାଣ ଦେଇଛନ୍ତି।

# କଟକ-ଚାନ୍ଦବାଲି ରାସ୍ତାରେ ମର୍ମନ୍ତୁଦ ଦୁର୍ଘଟଣା: ଦୁଇଭାଇ ମୃତ, ଦୁଇ ଆହତ

ଆଳି, ୨୯।୯(ସମିସ): କଟକ-ଚାନ୍ଦବାଲି ରାସ୍ତାର ଗୋପୀନାଥପୁର ଶାସନ ଛକରେ କାର୍ ସହ ବାଇକ୍ ଧକ୍କା ହେବାରୁ ଦୁଇଭାଇ ମୃତ୍ୟୁବରଣ କରିଥିବାବେଳେ ଦୁଇଜଣ ଆହତ ହୋଇଛନ୍ତି। ମୃତ ଦୁଇଭାଇ ପଟ୍ଟାମୁଣ୍ଡାଇ ଅଞ୍ଚଳର ବୋଲି ଜଣାପଡିଛି। ସୂଚନା ମୁତାବକ, ରାଜକନିକା ଥାନା ବରାଡ଼ିଆ ପଞ୍ଚାୟତ ଶିକୁଡି ଗ୍ରାମର ହରିଶ୍ଚନ୍ଦ୍ର ରାଉତ (୬୭) ଓ ତାଙ୍କ ପତ୍ନୀ ଶାନ୍ତିଲତା ରାଉତ (୫୨) କାର୍ ଯୋଗେ କଟକରୁ ଫେରୁଥିଲେ। ଗୋପୀନାଥପୁର ଛକରେ ଆଳି ପଟୁ ବାଇକ୍‌ରେ ଆସୁଥିବା ପଟ୍ଟାମୁଣ୍ଡାଇ ଅରଡ଼ପଲ୍ଲୀ ଗ୍ରାମର ନରେନ୍ଦ୍ର ଦାସ (୨୬) ଓ ଅଜିତ ନାୟକ (୩୬)ଙ୍କ ସହ ଧକ୍କା ହୋଇଥିଲା। ଫଳରେ ନରେନ୍ଦ୍ର ଓ ଅଜିତ ଗୁରୁତର ଆହତ ହୋଇଥିଲେ। କାର୍‌ରେ ଥିବା ହରିଶ୍ଚନ୍ଦ୍ର ଓ ଶାନ୍ତିଲତା ଆହତ ହୋଇଥିଲେ। ଆଳି ଅଗ୍ନିଶମ ବାହିନୀ ଘଟଣା ସମସ୍ତଙ୍କୁ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ଡାକ୍ତର ନରେନ୍ଦ୍ର ଓ ଅଜିତଙ୍କୁ ମୃତ ଘୋଷଣା କରିଥିବାବେଳେ ହରିଶ୍ଚନ୍ଦ୍ର ଓ ଶାନ୍ତିଲତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମୂଳ ଦରମା...

ବୃଦ୍ଧି ପାଏ। ବର୍ତ୍ତମାନ ଡିଏ ମୂଳ ଦରମାର ୫୫% ରହିଛି। ଡିଏ ହଟାଇବା ପରେ ମୋଟ ବେତନ (ମୂଳ ଦରମା + ଡିଏ + ଏଚ୍ଆର୍ଏ) ରେ ବୃଦ୍ଧି ସାମାନ୍ୟ କମ୍ ଦେଖାଯାଇପାରେ, କାରଣ ୫୫% ଡିଏ ଉପାଦାନ ହଟାଇ ଦିଆଯିବ।

ପ୍ରତ୍ୟେକ ବେତନ ଆୟୋଗ ସୁପାରିସ ଆରମ୍ଭରୁ କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ଦୁଇରୁ ତିନି ବର୍ଷ ସମୟ ଲାଗିଥାଏ। ବର୍ତ୍ତମାନ ବର୍ଷ ୨୦୨୫ ଶେଷ ହେବାକୁ ତିନି ମାସ ବାକି ଅଛି। ଯଦିଓ ବେତନ ଆୟୋଗ ଶୀଘ୍ର ଗଠନ ହୋଇଯାଏ, ତଥାପି ରିପୋର୍ଟ ପ୍ରସ୍ତୁତ କରିବା, ସରକାରୀ ଅନୁମୋଦନ ପାଇବା ଏବଂ ସବୁକିଛି ଚୂଡ଼ାନ୍ତ କରିବା ପାଇଁ କିଛି ସମୟ ଲାଗିଯିବ। ପୂର୍ବ ବେତନ ଆୟୋଗଗୁଡ଼ିକରେ ସମାନ ପ୍ରକାରର ଉଦାହରଣ ସ୍ପଷ୍ଟ। ୨୦୨୮ ସୁଦ୍ଧା ବେତନ ଆୟୋଗ ପୂର୍ଣ୍ଣ କାର୍ଯ୍ୟକାରୀ ହେବାର ଅର୍ଥ ଏହା ନୁହେଁ ଯେ ୨୦୨୮ରୁ ସୁବିଧା ଉପଲବ୍ଧ ହେବ। ସୂଚନାଯୋଗ୍ୟ ଯେ, ପ୍ରତି ୧୦ ବର୍ଷରେ ବେତନ ଆୟୋଗ ଗଠନ କରାଯାଏ। ୭ମ ଆୟୋଗ ୨୦୧୬ରେ କାର୍ଯ୍ୟକାରୀ ହୋଇଥିଲା, ଯେତେବେଳେ କି ୮ମ ଆୟୋଗ ୨୦୨୬ ଜାନୁଆରୀ ପହିଲାରୁ ପ୍ରଭାବୀ ହେବ ବୋଲି ସମୟ ଧାର୍ଯ୍ୟ କରାଯାଇଛି। ଏହାର ଅର୍ଥ ହେଉଛି ଏହି ତାରିଖରୁ ଦରମା ଏବଂ ପେନସନ ବୃଦ୍ଧି ଗଣନା କରାଯିବ।

### ଦିନକୁ ୧୦ ଘଣ୍ଟା...

ନିୟୋଜିତ କରାଯାଇପାରିବ। ସେହିପରି ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ଯୋଜନାରେ ଗ୍ରାମ ପଞ୍ଚାୟତସ୍ତରରେ ଆଦର୍ଶ ବିଦ୍ୟାଳୟର ବିକାଶ ପାଇଁ ପ୍ରସ୍ତାବକୁ ସୋମବାର ରାଜ୍ୟ କ୍ୟାବିନେଟରେ ଅନୁମୋଦନ ମିଳିଛି। ଏହି ଯୋଜନା ଅଧିନରେ ଆସନ୍ତା ତିନି ବର୍ଷ (୨୦୨୫-୨୬ ରୁ ୨୦୨୭-୨୮ ) ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ୨୨୦୦ ଗୋଟି ମଡେଲ ସ୍କୁଲ ନିର୍ମାଣ ହେବ। ଏଥିପାଇଁ ମୋଟ୧୨,୦୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ତେବେ ପ୍ରତ୍ୟେକ ସ୍କୁଲ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଆଧାରରେ ପ୍ରକୃତ ଖର୍ଚ୍ଚ ନିର୍ଣ୍ଣୟ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେହିପରି କେନ୍ଦୁଝର ଘଟଗାଁ ଠାରେ ଥିବା ମା ତାରିଣୀ ମନ୍ଦିର ପରିସରର ପାରିପାର୍ଶ୍ୱିକ ବିକାଶ ଉପରେ ଓଡ଼ିଶା ସରକାର ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟ କ୍ୟାବିନେଟ୍ ଏଥିପାଇଁ ୧୪୬ କୋଟି ଟଙ୍କା ମୂଲ୍ୟର ସର୍ବନିମ୍ନ ଟେଣ୍ଡର (ଜିଏସ୍‌ଟିକୁ ବାଦ୍ ଦେଇ) ମେସର୍ସ ଦିଲ୍ଲୀପ କନଷ୍ଟ୍ରକସନ ପ୍ରାଇଭେଟ୍ ଲିମିଟେଡ୍ ସପକ୍ଷରେ ଅନୁମୋଦନ କରିଛନ୍ତି। ୫୯.୨୦୬ ଏକର ପରିମିତ ଅଞ୍ଚଳରେ ଏହି ବିକାଶ କାର୍ଯ୍ୟ ୨୪ ମାସ ଭିତରେ ସଂପୂର୍ଣ୍ଣ କରିବାକୁ ଧାର୍ଯ୍ୟ କରାଯାଇଛି। ଏହି ବିକାଶ କାର୍ଯ୍ୟ ପାଇଁ ସମୁଦାୟ ୨୨୬ କୋଟି ଟଙ୍କା ଖର୍ଚ୍ଚ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

### ଶିରୀଶ ମୁର୍ମୁ...

ଡିଗ୍ରୀ ହାସଲ କରିଥିଲେ। ୧୯ ୯୧ ମସିହାରେ ରିଜର୍ଭ ବ୍ୟାଙ୍କରେ ନିଜର ଚାକିରି ଜୀବନ ଆରମ୍ଭ କରିଥିବା ଶିରୀଶଚନ୍ଦ୍ର ମୁର୍ମୁ ବର୍ତ୍ତମାନ ରିଜର୍ଭ ବ୍ୟାଙ୍କରେ ଏକଜିକ୍ୟୁଟିଭ୍ ଡାଇରେକ୍ଟର ଭାବରେ କାର୍ଯ୍ୟରତ।

ସଂପ୍ରତି ଆର୍‌ବିଆଇରେ ଡେପୁଟୀ ଗଭର୍ଣ୍ଣର ଭାବେ ନାଗେଶ୍ୱର ରାଓ, ଟି. ରବିଶଙ୍କର, ସ୍ୱାମୀନାଥନ ଜେ. ଏବଂ ପୁନମ୍ ଗୁପ୍ତା କାର୍ଯ୍ୟରତ। ବେତନଟୀର ବିଶିଷ୍ଟ ଅର୍ଥନୀତୀଜ୍ଞ ଦୀପକ ମିଶ୍ରଙ୍କ ଧର୍ମପତ୍ନୀ ପୁନମ ଗୁପ୍ତା ଚଳିତବର୍ଷ ରିଜର୍ଭ ବ୍ୟାଙ୍କର ଡେପୁଟୀ ଗଭର୍ଣ୍ଣର ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଶିରୀଶ ଆସନ୍ତା ୯ ତାରିଖରେ ଡେପୁଟୀ ଗଭର୍ଣ୍ଣର ଭାବେ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି। ମୟୂରଭଞ୍ଜ ଜିଲ୍ଲା ବେତନଟୀର ଦୁଇଦୁଇ ଜଣ ବିଶିଷ୍ଟ ବ୍ୟକ୍ତିବିଶେଷ ରିଜର୍ଭ ବ୍ୟାଙ୍କର ଡେପୁଟୀ ଗଭର୍ଣ୍ଣର ଭଳି ମର୍ଯ୍ୟାଦାଜନକ ପଦବୀରେ ଅବସ୍ଥାପିତ ହେବା ସମଗ୍ର ଓଡ଼ିଶା ଏବଂ ମୟୂରଭଞ୍ଜ ପାଇଁ ଗର୍ବ ଏବଂ ଗୌରବ ଆଣିଦେଇଛି।

### ଆଜି ସୃଷ୍ଟିହେବ...

ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି ଆଦି ଜିଲ୍ଲାର କିଛି ସ୍ଥାନରେ ଭାରୀ ବର୍ଷା ହେବାକୁ ଥିବା ବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ମୟୂରଭଞ୍ଜ ଓ କେନ୍ଦୁଝରରେ ମଧ୍ୟ ବର୍ଷା ଆଶଙ୍କା ରହିଛି। ଦୁର୍ଗାପୂଜା ପାଇଁ ସାରା ରାଜ୍ୟ ବର୍ତ୍ତମାନ ଉତ୍ସବମୁଖର ହୋଇପଡ଼ିଥିବା ବେଳେ କଟକ-ଭୁବନେଶ୍ୱରରେ ପୂଜା ପାଇଁ ବ୍ୟାପକ ଆୟୋଜନ ହୋଇଛି। ମାତ୍ର ନବମୀ ଓ ଦଶମୀରେ ବର୍ଷା ଆଶଙ୍କା ରହିଥିବାରୁ ଏଥର ପୂଜା ପ୍ରଭାବିତ ହେବା ନେଇ ଯଥେଷ୍ଟ ଆଶଙ୍କା ରହିଛି। ଲଘୁଚାପ ଯୋଗୁଁ ବଡ଼ବର୍ଷା ନହେଲେ ମଧ୍ୟ ଝିପିଝିପି ବର୍ଷା ଲାଗି ରହିଲେ ବି ପୂଜା ବୁଲାରେ ସମସ୍ୟା ଉପୁଜିବ।

ଅନ୍ୟପଟେ, ସମ୍ଭାବ୍ୟ ଲଘୁଚାପ ଯୋଗୁଁ ସମୁଦ୍ର ମଧ୍ୟରେ ୩୫ରୁ ୪୫କିମି ବେଗରେ ପବନ ବହିବ। ଏହାର ଝଟ୍‌କା ପବନ ୫୫ କିମି ଛୁଇଁବ। ତେଣୁ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ସତର୍କ ସୂଚନା ଦିଆଯାଇଛି। ଲଘୁଚାପକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ମଧ୍ୟ ସତର୍କ ରହିବାକୁ ଏସ୍ଆରସିଙ୍କ କାର୍ଯ୍ୟାଳୟରୁ ପରାମର୍ଶ ଦିଆଯାଇଛି।

**■ ବାରମ୍ବାର ଉଡୁଛି ଡ୍ରୋନ୍**

# ବଡ଼ଦେଉଳର ସୁରକ୍ଷାକୁ ଅଣଦେଖା

ପୁରୀ,୨୯।୯ (ସମିସ): ବାରମ୍ବାର ଶ୍ରୀମନ୍ଦିର ଉପରେ ଉଡୁଛି ଡ୍ରୋନ୍। ଚଳିତ ମାସରେ ୩ଥର ଡ୍ରୋନ୍ ଉଡ଼ିଥିବାବେଳେ ଥରେ କମ୍ ଉଚ୍ଚତାରେ ଉଡ଼ିଛି ବିମାନ। ଏହା ଉପରେ କିପରି ଅଙ୍କୁଶ ଲାଗିପାରିବ ସେ ନେଇ ବାରମ୍ବାର ତାଗିଦ୍ କରାଯାଉଛି। ଘଟଣା ପରେ ତତ୍ପରତା ଦେଖାଉଛନ୍ତି ଶ୍ରୀମନ୍ଦିର ପ୍ରଶାସନ ଆଉ ପୁଲିସ। ହେଲେ କିଛିଦିନ ପରେ ଏହି ପ୍ରସଙ୍ଗକୁ ଏକପ୍ରକାର ଭୁଲି ଯାଉଛନ୍ତି। ଯାହାଫଳରେ ପୁଣି ଶ୍ରୀମନ୍ଦିର ଉପରେ ଚକ୍କର କାଟୁଛି ଡ୍ରୋନ୍। ବାରମ୍ବାର ଏଭଳି ଘଟଣା ଘଟିଚାଲିଥିବା ବେଳେ ମନ୍ଦିର ପ୍ରଶାସନ ଚିରାଚରିତ ଭାବେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରୁଛି। ହେଲେ ଏହାକୁ ନେଇ ସେମିତି କିଛି କଡ଼ା ଦଣ୍ଡବିଧାନ ନ ଥିବାରୁ ପରୋକ୍ଷରେ ଏହା ଉଡ଼ାଣକାରୀଙ୍କୁ ପ୍ରୋତ୍ସାହିତ କରୁଛି। ସେମାନେ ବାରମ୍ବାର ଏଭଳି ଉଡ଼ାଣ କରୁଛନ୍ତି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ସୁରକ୍ଷାକୁ ଆହୁରି କଡ଼ାକଡ଼ି କରିବା ପାଇଁ ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ବ୍ୟବସ୍ଥା କରାଯିବ ବୋଲି ଆଇନ ମନ୍ତ୍ରୀ ଘୋଷଣା କରିଥିଲେ। ହେଲେ ଏଯାଏଁ ଏହି ବ୍ୟବସ୍ଥା ଲାଗିଲା ନାହିଁ। ଅପରପକ୍ଷେ ସୁରକ୍ଷା ବ୍ୟବସ୍ଥାକୁ କାଟି ମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଚକ୍କର କାଟୁଥିବାବେଳେ ଏବେ ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ କୁଆଡ଼େ ଗଲା ଆଣ୍ଟି ଡ୍ରୋନ୍ ସିଷ୍ଟମ୍?



ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥା ଦିନକୁ ଦିନ ବିପନ୍ନ ହେବାରେ ଲାଗିଛି। ବିଭିନ୍ନ ସମୟରେ ଫଟୋ, ଭିଡିଓ ବଡ଼ଦେଉଳର ବହୁ ଗୁପ୍ତ ତଥ୍ୟକୁ ପଦାରେ ପକାଉଥିବାବେଳେ ଏବେ ଚିନ୍ତା ବଢ଼ାଇଦେଲାଣି ଡ୍ରୋନ୍ ଉଡ଼ାଣ। ଚଳିତ ମାସରେ ୩ ଥର ଡ୍ରୋନ୍ ଉଡ଼ିଲାଣି। ରବିବାର ସନ୍ଧ୍ୟା ସମୟରେ ମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଉଡ଼ିଥିଲା। ପ୍ରାୟ ୧୫ ମିନିଟ୍ ଧରି ଶ୍ରୀମନ୍ଦିର ନିକଟରେ ଡ୍ରୋନ୍‌ଟି ପଇଁତରା ମାରିଥିଲା। ସିଂହଦ୍ୱାର, ଆନନ୍ଦବଜାର, ସ୍ନାନମଣ୍ଡପ ଉପରେ ଚକ୍କର କାଟିଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନୀଳଚକ୍ରରେ ବାନା ପରିବର୍ତ୍ତନ ସମୟରେ ଉଡ଼ିଲା ଡ୍ରୋନ୍। ତେବେ ବାନା ବନ୍ଧା ସମୟରେ ଡ୍ରୋନ୍ ଉଡ଼ିବାରୁ ଚୁନରା ସେବକଙ୍କ ଉପରେ ସାଧାରଣରେ ସନ୍ଦେହ କରାଯାଉଛି। ନୋ ଫ୍ଲାଇଂ ଜୋନ୍‌ରେ କିଭଳି ବାରମ୍ବାର ଡ୍ରୋନ୍ ଉଡୁଛି ତାକୁ ନେଇ ଉଠିଛି ପ୍ରଶ୍ନ। ଏହାକୁ କିଏ ଏବଂ କେଉଁଠୁ ଅପରେଟ୍ କରୁଥିଲେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବାବେଳେ ପୁଲିସ ଖୋଳତାଡ଼ ଜାରି ରଖିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଡ୍ରୋନ୍ ଉଡ଼ାଣକୁ ନେଇ ବିଭିନ୍ନ ସମୟରେ ଆଲୋଚନା ହେବା ସହ ଏହା ଉପରେ କିପରି ରୋକ୍ ଲାଗିବ ସେ ନେଇ ଯୋଜନା କରାଯାଉଛି। କେତେଜଣଙ୍କୁ ମଧ୍ୟ ପୁଲିସ ଠାବ କରି ଥାନାକୁ ଆଣି ପଚରାଉଚରା ପରେ ଛାଡ଼ିଛି। ଏହାସତ୍ତ୍ୱେ ଏଥିରେ ରୋକ୍ ଲାଗିପାରୁନାହିଁ। ତେବେ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଯେପରି ଡ୍ରୋନ୍ ଉଡ଼ାଣ ନ ହେବ ସେଥିଲାଗି ଆଣ୍ଟି ଡ୍ରୋନ୍ ସିଷ୍ଟମ୍ ବ୍ୟବସ୍ଥା କରାଯିବ ବୋଲି ଆଇନ ମନ୍ତ୍ରୀ ଘୋଷଣା କରିଥିଲେ। ହେଲେ ଏ ପର୍ଯ୍ୟନ୍ତ ତାହା କରାଯାଇ ନାହିଁ। ଫଳରେ ବାରମ୍ବାର ମନ୍ଦିର ଉପରେ ଡ୍ରୋନ୍ ଉଡୁଛି।

ସୂଚନାଥାଉ କି, ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ରହିଛି। ଏ ନେଇ ବିଭିନ୍ନ ସମୟରେ ଗୋଇନ୍ଦା ବିଭାଗ ରିପୋର୍ଟ ଦେଇଛି। ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ମନ୍ଦିରର ଚାରିଦ୍ୱାର ସମତେ ଚତୁଃପାର୍ଶ୍ୱରେ ବ୍ୟାପକ ସୁରକ୍ଷା କର୍ମୀ ମୁତୟନ ରହୁଛନ୍ତି। ପ୍ରବେଶ ପଥରେ ଭକ୍ତଙ୍କୁ ଯାଞ୍ଚ କରାଯାଉଛି। ପରିକ୍ରମା ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ସୁରକ୍ଷା ବ୍ୟବସ୍ଥା ଆହୁରି ବଢ଼ିଯାଇଛି। ମାଳ ମାଳ ସୁରକ୍ଷା କର୍ମୀ ଏବଂ ମନ୍ଦିର ଭିତରେ ଅବସରପ୍ରାପ୍ତ ସେନା କର୍ମଚାରୀଙ୍କୁ ବି ନିୟୋଜିତ କରାଯାଇଛି। ତଥାପି ସୁରକ୍ଷା ବ୍ୟବସ୍ଥାକୁ ନେଇ ଅନେକ ସମୟରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।


**IN THE COURT OF SRI S.K.DEO, ESTATE OFFICER UNDER THE PUBLIC PREMISES (EVICTION OF UNAUTHORISED OCCUPANTS) ACT, 1971, TOWN SERVICES BUILDING, SECTOR-2, ROURKELA-6.**
**P.P.Case No-300001/2020**

**FORM C**

**Notice under sub-section (1) of Section 6 of the Public Premises (Eviction of Unauthorised Occupants) Act, 1971**

Steel Authority of India Limited,
Rourkela Steel Plant,
Rourkela. ........................................ Applicant Company

-Vrs-

The General Secretary,
Adarsha Pathagara (Bhanja Bhawan),
Sector 5, P.S. Sector 7, P.O. Rourkela – 2,
Dist.: Sundargarh. ........................................ Opp. party

Whereas on 12.09.2025 you were evicted from the public premises described in the Schedule below which was unauthorisedly occupied by you;

Now further to the notice dated 15.09.2025, and in exercise of the powers conferred on me by sub-section (1) of Section 6 of the Act, I hereby give you notice that after fourteen days of publication of this notice in this newspaper, the property (materials) remaining on the said premises will be liable to be removed or disposed of by public auction or to be acquired by the Applicant Company to realize arrears of rent/damages/costs due from the Opp. Party. In case you desire to take possession of your property (materials) and to remove the same from the said premises, you will be permitted to do so on written authority from the undersigned provided the arrears of rent/damages/costs due from you are paid within the said period of fourteen days. The detailed seizure list has been sent to you by speed post to your last known postal address. Nevertheless, if you desire, you can collect the seizure list as well as arrears of rent/damages/costs due from you from office of the undersigned within the stipulated period.

**Schedule**

In the District of Sundargarh, Sub Division and Munsif: Panposh at Uditnagar in the Industrial Township of Adarsha Pathagara(Bhanja Bhawan), Sector-5, P.S. Sector-7, P.O. Rourkela-2, Dist.: Sundargarh with fittings and fixtures and along with electrical installations.

Date: 27.09.2025

Sd/- Signature and seal of the Estate Officer


### ୧୯୩ଟି ମଣ୍ଡପରେ ଜଗିବେ ୬୧ ପ୍ଲାଟୁନ୍ ଫୋର୍ସ

ଭୁବନେଶ୍ୱର, ୨୯।୯ (ସମିସ): ଦୁର୍ଗାପୂଜା ପାଇଁ କମିସନରେଟ୍ ପୁଲିସ୍ ପକ୍ଷରୁ ରାଜଧାନୀରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପୂରା ସହରରେ ୧୯୩ଟି ମଣ୍ଡପରେ ମା’ ମହାମାୟୀ ବିରାଜିଥିବା ବେଳେ ଆଇନଶୃଙ୍ଖଳା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ୩ଜଣ ଡିସିପି ରାଙ୍କ ଅଫିସର୍‌ଙ୍କୁ ଗୁରୁଦାୟିତ୍ୱ ଦିଆଯାଇଛି। ସେମାନଙ୍କ ଅଧୀନରେ ୬୧ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ। ଏହା ଭିତରେ ୩ ପ୍ଲାଟୁନ କେନ୍ଦ୍ରୀୟ ସଶସ୍ତ୍ର ବଳ ରହିଛନ୍ତି। ରାଜଧାନୀର ୨୪ଟି ମଣ୍ଡପରେ ମା’ଙ୍କ ମୂର୍ତ୍ତିରେ ସୁନା ଓ ରୁପା ଅଳଙ୍କାର ବ୍ୟବହାର ହୋଇଥିବାରୁ ସେଠାରେ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ କରାଯାଇଛି।


Phone No. (06854) 241159 / 232714
Email: ceo@koraputccb.com

**KORAPUT CENTRAL CO-OPERATIVE BANK LTD.,**
HEAD OFFICE: N.K.T. ROAD, JEYPORE – 764003: DIST: KORAPUT (ODISHA)

Letter No. 2409/P&S/2025-26 — Date 24.09.2025

**QUOTATION CALL NOTICE**

Sealed quotations are invited from the intending registered firm for making a Glow sign board for branch banks of the Koraput Central Cooperative Bank Ltd., Jeypore along with supported valid GST & PAN are requested to submit their sealed quotations before the undersigned on or before **Dt.04.10.2025** by **5.30 P.M** latest as per following specification along with 2% security deposit of quotation value in favour of Secretary, Koraput Central Cooperative Bank Ltd., Jeypore at the time of submission of tender. The sealed tender notice should be highlighted as a Glow sign board on envelop.

The tender will be opened on Dtd. **06.10.2025** at **11.30 A.M** in presence of the authorized representative and if no agency or their representative shall remain present at the time of opening of quotations then the same shall be opened by the Purchase Committee members.

| Sl. No. | Particulars | Qty. required approximately | Proposed installation Site/Places in the KCCB Ltd., Branch & ATMs |
|---|---|---|---|
| 1. | Glow Sign Board: Fixing Acrylic LED 3D Letters with 48mm Thickness On ACP Background with Frame (Odiya letters with the KCC Bank logo) along with standard Led lights fitting charges. Glow sign Board size approximately: 10" feet Length x 4 feet width" Note: The above size may vary from branch to branch. | 23 Nos. of Branches & 1 No. at Head Office | KCCB Ltd., H.O, Main, Mahila, Bazar, Sadar, Borigumma, Koraput, Semiliguda, Nandapur, Laxmipur, Narayanapatna Nabarangpur, Papadahandi, Kosagumuda, Umerkote, Malkangiri, Mathili, M.V 79 Branch at Kalimela, Balimela, Rayagada, Tikiri, Muniguda, Gunupur & Padmapur Branch bank. |
| | | 9 Nos. of ATM | KCCB Ltd., Main, Borigumma, Koraput, Semiliguda, Laxmipur, Nabarangpur, Mathili, Gunupur & Padmapur ATMs |

The above items should be quoted including GST, Transportation, Delivery/Supply at the above Branch Bank & ATMs of the Koraput Central Cooperative Bank Ltd., Jeypore (within undivided Koraput District) including installation charges. The quotation received incomplete or after the scheduled date shall be rejected and will not be entertained by the Bank.

The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof. Taxes will be deducted as applicable at the time of payment of Bill amount.

For any queries, please contact to Sri Jaya Pradeep Patnaik, Manager, P&S, KCC Bank Ltd., Head Office, Jeypore. Mobile No.: 9777519964.

Secretary,
Koraput Central Cooperative Bank Ltd.,
Jeypore.


# ଷଣ୍ଢ ଲଢ଼େଇରେ ଯୁବତୀ ମୃତ

ବାରିପଦା, ୨୯।୯(ସମିସ): ବାରିପଦା ସଦର ଥାନା ଅନ୍ତର୍ଗତ ୧୮ନଂ ଜାତୀୟ ରାଜପଥର ମଞ୍ଚାବନ୍ଧାଠାରେ ଦୁଇ ଷଣ୍ଢ ମଧ୍ୟରେ ଲଢ଼େଇ ଯୋଗୁଁ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ମୃତ ଯୁବତୀଜଣଙ୍କ ହେଲେ, ବାରିପଦା ଟାଉନ ଥାନା ଅନ୍ତର୍ଗତ ମଧୁବନ ଅଞ୍ଚଳର ଉର୍ମି ସମ୍ପଦ (୧୭)। ସୋମବାର ସନ୍ଧ୍ୟାରେ ସେମାନେ ବାଇକ୍ ଯୋଗେ ଆସୁଥିବା ବେଳେ ମଞ୍ଚାବନ୍ଧା ନିକଟରେ ଦୁଇଟି ଷଣ୍ଢ ଲଢ଼େଇ ଲାଗି ଅତର୍କିତ ଭାବେ ତାଙ୍କ ଆଡ଼କୁ ମାଡ଼ି ଆସିଥିଲେ। ଜୋର୍‌ରେ ବାଇକକୁ ଧକ୍କା ଦେବାରୁ ଉଭୟ ବାଇକ ଆରୋହୀ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ପଡ଼ିଯାଇଥିଲେ। ପରେ ଯୁବତୀଙ୍କ ଉପରେ ଦୁଇ ଷଣ୍ଢ ମାଡ଼ି ଚାଲିଯିବାରୁ ଗୁରତର ଆହତ ହୋଇଥିଲେ। ରକ୍ତାକ୍ତ ଅବସ୍ଥାରେ ସ୍ଥାନୀୟ ଲୋକେ ଉଦ୍ଧାର କରି ପିଆରଏମ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ଡାକ୍ତର ଯୁବତୀଙ୍କୁ ମୃତ ଘୋଷଣା କରିଥିଲେ।

**■ ବାଣ ଓ ବିସ୍ଫୋରକ ବିରୋଧରେ ପୁଲିସର ଅଭିଯାନ**

# ୧୫ ଦିନରେ ୧୮୪ ମାମଲା, ୧୩୩ ଗିରଫ

କଟକ,୨୯ ।୯ (ସମିସ): ଆଗାମୀ ଉତ୍ସବ ଋତୁକୁ ଦୃଷ୍ଟିରେ ରଖି ବେଆଇନ ଭାବେ ବାଣ ତଥା ବିସ୍ଫୋରକ ସାମଗ୍ରୀ ସଂରକ୍ଷଣ, ଅନଧିକୃତ ପରିବହନ ଓ ବିକ୍ରୟକୁ ରୋକିବା ପାଇଁ ପୁଲିସ ପକ୍ଷରୁ ରାଜ୍ୟବ୍ୟାପୀ ଏନଫୋର୍ସମେଣ୍ଟ କରାଯାଉଛି। ଡିଜିପିଙ୍କ ନିର୍ଦ୍ଦେଶକ୍ରମେ ଗତ୧୪ ତାରିଖରୁ ୨୭ ସେପ୍ଟେମ୍ବର ପର୍ଯ୍ୟନ୍ତ ଓଡ଼ିଶା “ଅଗ୍ନି” ନାମକ ଏହି ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ଡ୍ରାଇଭ୍ କରାଯାଇଥିଲା। ଉପରୋକ୍ତ ୧୫ ଦିନରେ ମୋଟ ୧୮୪ଟି ମାମଲା ପଞ୍ଜିକୃତ ହୋଇଥିବା ବେଳେ ୧୩୩ଜଣ ଗିରଫ ହୋଇଛନ୍ତି । ସେହିଭଳି ୮କୋଟି ୨୪ଲକ୍ଷ ୬୦ହଜାର ଟଙ୍କାର ସାମଗ୍ରୀ ଜବତ କରାଯାଇଥିବା ବେଳେ ୪୫ଜଣଙ୍କୁ ନୋଟିସ ଜାରି ହୋଇଛି। ଏହି ସଚେତନତା ଅଭିଯାନ ଜାରି ରହିବ। ସ୍ୱତନ୍ତ୍ର ଅଭିଯାନ ସମୟରେ ଅନୁଗୁଳ ଜିଲ୍ଲାରେ ୧୭ଟି ମାମଲାରେ ୧୩ଜଣଙ୍କୁ ଗିରଫ କରାଯାଇଛି। ୫୭୩୦ କିଲୋଗ୍ରାମ ବିସ୍ଫୋରକ ଜବତ ହୋଇଛି। କେନ୍ଦୁଝରରେ ୨୧ଟି ମାମଲାରେ ୨୧ଜଣ ଗିରଫ ହୋଇଛନ୍ତି। ଗଞ୍ଜାମରେ ୧୪ ଓ ବୌଦରେ ୧୦ଟି ମାମଲା ପଞ୍ଜୀକତ ହୋଇଛି।


**AFFIDAVIT**
I, NAKAFODI OJHA AT/PO- INDIPUR, PS- SADAR, DHENKANAL-759025, ODISHA DECLARE BY THIS AFFIDAVIT NO- 1852, DATE- 24. 09.2025. THAT NOW ONWARDS, I SHALL BE KNOWN AS **NAKAPHODI OJHA** FOR ALL FUTURE PURPOSES.

**Antares Systems Ltd.**
Ph:080-45982100/033-46046611
e-mail: esale@etenderwizard.com
Tender Wizard
**e-Auction for disposal of Burnt Oil, Old, Used & Unserviceable Items of Mahanadi Coalfields Limited, Sambalpur. Website:** www.tenderwizard.com/ESALE.
**Auction No's**
1) **ASL/MCL/DISPOSAL/25-26/05** — **Auction Date: 08-10-2025**
2) ASL/MCL/DISPOSAL/ 25-26/06 — **Auction Date: 09-10-2025**
3) ASL/MCL/DISPOSAL/ 25-26/07 — **Auction Date: 09-10-2025**
4) ASL/MCL/DISPOSAL/25-26/08 — **Auction Date: 10-10-2025**
**For further information, contact Helpdesk at the above address.**
Refer Sale notice for further details.

**AFFIDAVIT**
By virtue of an affidavit CF No.121, dtd.25.09.2025 before the Executive Magistrate, Bhubaneswar, I, Ranjeeta Sahoo, W/o- Chitta Ranjan Sahoo, resident of Bhubaneswar, declare that in my daughter Bishnupriya Sahoo's school records my name has been wrongly mentioned as Ranjita Sahoo instead of Ranjeeta Sahoo. Both names refer to the same person i.e., myself. Hence, my correct name is **Ranjeeta Sahoo** for all future purposes.
Sd/-Ranjeeta Sahoo

**AFFIDAVIT**
I, Prasant Kumar Samantaray S/o -Benudhar Samantaray, Resident of Village -PDN Horizon, Flat No-107, PO/PS - Khandagiri, Dist - Khurdha, Odisha, declare by this affidavit No.26 dtd 13.08.2025 that now onwards I shall be known as **PRASANTA KUMAR SAMANTARAY** for all future purposes.

**AFFIDAVIT**
By an affidavit Before the Notary, Cuttack on Dt.29.09.2025 I, **Tapan Kumar Maulik,** S/o.: Late Birendra Nath Maulik, aged about 56 years, At: Netaji Nagar, PO.: Tulsipur, Dist.: Cuttack-753008 declare that in my actual name is Tapan Kumar Maulik which has been written in my aadhar card but my name which has been written in my Passport bearing No.: N0330673 as Tapan Maulik. Tapan Kumar Maulik and Tapan Maulik is one and same person. I shall be known as **Tapan Kumar Maulik** for all future purposes. That the facts stated above are true to the best of my knowledge and belief.

**AFFIDAVIT**
By virtue of an affidavit before the Executive Magistrate, Bhubaneswar, I, PRABHA VATI SHARMA, D/O- Rampukar Sharma, W/O- Shiv Shakti Sharma, resident of At- Plot No. 64/1631, Shree Kshetra Nagar, Kesura, PO- Bankual, PS- Saheednagar, Bhubaneswar, Dist.- Khordha, Odisha, Pin- 751002, declare by this affidavit No.15AA274132 dated 22.09.2025 that now onwards I shall be known as **PRABHAWATI SHARMA** for all future purposes.

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
By virtue of an affidavit sworn before the Executuve Magistrate, Nabarangpur, dated. 25.09.2025, I Dalimbo Bhatra, W/o- Late. Padman Bhatra, Vill.- Sindhiguda, Po.- Sindhiguda, Ps.- Nabarangpur, Dist.- Nabarangpur, Odisha, Pin - 764063, declare that I have changed the name of my Daughter from **BINATI BHATRA** to **JAMUNA BHATRA**. Henceforth, she shall be known as **JAMUNA BHATRA** for all purposes.
Sd/- Dalimbo Bhatra

**AFFIDAVIT**
By virtue of an affidavit sworn before the Sub-Divisional Magistrate/Assistant Collector/ Sub Collector, Nabarangpur, dated. 26.09.2025, I Namita Mohanty, W/o- Patnala Danteswar Achary, at- Hanuman Nagar, Back side Ram Mandir Nabarangpur, Post/Ps./Dist.- Nabarangpur, declare that, I have changed the name of my daughter from **P.Kiran Mohi** to **Patanala Kiran Mahi Achary**. Henceforth, she shall be known as **Patanala Kiran Mahi Achary** for all purposes.
Sd/- Dalimbo Bhatra

**AFFIDAVIT**
I, Pritendu Satapathy, S/o- Lingaraj Satapathy , resident of At- Achyutapur, Po- Garhrupas,Ps-Konark, Dist- Puri, Pin- 752111, Odisha declared by this affidavit No.795, dtd- 29/09/2025 that now onwards I shall be known as **PRITINDU SATAPATHY** for all future purposes.

ସକାଳ THE SAKALA



www.sakalaepaper.com



# ମଣ୍ଡପରେ ଦର୍ଶନ ଦେଲେ ମା' ଦୁର୍ଗତିନାଶିନୀ



**ଭଦ୍ରକ, ୨୯ ।୯ (ସମିସ):** ଆଜି ମା' ଦୁର୍ଗାଙ୍କ ମଣ୍ଡପରେ ପବିତ୍ର ମହାସପ୍ତମୀ । ଏଥିଲାଗି ଶ୍ରଦ୍ଧାଳୁମାନେ ସକାଳୁ ପୂଜାମଣ୍ଡପରେ ଭିଡ଼ ଜମେଇଲେଣି । ମାଆ ଦୁର୍ଗା ଆଜିଠାରୁ ମଣ୍ଡପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି । ଭଦ୍ରକ ସହର ସମେତ ଜିଲ୍ଲାର ବିଭିନ୍ନ ସହରରେ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି । ଆଜିଠାରୁ ଭିଡ଼ ଅଧିକ ବଢ଼ିବ ବୋଲି ଆଶା କରାଯାଉଛି । ଭଦ୍ରକ ସହରାଞ୍ଚଳର ଗାନ୍ଧୀପଡ଼ିଆ, ବଙ୍କବାସୁଳୀ ପୀଠ, ଜାନୁଗଞ୍ଜ, ସାଳନ୍ଦୀ ବାଇପାସ୍, ନୀଳକଣ୍ଠନଗର ଆଦି ସ୍ଥାନରେ ସାର୍ବଜନୀନ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି ।

















ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ପୀଠଦେବୀ ଜୟଦୁର୍ଗାଙ୍କ ଷୋଡଶ ଦିବସୀୟ ପୂଜା ଅବସରରେ ମା'ଙ୍କ ସିଂହବାହିନୀ ବେଶ

## ପୂଜାମଣ୍ଡପରେ ମା'ଙ୍କୁ ଆବାହନ

**ବାରିକପୁର, ୨୯ ।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ପୂଜା ମଣ୍ଡପରେ ଦୁର୍ଗତୀ ନାଶିନୀ ମା' ଦୁର୍ଗା ଇତିମଧ୍ୟରେ ଧରାବତରଣ କରିଛନ୍ତି । ରବିବାର ନିଶାର୍ଦ୍ଧରେ ପୂଜକଙ୍କ ଦ୍ୱାରା ବିଲ୍ୱ ଅଧିବାସ ସହିତ ସିଂହବାହିନୀଙ୍କୁ ଆବାହନ କରାଯାଇଛି । ଆଜି ପୂଜା କମିଟ ପକ୍ଷରୁ ମା'ଙ୍କ ସପ୍ତମୀ ପୂଜା ଅନୁଷ୍ଠିତ ହୋଇଥିଲା । ପୂଜା ମଣ୍ଡପଗୁଡିକରେ ଆବାହନ ପରେ ପ୍ରାଣ ପ୍ରତିଷ୍ଠା, ସପ୍ତମୀ ବିହିତ ପୂଜା, ଦେବୀଙ୍କ ମହାସ୍ନାନ, ଉପଚାର ପୂଜା, ହୋମଯଜ୍ଞ ଓ ଚଣ୍ଡିପାଠ ଅନୁଷ୍ଠିତ ହୋଇଥିଲା । ସେହିପରି ନିର୍ଗୁଣ୍ଡି ସ୍ଥିତ ପ୍ରସିଦ୍ଧ ବଡ଼ଦାଣ୍ଡ ପୂଜା କମିଟି, ନାଗାପାଳ, ହାଟସାହି, କୁଣ୍ଡ ସାହି ପୂଜା କମିଟି ପକ୍ଷରୁ ବୈଦିକ ରୀତିନୀତି ଅନୁଯାୟୀ ଆଜି ମା'ଙ୍କ ସପ୍ତମୀ ପୂଜା ହୋଇଛି । ଏଥିରେ ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ସେହିଭଳି ଭଣ୍ଡାରିପୋଖରୀ ଥାନା ଛକ, ସରସଦା ସାର୍ବଜନୀନ ଦୁର୍ଗାପୂଜା କମିଟି, ମଞ୍ଜୁରୀ ରୋଡ, ପାଟୁଳି, ନଗୁଆ, ବାଲିଗଡ଼ିଆ, ଜୋରାଗଡ଼ିଆ ଦୁର୍ଗାପୂଜା କମିଟି ପକ୍ଷରୁ ଦୁର୍ଗତୀ ନାଶିନୀ ଦୁର୍ଗାଙ୍କ ପୂଜା ଆନନ୍ଦ ଉଲ୍ଲାସର ସହିତ ପାଳନ ହେଉଛି । ଅନୁରୂପ ଭାବେ ମଙ୍ଗଳବାର ମହାଷ୍ଟମୀ ପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବିଭିନ୍ନ ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି ।





ଦୋବଲ ପଞ୍ଚାୟତ ସୋଧ ଗ୍ରାମର ମା' ସୁବର୍ଣ୍ଣମୁଖୀଙ୍କ ନବରାତ୍ରର ଅଷ୍ଟମ ଦିନରେ ମା' ମହାଗୌରୀ ବେଶ (ଫଟୋ-ଦୋବଲ)

## ରାଜପଥ ପାର୍ଶ୍ୱରୁ ଅଜଣା ମହିଳାଙ୍କ ଶବ ଉଦ୍ଧାର

**ଭଣ୍ଡାରିପୋଖରୀ/ବାରିକପୁର, ୨୯।୯ (ସମିସ):** ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥ ଆସାମ ଅଏଲ ପେଟ୍ରୋଲ ପମ୍ପ ନିକଟରୁ ଜଣେ ଅଜଣା ମହିଳା(୫୦)ଙ୍କ ଶବ ପୁଲିସ ଉଦ୍ଧାର କରିଛି । ଶବ ନିକଟରେ ପଡ଼ିଥିବା ଏକ ନୀଳ ରଙ୍ଗର ଟି-ସାର୍ଟକୁ ପୁଲିସ ଜବତ କରିଛି । ସେହି ସ୍ଥାନରେ ବ୍ୟବସାୟ କରୁଥିବା ଧାମନଗର ଥାନା ଖଡିପଦା ଗ୍ରାମର ସଞ୍ଜୟ ସାହୁଙ୍କ ଅଭିଯୋଗ କ୍ରମେ ଥାନାରେ ୨୦/୨୦୨୫ନଂ ଅପମୃତ୍ୟୁ ମାମଲା ରୁଜୁ ହୋଇ ବ୍ୟବଚ୍ଛେଦ ପାଇଁ ଶବ ଭଦ୍ରକ ପଠାଯାଇଛି । ଅଭିଯୋଗ ଅନୁଯାୟୀ ସଞ୍ଜୟ ପୂର୍ବଦିନ ସନ୍ଧ୍ୟାରେ ସମ୍ପୃକ୍ତ ମହିଳାଙ୍କୁ ବୁଲାବୁଲି କରୁଥିବା ଦେଖିଥିଲେ । ମହିଳା ଜଣକ ମାନସିକ ଅନଗ୍ରସର ବୋଲି ଅନୁଭବ କରାଯାଉଥିଲା । ସୋମବାର ସକାଳେ ସେହି ମହିଳା ଉଲଗ୍ନ ଅବସ୍ଥାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା । ସମ୍ପୃକ୍ତ ମହିଳାଙ୍କ ପରିଚୟ ଜଣାପଡ଼ିନାହିଁ ।

## 'ଶିବାନୀ' ପତ୍ରିକାର ଶାରଦୀୟ ସଂଖ୍ୟା ଉନ୍ମୋଚିତ

**ଭଦ୍ରକ, ୨୯ ।୯ (ସମିସ)**

ପବିତ୍ର ମା' ଦୁର୍ଗାଙ୍କ ଷଷ୍ଠୀ ପୂଜା ଅବସରରେ ସମ୍ଭାବନା ସାହିତ୍ୟ ସଂସଦ ପକ୍ଷରୁ ଏକ ସାରସ୍ୱତ ଆସର ଲୋକନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଆସରରେ ପୂର୍ଣ୍ଣଚନ୍ଦ୍ର ବହଳୀଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା 'ଶିବାନୀ'ର ଶାରଦୀୟ ସଂଖ୍ୟା ଉନ୍ମୋଚିତ ହେବା ସହ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭଦ୍ରକ ସାହିତ୍ୟର ନୂଆସ୍ୱର, ସମ୍ଭାବନା ସାହିତ୍ୟ ସଂସଦର ଆସର ଏ ମାସ ଶେଷ ରବିବାର ବାବା ଲୋକନାଥଙ୍କ ମନ୍ଦିର ପ୍ରାଙ୍ଗଣରେ ବହୁ ଆଡମ୍ବରରେ ପାଳିତ ହୋଇଯାଇଛି । ଉଦଘାଟକ ଭାବେ ଶିଶୁ ସାହିତ୍ୟିକ ତଥା ଗବେଷକ ପ୍ର. ଡ଼. ମନୀନ୍ଦ୍ର ମହାନ୍ତି ଓ ସଭାପତି ଭାବେ ଆଇନଜୀବୀ ଅତିଶ କୁମାର ବେହେରା ଯୋଗ ଦେଇଥିଲେ । ସେହିପରି ମୁଖ୍ୟ ଅତିଥିଭାବେ କବୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ ଯୋଗଦେଇ ସମ୍ଭାବନା ଓ ଶିବାନୀର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଅବସରପ୍ରାପ୍ତ ଅଧକ୍ଷ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ବହଳୀଙ୍କ ମାନସ ସନ୍ତାନ ଶିବାନୀର ଲୋକାର୍ପଣ କରିଥିଲେ । ସହ ସମ୍ପାଦକ ବିଜୟ କୁମାର ବହଳୀ ଶିବାନୀ ଲୋକାର୍ପଣ ଉତ୍ସବରେ





ପୂର୍ଣ୍ଣ ସହଯୋଗ କରିଥିଲେ । ସମ୍ମାନିତ ଅତିଥି ଭାବେ ସୁସାହିତ୍ୟିକ ଆମ କଲମର ପ୍ରତିଷ୍ଠାତା ସାରଥୀ ପଣ୍ଡା ସମ୍ଭାବନାର ବହୁ ଦିଗ ଉପରେ ଆଲୋକପାତ କରିଥିଲେ । ସମାଜ ସହ ପ୍ରେମ ବନ୍ଧନରେ ବାନ୍ଧି ହୋଇ ରହିବା, ପରସ୍ପର ମଧ୍ୟରେ ଟିକେ ଖୁସି ବାଣ୍ଟିବା, ସାହିତ୍ୟରୁ ହିଁ ଶିଖିବାକୁ ମିଳେ । ସମ୍ଭାବନା ସାହିତ୍ୟ ସଂସଦ ଓ 'ଶିବାନୀ ପତ୍ରିକା' ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ମଞ୍ଚ ଆମନ୍ତ୍ରଣ କବି ବୈକୁଣ୍ଠ ବିଶ୍ୱାଳ, ସ୍ୱାଗତ ଭାଷଣ ରଖିଥିଲେ ସମ୍ପାଦକ ଋତୁରାଜ ଅକ୍ଷୟ, କବିତାଗୁଡିକୁ ସଂଯୋଜନା କରିଥିଲେ ସୁକାନ୍ତ ବେହେରା, କବିତା ସମୀକ୍ଷା କରିଥିଲେ ବିପ୍ଳବ ପତି ସମ୍ଭାବନା ସାହିତ୍ୟ ସମ୍ମାନରେ ନରେନ୍ଦ୍ର କୁମାର ସାହୁ, କ୍ୟାପଟେନ ଓଁକାରଙ୍କୁ ପ୍ରଦାନ କରିଥିବା ବେଳେ ଦେବୀ କିଙ୍କର ବ୍ରହ୍ମଦାସ ପାଣିଗ୍ରାହୀଙ୍କୁ ସମ୍ଭାବନା ଶ୍ରେଷ୍ଠ ସମାଜସେବୀ ସମ୍ମାନ ଏବଂ ଶିଶୁ ପ୍ରତିଭା ପ୍ରନୀତ ପଟ୍ଟନାୟକଙ୍କୁ ସମ୍ଭାବନା ପ୍ରତିଭା ସମ୍ମାନ ସମ୍ମାନିତ କରାଯାଇଥିଲା । ସମ୍ଭାବନା ଶ୍ରେଷ୍ଠ କବିତା ସଂମ୍ମାନ କବୟିତ୍ରୀ ନୀଳିମା ପଣ୍ଡା ଓ କବି ମାନସ ପଣ୍ଡାଙ୍କୁ ପ୍ରଦାନ କରିଥିବା ବେଳେ ରମେଶ ଦାସ, ମୁକୁନ୍ଦଦେବ ନାୟକଙ୍କୁ ସମ୍ଭାବନା କବିତା ସମ୍ମାନରେ ସମ୍ମାନିତ କରାଯାଇଥିଲା । ବହୁକବି ଓ କବୟିତ୍ରୀ ସେମାନଙ୍କର ସ୍ୱରଚିତ କବିତା ପାଠ କରିଥିଲେ । ବିଜୟ ଜେନା, ଶ୍ରଦ୍ଧାଞ୍ଜଳି ମିଶ୍ର, ମୋନାଲିସା ସାହୁ, ଅଂଶୁମାନ ସ୍ୱାଇଁ, ବିଳାସିନୀ ମହୁରୀ, ଶୁଭାପଲ୍ଲବ ସଭା ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ କଳା ସମ୍ପାଦକ ଚୂଡ଼ାମଣି ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ପୁଲିସ ଅଧିକାରୀ ବବ୍ରୁବାହନ ନାୟକଙ୍କ ବିୟୋଗରେ ଶୋକସଭା

**ଭଦ୍ରକ, ୨୯ ।୯ (ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ଅଧୀନ ମତୋ ଫାଣ୍ଡି ପରିସରରେ ସୋମବାର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ମତୋ ଫାଣ୍ଡିର ପୂର୍ବତନ ଫାଣ୍ଡି ଅଧିକାରୀ ତଥା ଏବେକାର ପୁରୁଣା ବଜାରର ଥାନା ଅଧିକାରୀ ବବ୍ରୁବାହନ ନାୟକଙ୍କ ଅକାଳ ବିୟୋଗ ପାଇଁ ମତୋ ଫାଣ୍ଡି ପରିସରରେ ଶ୍ରୀ ନାୟକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଶୋକସଭା ଅନୁଷ୍ଠିତ ହୋଇଥିଲା । ସ୍ୱର୍ଗତ ନାୟକ ଏକ କାମ ପାଇଁ କଟକ ଯାଇଥିଲେ । ଫେରିବା ବାଟରେ ବାଇକ ଦୁର୍ଘଟଣା ହୋଇଥିଲା । ଏହାକୁ ନଜରରେ ରଖି ମତୋ ଅଞ୍ଚଳର ବୁଦ୍ଧିଜିବୀଙ୍କ ସମେତ ଚାନ୍ଦବାଲି ଥାନାର ଥାନା ଅଧିକାରୀ ପରେଶ ମହାନ୍ତି, ମତୋ ଫାଣ୍ଡି ଅଧିକାରୀ ଛତିଶକୁମାର ଗୋଛି, ମତୋ ଫାଣ୍ଡିର ସମସ୍ତ କର୍ମଚାରୀ, ବୁଦ୍ଧିଜିବୀ ଉମାକାନ୍ତ ସାମଲ, ପ୍ରଦୀପ ପଲାଇ, ବାନାମ୍ବର ନାୟକ, ଅଶୋକ ପଣ୍ଡା, ଦେବକାନ୍ତ ମହାନ୍ତି, ମୁରଲିଧର ମହାନ୍ତି, ରବିନାରାୟଣ ମହାନ୍ତି, ମୁକ୍ତିକାନ୍ତ ସେଠୀ, ରାଜେଶ ସ୍ୱାଇଁ, ପ୍ରବଣ ବଳ, ରତିକାନ୍ତ ନାୟକ, ସୁଦର୍ଶନ ନାୟକ, ନିଲୁ ନାୟକ, ରଶ୍ମିକାନ୍ତ ପଣ୍ଡା, ରମେଶ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

## ଶେଷ ହେଲା ଷୋଡ଼ଶୋପଚାର ପୂଜା

# ମହାଷ୍ଟମୀରେ ମା' ବିରଜାଙ୍କ ମନ୍ଦିର ଲୋକାରଣ୍ୟ





ଯାଜପୁର, ୨୯।୯(ସମିସ): ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଷୋଡ଼ଶୋପଚାର ପୂଜା ଓ ଯଜ୍ଞ କାର୍ଯ୍ୟ ଆଜି ମଧ୍ୟ ରାତ୍ରିରେ ଶେଷ ହୋଇଛି। ଗତ କାଲିର ପୂଜା ଓ ଯଜ୍ଞ କାର୍ଯ୍ୟ ସକାଳ ୫ଟାରେ ସରିବା ପରେ ମନ୍ଦିର ପହଡ଼ କରାଗଲା। ୭ଟାରେ ସ୍ନାନ ପରେ ଭକ୍ତମାନେ ଗର୍ଭ ଗୃହକୁ ପ୍ରବେଶ କରି ପାଦ ସ୍ପର୍ଶ କରିଥିଲେ। ପାଖାପାଖି ୫ ହଜାରରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଭକ୍ତମାନେ ଏଥିରେ ସାମିଲ ହୋଇଥିଲେ। ପରେ ପରେ ନାନାଦି ବେଶ କାର୍ଯ୍ୟ କରାଯାଇ ଦିନର ପୂଜା କରାଯାଇଥିଲା। ଅପରାହ୍ନ ୪ଟା ୪୫ ମିନିଟରେ ଆଜିର ରଥଯାତ୍ରା ଆୟୋଜନ କରାଯାଇ ରଥକୁ ୨ ବେଢ଼ାରୁ ଅଧିକ ଚାଳନା କରାଯାଇ ପୂର୍ବ ଦକ୍ଷିଣ କୋଣରେ ରଖାଯାଇଥିଲା। ରଥରୁ ଅବତରଣ ପରେ ସନ୍ଧ୍ୟାରେ ଆଳତୀ ପରେ ରାତ୍ର ୮.୧୫ ମିନିଟ ପରେ ଅଷ୍ଟମୀ ତିଥି ଆସିବାରୁ ମା' ବିରଜାଙ୍କ ମହାଷ୍ଟମୀର ମହାସ୍ନାନ କରାଯାଇଥିଲା। ରାତ୍ର ୭.୩୦ ମିନିଟ ସମୟରେ ଶାସନର ୧୫୦ ଜଣ ବ୍ରାହ୍ମଣ ବୈତରଣୀ ଜଳ ଧରି ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ୮. ୧୫ ମିନିଟ ପରେ ମହାସ୍ନାନ ଆରମ୍ଭ କରାଯାଇ ୯ଟାରେ ପୁନରାୟ ବେଶ ଆରମ୍ଭ କରାଯାଇଥିଲା। ରାତ୍ରୀ ବେଶ କାର୍ଯ୍ୟ ରାତ୍ର ୧୦.୩୦ ମିନିଟ ପରେ ଶେଷ କରାଯାଇ ଗର୍ଭଗୃହ ଧୂଆ କରାଯିବା ସହିତ ରାତି ପୂଜାର ଆୟୋଜନ କରାଯାଇଥିଲା। ଷୋଡ଼ଶୋପଚାର ପୂଜାର ଆଜି ଶେଷ ରାତ୍ରୀ ପାଳିତ ହୋଇଛି। ମହାପଞ୍ଚମୀ ଠାରୁ ଚାଲି ଆସୁଥିବା ଯଜ୍ଞ କାର୍ଯ୍ୟ ଆସନ୍ତାକାଲି ସକାଳ ସୁଦ୍ଧା ସଂପୂର୍ଣ୍ଣ କରାଯାଇ ପୂର୍ଣ୍ଣାହୁତି କରାଯିବ। କାଲି ଚଳିତ ବର୍ଷର ଶେଷ ଦିନର ରଥଯାତ୍ରା ଆୟୋଜନ କରାଯିବ। ରଥକୁ ମନ୍ଦିର ସମ୍ମୁଖକୁ ଅଣାଯାଇ ରଖାଯିବା ପରେ ରାତ୍ରି ୧୦ଟାରେ ଏକ ସୁସଜ୍ଜିତ ବିମାନରେ ମା'ଙ୍କ ବିଜୟ ପ୍ରତିମାକୁ ଲାଖବିନ୍ଧା ପଡ଼ିଆକୁ ନିଆଯିବ। ଯାହାକୁ ପ୍ରସିଦ୍ଧ ଦିଗ୍‌ବିଜୟ ଯାତ୍ରା ବୋଲି କୁହାଯାଏ। ଆଜିର ରଥଯାତ୍ରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଯାଜପୁର ଉପ-ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଉପସ୍ଥିତ ରହି ରଥଯାତ୍ରା ପରିଚାଳନା ନିରିକ୍ଷଣ କରିଥିଲେ। ଆଜି ମାଜିଷ୍ଟ୍ରେଟ ଭାବେ ଦଶରଥପୁର ତହସିଲଦାର ଶୁଭ୍ରାଂଶୁ ସାହୁ ଓ ସକାଳ ସମୟରେ ଅତିରିକ୍ତ ତହସିଲଦାର ଅଜୟ କୁମାର ପଣ୍ଡା ଉପସ୍ଥିତ ଥିଲେ। ଆଜି ମହାଷ୍ଟମୀ ତିଥି ଥିବାରୁ ଭକ୍ତମାନଙ୍କ ଭରପୁର ଗହଳି ସକାଳୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦେଖିବାକୁ ମିଳିଥିଲା। ଆଜି ଗୋଟିଏ ଦିନ ପାଇଁ ଭକ୍ତମାନେ ମନ୍ଦିରରେ ଉପସ୍ଥିତ ରହି ଭଜନ କୀର୍ତ୍ତନ ଓ ପୂର୍ଣ୍ଣାହୁତି ଦେଖିବାର ପରମ୍ପରା ରହିଥିବାରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଭକ୍ତମାନଙ୍କ ଉପସ୍ଥିତ ଦେଖିବାକୁ ମିଳିଛି। ଆଜି ଗର୍ଭ ଗୃହକୁ ପ୍ରବେଶ ସମୟରେ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଜିଲ୍ଲାର ଅନେକ ବରିଷ୍ଠ ଅଧିକାରୀ ଓ ଜିଲ୍ଲାର ପୂର୍ବତନ ଅଧିକାରୀମାନେ ମନ୍ଦିର ଦର୍ଶନରେ ଆସି ଗର୍ଭ ଗୃହକୁ ପ୍ରବେଶ କରି ପାଦ ସ୍ପର୍ଶ କରିବା ସହିତ ମା' ବିରଜାଙ୍କ ମୁଖ ଦର୍ଶନ କରିଥିଲେ।




## ଯାଜପୁର ସହରରେ ବିଭିନ୍ନ ପୂଜାମଣ୍ଡପ



ସେନ୍ ଘର


ବେଲାରପୁର


ଭଗବତପୁର


ବଡବଜାର


ଚନ୍ଦେଶ୍ୱର


ହରପାର୍ବତୀ


କୁଆଁସରପୁର

## ୧୪ଟି ସ୍ଥାନରେ ଶାରଦୀୟ ଦୁର୍ଗାପୂଜା



କବାଟବନ୍ଧ,୨୯।୯(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବିଭିନ୍ନ ପଞ୍ଚାୟତରେ ଦୁର୍ଗତି ନାସିନୀ ମା' ଦୁର୍ଗାଙ୍କ ପୂଜା ମହାଆଡମ୍ବରରେ ରୀତିନୀତି ଅନୁସାରେ ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ଏହି ଥାନା ଅଧୀନରେ ପ୍ରାୟ ୧୩ ଗୋଟି ସ୍ଥାନରେ ପୂଜା ଅନୁଷ୍ଠିତ ହେଉଅଛି। ଜେନାପୁର, ମର୍ଜିତାପୁର, ରେଖିଦେଇପୁର, କଲାଣ୍ଡ, ଖରିଲୋ ଶ୍ରୀଚନ୍ଦନପୁର, ଚଢ଼େଇଧରା ବଉଳମାଳ, ଡଙ୍କାରି ତଳସାହି, ଡଙ୍କାରୀ ଶବରସାହି, କୁରିକଣା, ଗଡ଼ମଧୁପୁର, ମୁକୁନ୍ଦପୁର, ରାମଚନ୍ଦ୍ରପୁର, ମହିସରା, ସୋରାଇ ଆଦି ୧୪ ଗୋଟି ସ୍ଥାନରେ ପୂଜା ଅନୁଷ୍ଠିତ ହେଉଛି। ରୀତିନୀତି ଅନୁଯାୟୀ ମା'ଙ୍କର ମୃଣ୍ମୟ ମୂର୍ତ୍ତିକୁ ପୂଜା କରାଯାଉଛି। ଚଳିତ ବର୍ଷ ଜେନାପୁର ଠାରେ ଏହି ପୂଜା ୮୭ ବର୍ଷରେ ପଦାର୍ପଣ କରିଛି। ସେହିପରି ଚଉସଠିପଡ଼ାରେ ୮୪ ତମ, ଶ୍ରୀଚନ୍ଦନପୁରରେ ୨୬ତମ ଦୁର୍ଗାପୂଜା ଅନୁଷ୍ଠିତ ହେଉଅଛି। ରବିବାର ଷଷ୍ଠୀ ପୂଜା ବିଲ୍ୱବରଣ, ସୋମବାର ମହାସପ୍ତମୀ କଳାଧିବାସ ହୋଇଥିବା ବେଳେ ମଙ୍ଗଳବାର ମହାଷ୍ଟମୀ ପୂଜା ସନ୍ଧିପୂଜା, ବୁଧବାର ମହାନବମୀ ପୂଜା ଏବଂ ପୂର୍ଣ୍ଣାହୁତି ସହିତ ଗୁରୁବାର ଦଶହରା ପୂଜା ଅନୁଷ୍ଠିତ ହେବ। ପ୍ରତ୍ୟେକ ପୂଜା ମଣ୍ଡପରେ ନାମ ସଂକୀର୍ତ୍ତନ ସହିତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବିଭିନ୍ନ ରଙ୍ଗୀନ ଆଲୋକ ସହିତ ଆକର୍ଷଣୀୟ ତୋରଣ ଏବଂ ସାଜସଜ୍ଜା ପୂଜା ମଣ୍ଡପକୁ ଖୁବ ଆକର୍ଷଣୀୟ କରୁଛି। ହଜାର ହଜାର ଭକ୍ତ ଏବଂ ଶ୍ରଦ୍ଧାଳୁ ମାନେ ବିଭିନ୍ନ ପୂଜା ମଣ୍ଡପକୁ ଯାଇ ମା'ଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରୁଛନ୍ତି।

## ମା'ଙ୍କ ଆଗମନରେ ଝଲସୁଛି ପୂଜା ମଣ୍ଡପ





ବିଞ୍ଝାରପୁର: ଜଗଜ୍ଜନନୀ ମା'ଙ୍କ ଆଗମନରେ ସମଗ୍ର ବିଞ୍ଝାରପୁର ଅଞ୍ଚଳ ଉତ୍ସବମୁଖର ହୋଇ ଉଠିଛି। ବିଞ୍ଝାରପୁର ବ୍ଲକର ବିଭିନ୍ନ ପୂଜା ମଣ୍ଡପରେ ମା'ଙ୍କର ରବିବାର କଳସ ପୂଜା, ବିଲ୍ୱବରଣ, ଜୀବନ୍ୟାସ ଓ ସୋମବାର ସପ୍ତମୀ ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ମା'ଙ୍କର ମହାସ୍ନାନ ଷୋଡଶ ଉପଚାର ପୂଜାର୍ଚ୍ଚନା ସହ ପରେ ସନ୍ଧିପୂଜା, ଚଣ୍ଡିପାଠ, ଯଜ୍ଞ କାର୍ଯ୍ୟକ୍ରମ ହେବ। ତାହା ସହିତ ମଙ୍ଗଳବାର ସନ୍ଧ୍ୟାରେ ସାଂସ୍କୃତିକ ଭଜନ ସନ୍ଧ୍ୟା ଓ ସଙ୍ଗୀତ କାର୍ଯ୍ୟକ୍ରମ ହେବାର କାର୍ଯ୍ୟକ୍ରମ ରହିଛି। ବିଞ୍ଝାରପୁର ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନ ଯଥା- ବିଞ୍ଝାରପୁର, ସୟଦପୁର, ପ୍ରୀତିପୁର, ବ୍ଲକ ଛକ, ଚନ୍ଦନପୁର, ସିଂହପୁର, ମଲ୍ଲିଆ, ମଇଁନ୍ଦା ଆଦି ସ୍ଥାନମାନଙ୍କରେ ପୂଜାମଣ୍ଡପରେ ମା'ଙ୍କର ପୂଜାର୍ଚ୍ଚନା ଅନୁଷ୍ଠିତ ହେଉଛି। ପୂଜାମଣ୍ଡପ ଗୁଡ଼ିକୁ ଆକର୍ଷଣୀୟ ତୋରଣ ଓ ଉଚ୍ଚକୋଟିର ଲାଇଟ୍ ଦ୍ୱାରା ସଜାଯାଇଥିବାରୁ ପୂଜା ମଣ୍ଡପଗୁଡିକ ଏକ ପ୍ରକାର ଆଲୋକମାଳାରେ ଝଲକୁଛି। ଏହା ସହିତ ସନ୍ଧ୍ୟା ସମୟରେ ପୂଜା ମଣ୍ଡପ ନିକଟରେ ପଡ଼ିଥିବା ବିଭିନ୍ନ ଷ୍ଟଲମାନଙ୍କରେ ପ୍ରବଳ ଭିଡ଼ ଲାଗି ରହିଥିବା ଦେଖାଦେଇଛି।

## ମଣ୍ଡପରେ ପୂଜା ପାଉଛନ୍ତି ଦୁର୍ଗତିନାଶିନୀ



ପାଣିକୋଇଲି: ପାଣିକୋଇଲି ବଜାରର ଦୁର୍ଗା ମାର୍କେଟରେ ମା' ଦୁର୍ଗାଙ୍କ ପୂଜା ଗତ ୨୩ ବର୍ଷ ହେବ ହୋଇଆସୁଛି। ପ୍ରତ୍ୟେକ ବର୍ଷ ଷଷ୍ଠୀ ଠାରୁ ଆରମ୍ଭ ହୋଇ ଦଶହରା ପର୍ଯ୍ୟନ୍ତ ପୂଜା ଚାଲିଥାଏ। ବିଶେଷକରି ମହାଷ୍ଟମୀ ଓ ନବମୀ ଦିନ ଶତାଧିକ ବ୍ରତଧାରୀ ଭୋଗ ଓ ଦର୍ଶନ ପାଇଁ ଭିଡ଼ ଜମାଇଥାନ୍ତି। ପ୍ରତିଦିନ ସନ୍ଧ୍ୟାରେ ଭଜନ କୀର୍ତ୍ତନ ହୋଇଥାଏ। ମା'ଙ୍କ ପୂଜା କର୍ମ ପାଇଁ ପୁରୋହିତ ଭାବେ ରବିନାରାୟଣ ପଣ୍ଡା, ଆଚାର୍ଯ୍ୟ ଦେବେନ୍ଦ୍ର ଦାଶ ଚଣ୍ଡିପାଠ କରିଥିବା ବେଳେ କର୍ତ୍ତାଭାବେ ଅନିରୁଦ୍ଧ ସ୍ୱାଇଁ ଓ ପତ୍ନୀ ରମାମଣି ବିଶ୍ୱାଳ କାର୍ଯ୍ୟଭାର ତୁଲାଇଛନ୍ତି। କମିଟିର ସଭାପତି ଅଜୟ ସାହୁ, ସମ୍ପାଦକ ପ୍ରଦୀପ ମାଝୀ, ଡା. ନିର୍ମଳ ରଥ, ବିଶ୍ୱମ୍ଭର ପରିଡ଼ା, ଆଲୋକ ପରିଡ଼ା, ଆନନ୍ଦ ସାହୁ, ଅବିନାଶ ସ୍ୱାଇଁ, ଜଳଧର ଓଝା, ଦିବାକର ଦାସଙ୍କ ସମେତ କମିଟି ସମସ୍ତ ସଦସ୍ୟ ସହଯୋଗରେ ପୂଜାକାର୍ଯ୍ୟ ହେଉଛି। ସେହିପରି ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଦୁର୍ଗାପୂଜା ମହାସମାରୋହରେ ପାଳିତ ହେଉଛି।

## ପାର୍ବଣ ପାଇଁ ଦଶରଥପୁର ଚଳଚଞ୍ଚଳ



କୟାଁଗୋଲା/ମଙ୍ଗଳପୁର : ଦୁର୍ଗା ପୂଜା ପାଇଁ ସମଗ୍ର ଦଶରଥପୁର ବ୍ଲକ୍ ଚଳଚଞ୍ଚଳ। ଏହି ବ୍ଲକର ରାମବାଗ, କଟିକଟା, ହଳଦିପଦା, ନାରଣପୁର, ଝୁମ୍ପୁରୀ, ଦକ୍ଷିଣବନ୍ଧ, ବଡକୁଆଁଳ, ବାବଲପୁର, ବୈଶପାନ, ଥାଲକୁଡି, ମଙ୍ଗଳପୁର ବଜାର ସମେତ ଅନ୍ୟ କେତେକ ସ୍ଥାନରେ ମା'ଙ୍କ ପୂଜା ହୋଇଥାଏ। ଦଶରଥପୁର ବ୍ଲକର ଅନ୍ୟତମ ଅଗ୍ରଣୀ ଦୁର୍ଗାପୂଜା ଅନୁଷ୍ଠାନ ମଙ୍ଗଳପୁର ବଜାର କମିଟି ଆନୁକୁଲ୍ୟରେ ଆୟୋଜିତ ମଙ୍ଗଳପୁର ବଜାର ଦୁର୍ଗା ପୂଜା ଉତ୍ସବ ଚଳିତ ବର୍ଷ ୭୫ ବର୍ଷରେ ପହଞ୍ଚିଛି। ଏଥିପାଇଁ ବିଭିନ୍ନ ପ୍ରସ୍ତୁତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ମାସକ ତଳୁ ନିର୍ମାଣ ଚାଲିଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତିରେ ଶିଳ୍ପୀ ଗତକାଲି ଶେଷ ସ୍ପର୍ଶ ଦେଇଛନ୍ତି। ଭଦ୍ରକ ଜିଲ୍ଲା ନଦୀ ଗାଁର ମୂର୍ତ୍ତି କାରିଗର ଅଭିମନ୍ୟୁ ମହାପାତ୍ରଙ୍କ ନେତୃତ୍ୱରେ ଅନ୍ୟ ସହଯୋଗୀ କାରିଗର ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରିଛନ୍ତି। ତୋରଣ, ଆଲୋକ ମାଳା ସଜ୍ଜିତ ବିଭିନ୍ନ ସାଜ ସଜ୍ଜା ଓ ରଙ୍ଗବେରଙ୍ଗର ଆଲୋକ ମାଳାରେ ଝଲସୁଛି ପୂଜା ମଣ୍ଡପ ଓ ବଜାର। ବିଲ୍ୱାଧିବାସ ପରେ ଆଜି ମହାସପ୍ତମୀ ଅବସରରେ କଳସ ଯାତ୍ରା, ସପ୍ତମୀ ପୂଜା ସହିତ ମା'ଙ୍କ ଚକ୍ଷୁ ଦାନ ଯଥାବିଧି ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଛି। ଆସନ୍ତାକାଲି ମହାଷ୍ଟମୀ ଅବସରରେ ସନ୍ଧିପୂଜା, ଅନୁଷ୍ଠିତ ହେବ। ବୁଧବାର ମହାନବମୀ ପୂଜା ସହିତ ସ୍ୱତନ୍ତ୍ର ନବକୁମାରୀ ପୂଜନ, ଗୁରୁବାର ଦଶମୀ ପୂଜା ଏବଂ ପୂର୍ଣ୍ଣାହୁତି ନିର୍ଘଣ୍ଟ କରାଯାଇଛି। ଅକ୍ଟୋବର ୩ ତାରିଖ ଭସାଣୀ ଯାତ୍ରାରେ ମା'ଙ୍କୁ ମେଲାଣି ଦେବେ ଶ୍ରଦ୍ଧାଳୁ। ମଙ୍ଗଳପୁର ଓ ଦଶରଥପୁର ଥାନା ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ଧର୍ମଶାଳା ମା'ଙ୍କ ଆବାହନ

ଧର୍ମଶାଳା: ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ଜଗତଜନନୀ ମା' ଦୁର୍ଗାଙ୍କ ପୂଜା ଆରମ୍ଭ ହୋଇଛି। ଜାରକାରେ ମା'ଙ୍କ ୫୯ତମ ଦୁର୍ଗା ପୂଜାକୁ ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ପାଳନ କରାଯାଉଛି। ଜାରକାସ୍ଥିତ ମଣ୍ଡପରେ ଆଜି ମା'ଙ୍କର ସପ୍ତମୀ ପୂଜା ଅନୁଷ୍ଠିତ ହୋଇଥିଲା। ଜାରକାସ୍ଥିତ ମହୋତ୍ସବ ପଡିଆରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା କରାଯାଇଛି। ସେହିପରି



୭୮ ବର୍ଷରେ ପଦାର୍ପଣ କରିଥିବା ଧର୍ମଶାଳା ଦୁର୍ଗା ପୂଜାକୁ ଚଳିତ ଥର ବେଶ ଆକର୍ଷଣୀୟ କରାଯାଇଛି। ସେହିପରି ସାରୋଇ, ନାକପୋଲ, କାଏମା, ଅବୟପୁର. ମିର୍ଜାପୁର ଅ।।ଦି ଅଞ୍ଚଳରେ ମା'ଙ୍କ ସପ୍ତମୀ ପୂଜା ବେଶ ଧୁମଧମରେ ପାଳନ କରାଯାଉଛି। ଧର୍ମଶାଳା ପୂଜା ମହୋତ୍ସବ କମିଟି ଆନୁକୂଲ୍ୟରେ ଜାରକା ମହୋତ୍ସବ ପଡିଆରେ ଆନୁଷ୍ଠିତ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଆଜି ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ପୂଜା କମିଟିର ସଭାପତି ରବି ନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଯାଜପୁର ସାଂସଦ ରବିନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଯେଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ମହାକାଳପଡା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଯାଜପୁର ଜିଲ୍ଲା ବିଜେପି ସଭାପତି ଦେବଯାନୀ ପ୍ରଧାନ, ଧର୍ମଶାଳା ବ୍ଲକ ଅଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

## ଜଗତଜନନୀଙ୍କ ଧରାବତରଣ



ବଡଚଣା: ବଡଚଣାର ଏକାଧିକ ସ୍ଥାନରେ ପୂଜା ମଣ୍ଡପରେ ମା'ଙ୍କ ଧରାବତରଣ ହୋଇଛି। ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗର ଆଲୋକ ସଜ୍ଜା ଶ୍ରଦ୍ଧାଳୁମାନଙ୍କୁ ଆକର୍ଷଣ କରୁଛି। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ, ମୀନା ବଜାରର ମଜାକୁ ନେଉଛନ୍ତି ଦର୍ଶକ। ଚଣ୍ଡିତଳ ସାର୍ବଜନିନ ଦୁର୍ଗାପୂଜା କମିଟି ପକ୍ଷରୁ ମା'ଙ୍କ ସପ୍ତମୀ ପୂଜା, କଳସ ଯାତ୍ରା, ନବପତ୍ରିକା ସ୍ନାନ, ମଣ୍ଡପେ ପ୍ରବେଶ ଚକ୍ଷୁ ଦାନ, ସୂର୍ଯ୍ୟ ପୂଜା , ସପ୍ତମୀ ବିଗ୍ରହ ପୂଜା, ଚଣ୍ଡୀପାଠ, ସନ୍ଧ୍ୟା ଆଳତୀ, ପୂଜା ଯଥା ବିଦ୍ଧି ପୂଜାର୍ଚ୍ଚନା କରାଯାଇଛି। କର୍ତ୍ତା ଭାବେ ପ୍ରକାଶ ମହାନ୍ତି ପୂଜା କାର୍ଯ୍ୟ କରିଥିବା ବେଳେ କମିଟି ସଭାପତି ଚିନ୍ମୟ ମହାନ୍ତି, ଉପ ସଭାପତି ଧନେଶ୍ୱର ଦାସ, ସଂପାଦକ ମହେଶ୍ୱର ମହାନ୍ତି କୁହନ୍ତି, ସହ ସମ୍ପାଦକ ସନ୍ତୋଷ ଦାସ, କୋଷାଧ୍ୟକ୍ଷ ପବିତ୍ର ଦାସ ପ୍ରମୁଖ ଅଛନ୍ତି।

## ସିଂହପୁରରେ ଦୁର୍ଗାପୂଜା



ସିଂହପୁର: ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଛି। ସିଂହପୁର, ଚନ୍ଦନପୁର, ମଲିଆ, ବ୍ଲକ ଛକରେ ସମାରୋହରେ ପାଳନ କରାଯାଉଛି। ଚନ୍ଦନପୁର ଗ୍ରାମରେ ଚଳିତ ବର୍ଷ ଦୁର୍ଗା ପୂଜା ୨୫ ବର୍ଷ ପାଳନ କରୁଛି। ଏହି ଉପଲକ୍ଷେ ବ୍ୟାପକ କାର୍ଯ୍ୟକ୍ରମ କରାଯାଉଛ। ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅନୁଷ୍ଠିତ ହେଉଛି। ପୂଜା କମିଟିର ସଭାପତି ବୈଷ୍ଣବ ଚରଣ ସାମଲ, ସଂପାଦକ ବାବୁରାମ ଜେନା ଓ କମିଟିର ସମସ୍ତ ସଦସ୍ୟମାନେ ସକ୍ରିୟ ସହଯୋଗ କରୁଛନ୍ତି।

## ଅନନ୍ୟା ସାହିତ୍ୟ ସଂସଦର ସମୂହ ଦୀପଦାନ



ଯାଜପୁର: ଅନନ୍ୟା ସାହିତ୍ୟ ସଂସଦର ପକ୍ଷରୁ ତ୍ରିଦିବସୀୟ ଅନନ୍ୟା ବକ୍ତୃତାମାଳା ଓ ଶାରଦୀୟ ବାର୍ଷିକ ଉତ୍ସବ ମା'ବିରଜାଙ୍କ ରଥ ଦାଣ୍ଡରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ସନ୍ତୋଷ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଧାପକ ଜୟକୃଷ୍ଣ ଦାସ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉପ-ସଭାପତି ବିଭୂତି ଭୂଷଣ ମହାପାତ୍ର ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଡ. କାହ୍ନୁ ଚରଣ ମିଶ୍ର ଅନନ୍ୟା ବକ୍ତୃତାମାଳା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତାଭାବେ ବିଶିଷ୍ଟ ସଂସ୍କୃତିବିତ୍ ପଣ୍ଡିତ ଭୂପତିଭୂଷଣ ମିଶ୍ର, ସମ୍ମାନିତ ଅତିଥିଭାବେ ଚଣ୍ଡିଖୋଲ ମନ୍ଦିରର ପ୍ରତିଷ୍ଠାତା ସଭ୍ୟ ଦୀପକ କୁମାର ମିଶ୍ର, ପଣ୍ଡିତ ଅଦୈତ ପ୍ରସାଦ ମିଶ୍ର, ଅଧିକାରୀ ନବକିଶୋର ଦାସ, ଡ. ଗିରିଶ ବିହାରୀ ମିଶ୍ର, ଶିକ୍ଷାବିତ୍ ନୃସିଂହ ଚରଣ ମିଶ୍ର, ପ୍ରମୁଖ ଯୋଗଦେଇଥିଲେ। ମା'ସଂଗୀତ ଭଜନ ସମାରୋହ ବିଞ୍ଝାରପୁର ତରଫରୁ ପ୍ରସିଦ୍ଧ କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ମା'ବିରଜା ମନ୍ଦିରର ୧୦୮ ଦୀପ ଦାନ କରାଯାଇଥିଲା। ମା'ବିରଜା ବିଶ୍ୱଜ୍ୟୋତି ପରିଷଦ ତରଫରୁ ଜୟନ୍ତ କୁମାର ଗୁରୁ, ଅଧାପକ ନିତ୍ୟାନନ୍ଦ ଦେଓ, ବିଜୟ କୁମାର ମହାପାତ୍ର, ପ୍ରଫୁଲ୍ଲ କୁମାର ସାହୁ, ଅନିରୁଦ୍ଧ ସାହୁ, ଅନନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ। ମୀନକେତନ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରି.ଳନା କରିଥିଲେ। ଅନନ୍ୟା ସାହିତ୍ୟ ଗଣମାଧ୍ୟମ ସଂଯୋଜନ ଆଦିତ୍ୟ ମହାନ୍ତି ସମସ୍ତ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ।









ରାଇରଙ୍ଗପୁର ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ପୂଜା ପାଉଛନ୍ତି ମା' ଦୁର୍ଗା

## ବିଦ୍ୟୁତ୍ ଟ୍ରାନ୍ସଫର୍ମରେ ଆଘାତ ପାଇ ଜଣେ ମୃତ, ୨ଗୁରୁତର

ଆନନ୍ଦପୁର,୨୯।୯ (ସମିସ): ଜାତୀୟ ରାଜପଥ ଘସିପୁରା ମା' ମଙ୍ଗଳା ହୋଟେଲ ନିକଟସ୍ଥ ଏକ କୋରିଅର କମ୍ପାନୀ କାର୍ଯ୍ୟାଳୟ ପାଖରେ ଥିବା ଟ୍ରାନ୍ସଫର୍ମରରେ ଆଘାତ ପାଇ ଜଣେ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ କର୍ମଚାରୀ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତର ଦ୍ୱୟଙ୍କୁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତି ହୋଇଥିବା ଜଣାଯାଇଛି। ୨୦ ନଂ ଜାତୀୟରାଜପଥର ଘଷିପୁରା ବାଇପାସ୍ ଠାରେ ଡେଲିଭରି କୋରିଅର କମ୍ପାନୀର କାର୍ଯ୍ୟାଳୟଠାରେ ମାଲ୍ ଅନଲୋଡ କରୁଥିବା ସମୟରେ ଏଭଳି ଅଘଟଣ ଘଟିଛି। ମୃତକ ସ୍ଥାନୀୟ ମଙ୍ଗଳପୁର ଗାଁର ସୁଶାନ୍ତ କୁମାର ଦାସ ଓ ଦୁଇ ଗୁରୁତର ହେଲେ ପଦ୍ମପୁର ଗାଁର କବିନ୍ଦ୍ର ଦାସ ଓ ଫକରପୁର ଗାଁର ରଞ୍ଜନ କୁମାର ଶର୍ମା। ଖବରପାଇ ଘଷିପୁରା ପୁଲିସ ଘଟଣାସ୍ଥଳରେ ପହଁଞ୍ଚି ତଦନ୍ତ ଆରମ୍ଭ କରିଛି।

### କ୍ଷତିପୂରଣ ଦାବିରେ ସଂସ୍ଥା କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

ବେଲବାହାଲି: କଣ୍ଟେନରରୁ ପାର୍ସଲ କାଢ଼ିବା ବେଳେ ବିଦ୍ୟୁତ୍ ଆଘାତଲାଗି କର୍ମଚାରୀ ସୁଶାନ୍ତ ଦାସଙ୍କ ମୃତ୍ୟୁ ଘଟଣାରେ ପରିବାରକୁ କ୍ଷତିପୂରଣ ଦାବିରେ ଡେଲିଭେରି କୋରିଅର ସଂସ୍ଥା କାର୍ଯ୍ୟାଳୟ ଘେରିଛନ୍ତି ଗ୍ରାମବାସୀ। ମୃତ ସୁଶାନ୍ତ ଜଣେ ଅତି ଗରିବ ପରିବାରର ହୋଇଥିବାରୁ ଶବ ସତ୍କାର ପାଇଁ ଅର୍ଥସହ ପରିବାରକୁ କମ୍ପାନୀ ତରଫରୁ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ଦାବି ନେଇ ଶହେରୁ ଅଧିକ ଗ୍ରାମବାସୀ କାର୍ଯ୍ୟାଳୟ ଘେରଉ କରିଥିଲେ। ପରେ କର୍ତ୍ତୃପକ୍ଷ ସେମାନଙ୍କ ସହ ଆଲୋଚନା କରି କମ୍ପାନୀ ତରଫରୁ ଉପଲବ୍ଧ ସମସ୍ତ ସୁବିଧା ସହାୟତା ସହ ବିମା ଅର୍ଥ ପରିବାର ଲୋକେ କିଭଳି ଶୀଘ୍ର ପାଇବେ ସେ ଦିଗରେ ପଦକ୍ଷପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

■ ଡକାୟତି ପୂର୍ବରୁ ମାଡ଼ିବସିଲା ପୁଲିସ

## ୫ କୁଖ୍ୟାତ ଅପରାଧୀ ଗିରଫ

ରାମଚନ୍ଦ୍ରପୁର,୨୯।୯ (ସମିସ): ଡକାୟତି ପାଇଁ ସଜବାଜ ହେଉଥିବା ପୂର୍ବରୁ ମାଡି ବସିଲା ରାମଚନ୍ଦ୍ରପୁର ପୁଲିସ। କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅଧୀନ ଜରଦା ଗାଁ ନିକଟରୁ ୫ ଜଣ କୁଖ୍ୟାତ ଅପରାଧୀଙ୍କୁ ଗିରଫ କରିଛି ପୁଲିସ। ଏହି ଅପରାଧୀମାନେ କୌଣସି ଡକାୟତି ଘଟଣା ପାଇଁ ଯୋଜନା କରୁଥିବା ସମୟରେ ଧରାପଡିଯାଇଛନ୍ତି। ତେବେ କୌଣସି ବିଶେଷ ସୂତ୍ରରୁ ଖବର ପାଇ ରାମଚନ୍ଦ୍ରପୁର ଥାନା ଅଧିକାରୀ ମନୋଜ ସ୍ୱାଇଁ ସମେତ ପୁରା ପୁଲିସ ଟିମ ଏହି ଚଢଉରେ ସାମିଲ ହୋଇ ଅପରାଧିଙ୍କୁ କାବୁ କରିବାରେ ସମର୍ଥ ହୋଇଥିବା ସୂଚନା ମିଳିଛି। ଏହି ଅପରାଧୀମାନେ ଯାଜପୁର ଜିଲ୍ଲା କୋରେଇ ଥାନା ପୂର୍ବକୋଟ ତେଲେଙ୍ଗା ବସ୍ତୀର କରଣ ପ୍ରଧାନ (୨୦), ଆହ୍ଲୁଲା ତରକ(୨୭), ମିଚେଲ୍ ରାହୁଲ (୨୧)ଆହ୍ଲୁଲା ଲକ୍ଷ୍ମଣ ରାଓ(୨୭) ଏବଂ ଆହ୍ଲୁଲାନନ୍ଦ ରାଓ(୨୦)। ସେମାନଙ୍କ ନିକଟରୁ ୩ଟି ବାଇକ, ଗୋଟିଏ ଲୁହା କଟର, କାତି, ଲୁହାରଡ଼ ଓ ମୋବାଇଲ ଆଦି ନାରେ ଏକାଧିକ ଅପରାଧିକ ମାମଲା ରହିଛି। ତେବେ ୨୯୭/୨୫ରେ ମାମଲା ରୁଜୁକରି ଆଜି ସମସ୍ତ ଅପରାଧୀଙ୍କୁ ଆନନ୍ଦପୁର ବିଚରାଧୀନ ଜେଲ ହାଜତକୁ ପଠାଇ ଦିଆଯାଇଛି।

## ବୁଦାମୁଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

ତୁରୁମୁଙ୍ଗା,୨୯।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଧୀନ ସାହାରପଡା-ମାଟିଆଗୁନି ରାସ୍ତାର ସାହାରପଡା କଲେଜ ନିକଟସ୍ଥ ରାସ୍ତାକଡ଼ ବୁଦାମୂଳରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଠାକୁରମୁଣ୍ଡା ଥାନା ଜଡିବିଲ ଗାଁର ବିରଞ୍ଚି ନାରାୟଣ ମହାନ୍ତ (୪୦)। କେହି ହତ୍ୟା ପରେ ଏଠାରେ ଫିଙ୍ଗି ଦେଇଯାଇଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ସାହାରପଡା ଫାଣ୍ଡି ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ଘଟଣାର ତଦନ୍ତ କରୁଛି।

■ ପିଆରଏମ ହସ୍ପିଟାଲରେ ଅଘଟଣ

## ଛାତରୁ ଖସିଲା ସିଲିଂ; ଅଳ୍ପକେ ବର୍ତ୍ତିଲେ ଶିଶୁ

ବାରିପଦା, ୨୯।୯ (ସମିସ): ସୋମବାର ପିଆରଏମ ହସ୍ପିଟାଲ ଛାତରୁ ସିଲିଂ ଖସିପଡିଛି। ଫଳରେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଶିଶୁରୋଗୀ। ରକ୍ଷଣାବେକ୍ଷଣ ଅଭାବରୁ ପୂର୍ବରୁ ହସ୍ପିଟାଲର ଛାତରୁ ପ୍ଲାଷ୍ଟର ଖସି ପଡିଥିବା ବେଳେ ଏବେ ଛାତରୁ ସିଲିଂ ଖସି ପଡିଛି। ଚିକିତ୍ସିତ ହେଉଥିବା ଶିଶୁ ରୋଗୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଜିଲ୍ଲାର ସଦର ମହକୁମା ବାରିପଦା ସ୍ଥିତ ପଣ୍ଡିତ୍ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲର ଶିଶୁ ଚିକିତ୍ସା ୱାର୍ଡରେ ଉକ୍ତ ଘଟଣା ଘଟିଛି। ୱାର୍ଡର ୩୪ନମ୍ବର ବେଡ଼ ନିକଟରେ ସିଲିଂ ଖସି ପଡ଼ିଛି। ସୋମବାର ପୂର୍ବାହ୍ନ ସମୟରେ ହଠାତ ହସ୍ପିଟାଲ ଛାତରୁ ସିଲିଂ ଖସି ପଡିଥିଲା। ତେବେ



ଭାଗ୍ୟବଶତଃ ଖଣ୍ଡଟି ଶିଶୁଙ୍କ ବେଡ଼ କଡ଼କୁ ପଡ଼ିଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଥିଲେ। କର୍ତ୍ତୃପକ୍ଷ ହସ୍ପିଟାଲର ଠିକ ଭାବେ ରକ୍ଷଣାବେକ୍ଷଣା କରୁନଥିବାରୁ ବାରମ୍ବାର ଏଭଳି ଅଘଟଣ ଘଟୁଛି ବୋଲି ଚିକିତ୍ସିତ ଶିଶୁଙ୍କ ପରିବାର ଅଭିଯୋଗ କରୁଛନ୍ତି। ପୂର୍ବରୁ ଚକ୍ଷୁ ବିଭାଗ ଓ ପୁରୁଷ ସର୍ଜିକାଲ ବିଭାଗରେ ପ୍ଲାଷ୍ଟର ଖସିଥିବା ବେଳେ ସିଲିଂ ଓ ଛାତରୁ ଫ୍ୟାନ୍ ଗଳି ପଡିଥିବାର ନଜିର ରହିଛି। ରକ୍ଷଣାବେକ୍ଷଣ ଅଭାବ ପାଇଁ ଏହିପରି ଘଟଣା ଘଟୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ଘଟଣା ପରେ ରୋଗୀ ଭୟଭୀତ ହୋଇ ରହିଥିବା ନେଇ ୱାର୍ଡରେ ଚିକିତ୍ସିତ ସମସ୍ତ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ କହିଛନ୍ତି। ଉକ୍ତ ୱାର୍ଡରେ ଶିଶୁମାନେ ଚିକିତ୍ସିତ ହୋଇଥାନ୍ତି। ଲଘୁଚାପ ପ୍ରଭାବରେ ୨/୩ ଦିନ ହେବ ଲଗାଣ ବର୍ଷା ହେଉଥିବାରୁ ସିଲିଂ ଖସି ପଡିଥିବା ନେଇ ଆଶଙ୍କା କରାଯାଉଛି। ଏହି ଘଟଣାର ତୁରନ୍ତ ଯାଞ୍ଚ କରିବାକୁ ଦାବି ହେଉଛି।

## ଚୌକିଦାରଙ୍କୁ ବାନ୍ଧି ସ୍କୁଲରେ ଡକାୟତି ଉଦ୍ୟମ

ଯୋଡା,୨୯।୯ (ସମିସ): କେନ୍ଦୁଝର ଜିଲ୍ଲା ଯୋଡାସ୍ଥିତ କିଡଜି ସ୍କୁଲରେ ରବିବାର ରାତିରେ ୬ ଜଣ ଦୁର୍ବୃତ୍ତ ଡକାୟତି ଉଦ୍ୟମ କରିଥିଲେ। ଚୌକିଦାରଙ୍କ ହାତ ଓ ମୁହଁରେ ରୁମାଲ ବାନ୍ଧି ଡକାୟତି ଉଦ୍ୟମ ସହରରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ସ୍କୁଲ ପରିସରରେ ମନୋଜ ପାତ୍ର ଓ ନିର୍ମଳ ବେହେରା ଚୌକିଦାର ଭାବେ କାର୍ଯ୍ୟ କରୁଥିଲେ। ବିଳମ୍ବିତ ରାତ୍ରୀ ୧ଟା ୩୦ରେ ୬ ଜଣ ଦୁର୍ବୃତ୍ତ ଗାଡ଼ିରେ ଆସି ସ୍କୁଲ ଭିତରକୁ ପଶିଥିଲେ। ଦୁର୍ବୃତ୍ତମାନେ ମୁହଁରେ ରୁମାଲ ବାନ୍ଧିଥିଲେ ଓ ହାତରେ ପିସ୍ତଲ ଧରିଥିଲେ। ଦୁର୍ବୃତ୍ତମାନେ ଚୌକିଦାର ଦ୍ୱୟଙ୍କୁ କାବୁକରି ତାଙ୍କ ହାତ ବାନ୍ଧିବା ସହିତ ମୁହଁରେ ସେଲୋଟେପ୍ ଲଗାଇ ସ୍କୁଲ ଘରର ତାଲା ଭାଙ୍ଗିଥିଲେ। ସେହି ସମୟରେ କୌଶଳକ୍ରମେ ମନୋଜ ପାତ୍ର ପଛ ପଟ ଗେଟ୍‌ଦେଇ ଦୌଡି ପଳାଇବା ସହିତ ଖୁବ୍ ଜୋର୍‌ରେ ଚିତ୍କାର କରିଥିଲେ। ଚିତ୍କାର ଶୁଣି ଦୁର୍ବୃତ୍ତମାନେ ସେଠାରୁ ତୁରନ୍ତ ଗାଡ଼ିରେ ଫେରାର ହୋଇଯାଇଥିଲେ। ଫେରାର ସମୟରେ ଦୁର୍ବୃତ୍ତମାନେ ଡକାୟତି ପାଇଁ ବ୍ୟବହାର କରିବାକୁ ଆଣିଥିବା ସାମଗ୍ରୀ ଛାଡ଼ି ଚାଲି ଯାଇଥିଲେ। ସୋମବାର ଯୋଡା ଆଇଆଇସି ପ୍ରଶାନ୍ତ କୁମାର ସାମଲ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ସ୍କୁଲ ପକ୍ଷରୁ ଯୋଡା ଥାନାରେ ଲିଖିତ ଅଭିଯୋଗ କରାଯାଇଛି।

## ଜନସେବା କେନ୍ଦ୍ରରୁ ଚୋରି

ତୁରୁମୁଙ୍ଗା,୨୯।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ସାହାରପଡ଼ା ବ୍ଲକ୍ ଖୁଣ୍ଟାପଡା ପଞ୍ଚାୟତ ନିକଟରେ ଥିବା ଏକ ଜନ ସେବା କେନ୍ଦ୍ରରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଇଲେକ୍ଟ୍ରୋନିକ ସରଞ୍ଜାମ ସହ ଟଙ୍କା ଲୁଟି ନେଇଛନ୍ତି। ଚୋରି ହୋଇଥିବା ସାମଗ୍ରୀର ମୂଲ୍ୟ ୬୦ହଜାର ଟଙ୍କାରୁ ଅଧିକ ହେବ ବୋଲି ଦୋକାନୀ ମାଲିକ କହିଛନ୍ତି। ଦୋକାନରୁ ଏକ ଲାପଟୋପ ନଗଦ ୪ହଜାର ଟଙ୍କା ଓ ଇଲେକ୍ଟ୍ରିକ ସରଞ୍ଜାମ ଚୋରାଇ ନେଇଯାଇଛନ୍ତି। ଦୋକାନ ମାଲିକ ବୀରେନ୍ଦ୍ର ମୁଣ୍ଡା ଏନେଇ ସୋମବାର ସାହାରପଡା ଫାଣ୍ଡି ଅଧିକାରୀ ପତ୍ରର ଓରାମଙ୍କୁ ଲିଖିତ ଅଭିଯୋଗ କରିଥିଲେ।

## ଟାଟା ଷ୍ଟିଲ ଯୋଡ଼ା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଯୋଡା,୨୯।୯ (ସମିସ): ବିଶ୍ୱ ହୃଦୟ ଦିବସ ଅବସରରେ ଟାଟା ଷ୍ଟିଲ ଯୋଡା ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଡା. ଭଗବାନ ପାଣିଗ୍ରାହୀ, ଡା. ବିବେକ ଗୌରବ, ଡା. ରେହମାନ ଖାନ ଏବଂ ଡା. ବିବେକ ଗୌରବଙ୍କ ପକ୍ଷରୁ ଟାଟା ମେନ୍ ହସ୍ପିଟାଲ ଯୋଡା, ଖଣ୍ଡବଣ୍ଡ, ବିଛାକୁଣ୍ଡି ଏବଂ ଯୋଡା ଇଷ୍ଟ ଆଇରନ୍ ମାଇନ୍‌ରେ ସଚେତନତା ସଭାଗୁଡିକ ଆୟୋଜନ କରାଯାଇଥିଲା। ବହୁ ସଂଖ୍ୟକ ଅଧିକାରୀ, କର୍ମଚାରୀ ଓ ଶ୍ରମିକମାନେ ସଭାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସୁସ୍ଥ ଜୀବନଶୈଳୀ ବିଷୟରେ ଆଲୋଚନା କରାଯାଇଥିଲା। ବିଶ୍ୱ ହୃଦୟ ଦିବସ ପ୍ରତିବର୍ଷ ୨୯ ସେପ୍ଟେମ୍ବରରେ ପାଳିତ ହୋଇଥାଏ। ଯାହା ଲୋକମାନଙ୍କୁ ହୃଦରୋଗ ବିରୋଧରେ ଏକତ୍ର କରେ ଏବଂ ସୁସ୍ଥ ହୃଦୟ ଜୀବନଶୈଳୀକୁ ପ୍ରୋତ୍ସାହନ ଦିଏ।

## ଡକାୟତି ଉଦ୍ୟମ ପଣ୍ଡ, ୭ ଗିରଫ

ବଡ଼ବିଲ,୨୯।୯ (ସମିସ): ବଡ଼ବିଲ ଥାନା ଅଞ୍ଚଳର ବିଭିନ୍ନ ପେଟ୍ରୋଲ ପମ୍ପ ସହିତ ବ୍ୟବସାୟିକ ଅନୁଷ୍ଠାନଗୁଡ଼ିକରେ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ମାଡ଼ିବସିଲା ପୁଲିସ। ଗିରଫ ଅଭିଯୁକ୍ତମାନେ ବଡ଼ବିଲ ଥାନା ଅଞ୍ଚଳର ଟିଟୁ ପାତ୍ର, ଶଙ୍କର ସାହୁ, ଯୋଗେନ୍ଦ୍ର କେଶରୀ, ବିରେନ୍ଦ୍ର ଲୋହାର, ଆକାଶ ନାଏକ ଓ ଯୋଡ଼ା ଥାନା ଅଞ୍ଚଳର ରାଜୁ ସ୍ୱର୍ଣ୍ଣକାର, ଶିବ ପାତ୍ର। ସୂଚନାନୁଯାୟୀ, ଆଜି ଭୋର୍ ସମୟରେ ବଡ଼ବିଲ ପୌରାଞ୍ଚଳ ୧୪ ନମ୍ବର ୱାର୍ଡ କଳିଙ୍ଗ ଓଏମସି କମ୍ପାନୀର କର୍ମଚାରୀ କଲୋନୀର ଏକ ପରିତ୍ୟକ୍ତ ଘରେ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ସୂତ୍ରରୁ ଖବର ପାଇଁ ସମ୍ରାଟ ଗ୍ୟାଙ୍ଗର ୭ଜଣଙ୍କୁ ବଡ଼ବିଲ ପୁଲିସ ଗିରଫ କରିଛି। ଅନ୍ଧାରର ସୁଯୋଗ ନେଇ କିଛି ଦୁର୍ବୃତ୍ତ ଫେରାର ହୋଇଯାଇଥିଲେ। ସେମାନଙ୍କ ନିକଟରୁ ଗୋଟିଏ ତେଲେଙ୍ଗା କଟୁରୀ, ୨ ଟି ଦେଶୀ କଟୁରୀ, ୪ ଟି ସୁତୁଲି ବୋମା, ଦଉଡ଼ି, ୮ ଗୋଟି ବିଅର୍ ବୋତଲ, ଲଙ୍କାଗୁଣ୍ଡ ଓ ଦିଆସିଲି ଜବତ ହୋଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ବଡ଼ବିଲ ଥାନାରେ ମାମଲା ନମ୍ବର ୩୧୫/୨୫, ଦଫା ୩୧୦(୪), ୩୧୦(୫), ଭାରତୀୟ ନ୍ୟାୟ ସଂହିତା ୨୫/୨୭, ଆର୍ମସ୍ ଆକ୍ଟ ୯(ବି),୧(ବି) ଆଇଇ ଧାରାରେ ୭ ଡକାୟତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଅଶୋକ ନାୟକ ସୂଚନା ଦେଇଛନ୍ତି।

## ସିଂହ ସାହିରେ ଗ୍ରିଲ୍‌ଭାଙ୍ଗି ଲୁଟପାଟ

ଆନନ୍ଦପୁର,୨୯।୯ (ସମିସ): ଆନନ୍ଦପୁର ପୌରାଞ୍ଚଳର ୧୩ନମ୍ବର ୱାର୍ଡ ସିଂହସାହି ନିବାସୀ ତଥା ଶାଳପଡା ଜଳସେଚନ ବିଭାଗର କିରାଣୀଙ୍କ ଘରୁ ଗ୍ରିଲ ଭାଙ୍ଗି ଦୁର୍ବୃତ୍ତମାନେ ଲୁଟପାଟ କରିଥିବା ଜଣାଯାଇଛି। ଅପରାହ୍ନ ପ୍ରାୟ ୪ଟାରେ ଶ୍ରୀ ବୋଷଙ୍କ ଘରର ମୁଖ୍ୟ କବାଟ ଭଙ୍ଗା ଯାଇଥିବା ଜଣାପଡିଥିଲା। ଘର ଭିତରେ ତିନିଟି କୋଠରୀର ତାଲା ଭଙ୍ଗାଯାଇଛି। ଘର ଭିତରେ ଥିବା ତିନିଟି ଆଲମିରା ଭାଙ୍ଗି ଦୁର୍ବୃତ୍ତ ମାନେ ଲୁଟପାଟ କରିଥିବା ଥାନାରେ ଅଭିଯୋଗ ହୋଇଛି।

● ପ୍ରଥମ ବାର୍ଷିକ ଦୁଇଦିନିଆ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ଜେଆର୍‌ଏଫ୍‌ସି ବଡ଼ବିଲ ଚାମ୍ପିଅନ

ତୁରୁମୁଙ୍ଗା,୨୯।୯ (ସମିସ):

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଯମୁନାପଶି ପଞ୍ଚାୟତ ଗୋଡିପଖରୀ ଗ୍ରାମର ଜୀବନଦୀପ କ୍ଲବ୍ ଆନୁକୂଲ୍ୟରେ ପ୍ରଥମ ବାର୍ଷିକ ଦୁଇଦିନିଆ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚ ରାମ ବ୍ରଦର୍ସ ଖିରେଇଟାଙ୍ଗିରୀ ଏବଂ ଜେଆରଏଫସି ବଡ଼ବିଲ ସହ ସଙ୍ଘର୍ଷ ପୂର୍ଣ୍ଣ ମ୍ୟାଚ ହୋଇଥିଲା। ଏଥିରେ ୧/୦ ଗୋଲରେ ରାମ ବ୍ରଦର୍ସ ଖିରେଇଟାଙ୍ଗିରୀକୁ ହରାଇ ଜେଆରଏଫସି ବଡ଼ବିଲ ଚାମ୍ପିଅନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ



ମୁଖ୍ୟଅତିଥି ଭାବରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଏବଂ ସମ୍ମାନିତ ଅତିଥି ଭାବରେ ପୂର୍ବତନ ବ୍ଲକ ବିଶ୍ୱନାଥ ନାଏକ, ଡ. ସଞ୍ଜୀବ କୁମାର ଘଣା, ଡ. ହିମାଂଶୁ ନାଏକ, ଭାରତୀୟ ନୌସେନା ଅଧିକାରୀ ବସନ୍ତ କୁମାର ନାଏକ, ରଜନୀକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ଚାମ୍ପିଅନ ଦଳକୁ ୩୦ ହଜାର ସହ ଉପବିଜେତା ଦଳକୁ ୨୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଖେଳକୁ ରେଫରି ସନ୍ତୋଷ ମହାକୁଡ଼ ଯତୀନ ମହାନ୍ତ, ଶଙ୍କର୍ଷଣ ନାଏକ, ଧନେଶ୍ୱର ସର୍ଦ୍ଦାର, ପରିଚାଳନା କରିଥିଲେ। ଭାଷ୍ୟକାର ଅରୁଣ କୁମାର ମହାନ୍ତ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବର ସଭାପତି ଭକ୍ତବନ୍ଧୁ ନାଏକ, ସମ୍ପାଦକ ହୃଷିକେଶ ନାଏକ, ହାପି ନାଏକ, ନିହାର ନାଏକ, ନାଗା ନାଏକ, କେଦାର ମୋନାଜ୍ ନାଏକ, ଜପ ନାଏକ, ଇନ୍ଦ୍ର ନାଏକ, ସୋନୁ ନାଏକ, ବାବୁଲା ନାଏକ, ଗୁଲୁ ନାଏକ, କୁଳଦୀପ ନାଏକ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

**୬୯ତମ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ଭାରତ୍ତୋଳନ ପ୍ରତିଯୋଗିତା**

## ହରିଶଙ୍କର ଓ ଆକାଶ ଜିଲ୍ଲାର ଗୌରବ

ବାରିପଦା, ୨୯।୯ (ସମିସ): ବ୍ରହ୍ମପୁରସ୍ଥିତ ମହାତ୍ମାଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ୧୪ବର୍ଷ ଏବଂ ୧୭ବର୍ଷରୁ କମ୍ ୬୯ତମ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ଭାରତ୍ତୋଳନ, ବାସ୍କେଟବଲ ଓ ହ୍ୟାଣ୍ଡବଲ ପ୍ରତିଯୋଗିତା-୨୦୨୫ରେ ଅଂଶଗ୍ରହଣ କରି ନଙ୍ଗଳକଟାସ୍ଥିତ ଶକ୍ତିମାନ ଜିମ୍ନାସିୟମର ହରିଶଙ୍କର ମହାନ୍ତ ଏବଂ ଆକାଶ ମହାନ୍ତ କୃତିତ୍ୱ ହାସଲ କରି ମୟୂରଭଞ୍ଜ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଉଭୟ ୧୪ବର୍ଷ ବର୍ଗରେ ଭାରତ୍ତୋଳନ କରି ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ଯଥାକ୍ରମେ ସ୍ୱର୍ଣ୍ଣ ଏବଂ ରୌପ୍ୟପଦକ ହାସଲ କରି ସମଗ୍ର ଜିଲ୍ଲା ସମେତ ଶକ୍ତିମାନ ଜିମ୍ନାସିୟମ ଆଣିଦେଇଛନ୍ତି ଗର୍ବ ଏବଂ ଗୌରବ। ଶକ୍ତିମାନ ଜିମ୍ନାସିୟମର ପ୍ରତିଷ୍ଠାତା ତଥା ଦକ୍ଷ ସଂଗଠକ ପରେଶଚନ୍ଦ୍ର ମହାନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାରତ୍ତୋଳନ ପାଇଁ ପ୍ରଶିକ୍ଷଣ ନେଉଥିବା ହରିଶଙ୍କର ମହାନ୍ତ ଏବଂ ଆକାଶ ମହାନ୍ତ ୧୪ବର୍ଷ ବର୍ଗରେ ଭରତ୍ତୋଳନରେ ଅଂଶଗ୍ରହଣ କରିଥିଲେ। ଏଥିରେ ହରିଶଙ୍କର ମହାନ୍ତ ୬୦କେଜି ବର୍ଗରେ ସ୍ନାଚ୍ ୯୨କେଜି ଏବଂ କ୍ଲିନ ଆଣ୍ଡ ଜାର୍କ ୧୦୮ କେଜି ଓଜନକୁ



ସଫଳତାର ସହିତ ଉତ୍ତୋଳନ ପୂର୍ବକ ୨୦୦କେଜି ଭାରତ୍ତୋଳନ କରି ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଅନୁରୂପ ଭାବେ ଆକାଶ ମହାନ୍ତ ୬୫କେଜି ବର୍ଗରେ ସ୍ନାଚ୍ ୮୧କେଜି ଏବଂ କ୍ଲିନ ଆଣ୍ଡ ଜାର୍କ ୧୦୫ କେଜି ଏହିପରି ମୋଟ ୧୮୬ କେଜି ଭାରଉତ୍ତୋଳନ କରି ରୌପ୍ୟପଦକ ହାସଲ କରିବାରେ ସଫଳ ହୋଇଛନ୍ତି। ଶକ୍ତିମାନ ଜିମ୍ନାସିୟମର ଏହି ଦୁଇ ପ୍ରଶିକ୍ଷାର୍ଥୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଫଳତା ପରେ ପ୍ରଶିକ୍ଷକ ତଥା ଜିମ୍ନାସିୟମର ପ୍ରତିଷ୍ଠାତା ଶ୍ରୀ ମହାନ୍ତଙ୍କ ସମେତ ଦୁଇ ଖେଳାଳୀଙ୍କୁ ମୟୂରଭଞ୍ଜ ୱେଟଲିଫ୍ ଆସୋସିଏସନର ସଭାପତି ତଥା ରାଜ୍ୟସରକାରଙ୍କ ମାନ୍ୟବର ଗୃହ ଓ ନଗରଉନ୍ନୟନ ବିଭାଗମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, କାର୍ଯ୍ୟକାରୀ ସଭାପତି ନବକୁମାର ସାହୁ, ଉପସଭାପତି ବିଜୟ ମିଶ୍ର, ଜୀତେନ୍ଦ୍ର ବେହେରା, ସୁଗ୍ମସମ୍ପାଦକ ତରୁଣ ମହାନ୍ତି, କୋଷାଧକ୍ଷ ବିଜୟ ଦାସଙ୍କ ସମେତ ଉପଦେଷ୍ଟା ଶଙ୍କର କର, ମନୋଜ ରାଉତ, ପ୍ରିୟବ୍ରତ ଦାସ, ଆନ୍ତର୍ଜାତୀୟ ଭାରତ୍ତୋଳନକାରୀ ମନ୍ଦାକିନୀ ମହାନ୍ତ, ଶକ୍ତିମାନ ଜିମ୍ନାସିୟମର ଶୁଜୁଲ ମୁର୍ମୁ, ସଂଗ୍ରାମକେଶରୀ ଦେବ, ରତିକାନ୍ତ ମହାନ୍ତ, ନଳୀନ୍ ଚନ୍ଦ୍ର ବେହେରା, ଦନାର୍ଦ୍ଦନ ମହାନ୍ତ, ଅଜୟ ଜେନା, ସୁରଜ ଲୋହାର, ମନୋଜ ମହାନ୍ତ, ଜାତୀୟ ଖେଳାଳୀ ଅଭିଶେକ ମହାନ୍ତ, ସୁଷମା ରାୟ ପ୍ରମୁଖ ଉଭୟ କୃତୀ ଖେଳାଳୀଙ୍କ"ସମେତ କୋଚ୍ ଶ୍ରୀ ମହାନ୍ତଙ୍କୁ ଅସୁମାରି ଶୁଭେଚ୍ଛା ଏବଂ ଶୁଭକାମନା ଜଣାଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଅଫିସ୍ କାର୍ଯ୍ୟ ପ୍ରଭାବିତ ହେବ। ଖାଦ୍ୟପାନୀୟ ପ୍ରତି ଧ୍ୟାନ ରଖିବେ। ମହିଳାଙ୍କଠାରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଦେବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ବ୍ୟବସାୟରେ ସମସ୍ୟାକୁ ସାମ୍ନା କରିବେ। ଆର୍ଥିକ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ବିଦେଶ ଯାତ୍ରା ଯୋଗ ରହିଛି। ପରିବାର ସହିତ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ଶାନ୍ତ ଓ ଖୁସି ମନରେ ସମସ୍ତ କାମ ପୂରା କରିବେ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।

**ସିଂହ:** ବ୍ୟବସାୟରେ ବିରୋଧୀଙ୍କୁ ସାମ୍ନା କରିବେ। ନୂଆ କାମରେ ବନ୍ଧୁ ତଥା ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ବିବାହ ପ୍ରସ୍ତାବ ସ୍ଥିର ହେବ। ଦେବ କାର୍ଯ୍ୟରେ ମନୋଯୋଗ ଦେବେ।

**କନ୍ୟା:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** ଅନଲାଇନ୍ ବ୍ୟବସାୟୀଙ୍କୁ ଲାଭ ମିଳିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। ଭାଇ-ଭଉଣୀଙ୍କ ସମ୍ପର୍କ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ଅଶାନ୍ତି ଭିତରେ ଗତି କରିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ଅଫିସ୍ କାର୍ଯ୍ୟରେ ସମସ୍ୟା ଆସିବ। ସମୟ ପୂର୍ବରୁ କାମ ଶେଷ କରିବେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱାସ୍ଥ୍ୟ ପ୍ରତି ସଚେତନ ହେବେ। ଅଯଥା ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କୁମ୍ଭ:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାରରେ ହସଖୁସିର ପରିବେଶ ରହିବ। ଖେଳାଳୀଙ୍କ ପାଇଁ ଅନୁକୂଳ ସମୟ। ଧନଲାଭ ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୯୩୯- ଜର୍ମାନୀ ଓ ରୁଷ୍ ପୋଲାଣ୍ଡ ବିଭାଜନ ପାଇଁ ରାଜି ହେଲେ।
- ୧୯୬୭- ଅନ୍ତରାଷ୍ଟ୍ରୀୟ ମୁଦ୍ରାକୋଷ ତା'ର ମୌଦ୍ରିକ ପ୍ରଣାଳୀରେ ସୁଧାର ଆଣିଲା।
- ୧୯୯୩-ମହାରାଷ୍ଟ୍ରର ଲାଟୁର ଭୂମିକମ୍ପରେ ୧୦ ହଜାର ଲୋକ ମୃତ, ୩୦ ହଜାରରୁ ଅଧିକ ଆହତ।
- ୨୦୦୧- କଂଗ୍ରେସ ନେତା ମାଧବ ରାଓ ସିନ୍ଧିଆଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ।

# ନମସ୍ତେଽମ୍ବ ଦୁର୍ଗେ

(ଛନ୍ଦଃ- ଭୁଜଙ୍ଗପ୍ରୟାତମ୍)

**ନମସ୍ତେଽମ୍ବ ଦୁର୍ଗେ ମମ ତ୍ୱଂ ପ୍ରସୀଦ ପ୍ରଣମ୍ରେ ମଦୀୟେଽନ୍ତରେ ସନ୍ନିଷୀଦ।**
**କୃପାପାଙ୍ଗଭଙ୍ଗ୍ୟା ସଦା ମାଂ ପୁନୀହି କ୍ଷଣେନାଘବାଟଂ ମଦୀୟଂ ଲୁନୀହି ॥୧॥**

ହେ ମାତଃ ଦୁର୍ଗେ ! ତୁମକୁ ନମସ୍କାର। ତୁମେ ମୋ ଉପରେ ପ୍ରସନ୍ନା ହୁଅ। ମୋର ବିନମ୍ରହୃଦୟରେ ତୁମେ ନିବାସ କର। ତୁମର କୃପାକଟାକ୍ଷ ଦ୍ୱାରା ମୋତେ ସର୍ବଦା ପବିତ୍ର କର ଏବଂ ମୋର ପାପ ସମୂହକୁ କ୍ଷଣକ ମଧ୍ୟରେ ନଷ୍ଟ କର।

**ମନସ୍ତାଲପୃଷ୍ଠାସନେ କୁଙ୍କୁମାଭେ ଭବ ତ୍ୱଂ ସହାୟା ଭବେ ଭଦ୍ରଲାଭେ।**
**ଅବ କ୍ଳୃପ୍ତପାଦାଶ୍ରିତାଶାପ୍ରପୂର୍ତ୍ତେ ସମସ୍ତାମରାଭାପରିସ୍ଫୂର୍ତ୍ତମୂର୍ତ୍ତେ ॥୨॥**

ହେ କୁଙ୍କୁମବର୍ଣ୍ଣେ ! ମନସ୍ତାଳନାମକ ସିଂହପୃଷ୍ଠରେ ଆସୀନେ ! ମୋର ଶୁଭ ଲାଭ ପାଇଁ ସହାୟ ହୁଅ। ପଦାଶ୍ରିତମାନଙ୍କର ଆଶା ପୂର୍ଣ୍ଣ କରୁଥିବା ଏବଂ ସମସ୍ତ ଦେବତାଙ୍କର କାନ୍ତିରେ ଉଜ୍ଜ୍ୱଳ ମୂର୍ତ୍ତି ବିଶିଷ୍ଟା, ହେ ଦେବି ! ତୁମେ ରକ୍ଷା କର ।

**ତ୍ୱମେକା ସୁବିଦ୍ୟାସୁଧାସଂବିଧାତ୍ରୀ କବୀନ୍ଦ୍ରାନୁକୂଳକ୍ରିୟାଶକ୍ତିଦାତ୍ରୀ।**
**ଜଡତ୍ୱାନ୍ଧକାରାବସାନେ ପ୍ରବୀଣା ସରସ୍ୱତ୍ୟଭିଖ୍ୟେ ବସାନ୍ତଃ ସବୀଣା ॥୩॥**

ତୁମେ ଏକମାତ୍ର ଶ୍ରେଷ୍ଠ ବିଦ୍ୟାରୂପକ ଅମୃତ ପ୍ରଦାନ କରୁଥିବା ଦେବୀ, କବିମାନଙ୍କୁ କ୍ରିୟାଶକ୍ତି ପ୍ରଦାନ କରୁଥିବା ଦେବୀ, ଜଡ଼ତାରୂପୀ ଅନ୍ଧକାରକୁ ଦୂର କରିବାରେ ନିପୁଣା, ହେ ସରସ୍ୱତି ! ତୁମେ ମୋ ହୃଦୟରେ ବୀଣା ସହିତ ବାସ କର।

**ଧନାନାଂ ତ୍ୱମେକା ଜଗତ୍ୟାଂ ପ୍ରଣେତ୍ରୀ ଜନାନାମଭାବକ୍ଷୁଧାନାଂ ବିନେତ୍ରୀ।**
**ସରୋଜାସନସ୍ଥାଽର୍ଥଦାନେ ପଟିଷ୍ଠା ମୟି ସ୍ୟା ରମାଖ୍ୟେ କୃପାଦୃଷ୍ଟିନିଷ୍ଠା ॥୪॥**

ତୁମେ ଏକମାତ୍ର ଏହି ଜଗତରେ ଧନର ଅଧିଷ୍ଠାତ୍ରୀ ଦେବୀ। ଲୋକମାନଙ୍କର ଅଭାବ ଓ କ୍ଷୁଧାକୁ ଦୂର କରୁଥିବା ଦେବୀ। ପଦ୍ମାସନରେ ବିରାଜମାନ କରି ଧନ ଦେବାରେ ଅତ୍ୟନ୍ତ ନିପୁଣା, ହେ ରମେ (ଲକ୍ଷ୍ମୀ) ! ତୁମେ ମୋ ଉପରେ ସ୍ଥିରକୃପାଦୃଷ୍ଟିନିଷ୍ଠ ହୁଅ ।

**ମହାଭୀମରୂପା ନବାମ୍ଭୋଦନୀଳା ଚତୁର୍ବାହୁଦୃପ୍ତା କୃତୋଦଗ୍ରଲୀଳା ।**
**ମୁଖୋଲ୍ଲମ୍ବିଜିହ୍ୱା ଲସନ୍ମୁଣ୍ଡମାଳା-ଧରା ପାହି ମାଂ କାଲ୍ୟଭିଖ୍ୟେ କରାଳା ॥୫॥**

ମହାଭୟଙ୍କର ରୂପଧାରିଣୀ, ନୂତନ ମେଘ ସଦୃଶ ନୀଳବର୍ଣ୍ଣା, ଚାରି ବାହୁରେ ଶୋଭିତା, ଉଗ୍ର ଲୀଳାକାରିଣୀ, ମୁଖରୁ ଲମ୍ବିଥିବା ଜିହ୍ୱାଧାରିଣୀ ଏବଂ ଶୋଭାୟମାନ ମୁଣ୍ଡମାଳା ଧାରିଣୀ ତଥା କରାଳା ହେ କାଳି ! ତୁମେ ମୋତେ ରକ୍ଷା କର ।

**ଗଦାଖଡ୍ଗଚାପାଙ୍କୁଶେଷୂନ୍ ଦଧାନା ତ୍ରିଶୂଳାଦିନାନାୟୁଧୈ ରାଜମାନା।**
**ନିଶୁମ୍ଭୋଗ୍ରଶୁମ୍ଭସ୍ଫୁରନ୍ମୁଣ୍ଡଚଣ୍ଡାନ୍ ଲନ୍ତ୍ୟମ୍ବ ରକ୍ଷାସୁରାନେବ ଚଣ୍ଡାନ୍ ॥୬॥**


ଗଦା, ଖଡ୍ଗ, ଧନୁ, ଅଙ୍କୁଶ ଓ ବାଣ ଧାରଣ କରିଥିବା, ତ୍ରିଶୂଳ ଆଦି ବିଭିନ୍ନ ଅସ୍ତ୍ରରେ ଶୋଭା ପାଉଥିବା, ନିଶୁମ୍ଭ ଓ ଶୁମ୍ଭ ତଥା ଉଗ୍ର ଚଣ୍ଡ ଓ ମୁଣ୍ଡଙ୍କ ସହ ବଳିଷ୍ଠ ଅସୁରମାନଙ୍କୁ ବିନାଶ କରୁଥିବା ହେ ମାତଃ ! ତୁମେ ମୋତେ ରକ୍ଷା କର।

**ହରୌ ଯୋଗନିଦ୍ରାସ୍ୱରୂପାଽତିଦକ୍ଷା ମଧୁଧ୍ୱଂସନେ କୈଟଭକ୍ଷେପଲକ୍ଷ୍ୟା।**
**ସମାଧୌ ପ୍ରସନ୍ନା ସୁମେଧଃପ୍ରଣମ୍ୟା ପ୍ରରକ୍ଷେଃ ଶିବେ ରତ୍ନମାଳାତିରମ୍ୟା ॥୭॥**

ଭଗବାନ ହରିଙ୍କର ଯୋଗନିଦ୍ରା ସ୍ୱରୂପା, ମଧୁ ଓ କୈଟଭ ରାକ୍ଷସଙ୍କୁ ନଷ୍ଟ କରିବାରେ ଅତି ଦକ୍ଷା, ସମାଧିନାମକ ବୈଶ୍ୟଙ୍କ ଠାରେ ପ୍ରସନ୍ନା, ମେଧା ଋଷିଙ୍କ ନମସ୍ୟା, ଅତ୍ୟନ୍ତ ରମଣୀୟ ରତ୍ନମାଳା ଧାରଣ କରିଥିବା ହେ ଶିବେ ! ତୁମେ ମୋତେ ରକ୍ଷା କର ।

**ଜଗତ୍ସୃଷ୍ଟିସଂପାଳନଧ୍ୱଂସହେତୁ-ର୍ଭବାଗାଧବାଧାମ୍ବୁଧିତ୍ରାଣସେତୁଃ।**
**ଦୟାଭକ୍ତିଶକ୍ତିତ୍ରୟାଧାରମୂର୍ତ୍ତିଃ ପ୍ରପାହ୍ୟମ୍ବ ନିଷ୍ପନ୍ନସର୍ବାର୍ଥପୂର୍ତ୍ତିଃ ॥୮॥**

ଜଗତର ସୃଷ୍ଟି, ପାଳନ ଓ ବିନାଶର କାରଣ ସ୍ୱରୂପା, ଅଗାଧ ସଂସାରରୂପକ ସାଗରକୁ ପାର କରିବା ପାଇଁ ସେତୁ ସ୍ୱରୂପା, ଦୟା, ଭକ୍ତି ଓ ଶକ୍ତି – ଏହି ତିନିଗୋଟିର ଆଧାର ମୂର୍ତ୍ତି, ସମସ୍ତ ମନୋକାମନା ପୂର୍ଣ୍ଣ କରୁଥିବା ହେ ମାତଃ ! ତୁମେ ମୋତେ ରକ୍ଷା କର ।



**କୃତଂ ଶ୍ରୀମତା ବିପ୍ରକୃଷ୍ଣେନ ନବ୍ୟଂ ପବିତ୍ରୋତ୍ତମଂ ସ୍ତୋତ୍ରମତ୍ୟନ୍ତଭବ୍ୟମ୍।**
**ଇଦଂ ନୂନମଧ୍ୟେତି ପଦ୍ୟାଷ୍ଟକଂ ୟଃ ସ ସଂୟାତି ଦୁର୍ଗାକୃପାପୁଞ୍ଜମଞ୍ଜଃ ॥** ଭଣିତିଃ

ଶ୍ରୀମାନ୍ ବିପ୍ର କୃଷ୍ଣ (କୃଷ୍ଣକେଶବ)ଙ୍କ ଦ୍ୱାରା ରଚିତ ଏହି ନୂତନ, ପବିତ୍ର ଓ ଅତ୍ୟନ୍ତ ମଙ୍ଗଳକାରୀ ଅଷ୍ଟକ ସ୍ତୋତ୍ରକୁ ଯିଏ ନିଶ୍ଚିତ ଭାବରେ ପାଠ କରିବେ, ସେ ଶୀଘ୍ର ଦୁର୍ଗାଙ୍କର ଅପାର କୃପା ଲାଭ କରିବେ ।

ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ
ମୋ- ୯୪୩୭୫୬୬୩୨୪

# ପୁଣି ଏକାଠି ଦେଖାଗଲ ସାମନ୍ଥା-ରାଜ୍



ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁ ଏବେ ତାଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚାରେ। ନିର୍ଦ୍ଦେଶକ ରାଜ୍ ନିଦିମୋରୁଙ୍କୁ ସେ ଡେଟ୍ କରୁଥିବା ଚର୍ଚ୍ଚା ହେଉଛି। ଇତିମଧ୍ୟରେ ସାମନ୍ଥା ଓ ରାଜ୍‌ଙ୍କର ଏକ ଭିଡିଓ ଭାଇରାଲ ହୋଇଛି। ଯେଉଁଥିରେ ଉଭୟ ବାନ୍ଦ୍ରାସ୍ଥିତ ଏକ ଜିମ୍‌ରୁ ବାହାରୁଥିବାର ଦେଖାଯାଉଛି। ଅବଶ୍ୟ ଦୁହେଁ ଏକାଠି ବାହାରି ନ ଥିଲେ। ପ୍ରଥମେ ଜିମ୍‌ରୁ ସାମନ୍ଥା ବାହାରିଥିଲେ, ଏହାର କିଛି ସମୟ ପରେ ରାଜ୍ ଆସିଥିଲେ। ଉଭୟ ଗଣମାଧ୍ୟମକୁ କୌଣସି ପ୍ରତିକ୍ରିୟା ନ ଦେଇ ସିଧା କାର୍‌ରେ ପଳାଇ ଯାଇଥିଲେ। ତେବେ ପ୍ରଥମ ଥର ପାଇଁ ରାଜ୍ ଓ ସାମନ୍ଥାଙ୍କୁ ଏକାଠି ଦେଖାଯାଇ ନାହିଁ। ଏହାପୂର୍ବରୁ ମଧ୍ୟ ଅନେକ ଥର ସେମାନଙ୍କୁ ଏକାଠି ଦେଖାଯାଇଛି। ନିକଟରେ ସାମନ୍ଥା ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫଟୋ ସେୟାର୍ କରିଥିଲେ। ଏଥିରେ ସେ ଜଣକର ହାତ ଧରିଥିଲେ। ଉକ୍ତ ବ୍ୟକ୍ତିଙ୍କର ମୁହଁ ଦେଖାଯାଉ ନ ଥିଲା। ଦର୍ଶକେ ସେ ରାଜ୍‌ଙ୍କ ହାତ ଧରିଥିବା ଅନୁମାନ କରିଥିଲେ। ଅବଶ୍ୟ ସେମାନଙ୍କ ପ୍ରେମ ସମ୍ପର୍କକୁ ନେଇ ଦୁହେଁ ବିଧିବଦ୍ଧ ଭାବେ କିଛି କହି ନାହାନ୍ତି। ସାମନ୍ଥା, ରାଜ୍‌ଙ୍କ ସହ 'ଦ ଫ୍ୟାମିଲି ମ୍ୟାନ୍- ସିଜିନ୍ ୨' ଓ 'ସିଟାଡେଲ: ହନିବନି'ରେ କାମ କରିଛନ୍ତି।

## ସୁବର୍ଣ୍ଣା

# କୁଣ୍ଡରେ କଳା ଗାଜର



**ଗାଜର ମୁଖ୍ୟତଃ ଶୀତକାଳୀନ ଫସଲ। ଏହି ଚାଷ ପାଇଁ ଗଭୀର ଉର୍ବର, ଦୋରସା, ବାଲିଆ ମାଟି ଉପଯୁକ୍ତ। ସମସ୍ତ ରଙ୍ଗର ଗାଜର ତୁଳନାରେ କଳା ଗାଜର ଅଧିକ ସ୍ୱାଦିଷ୍ଟ ହୋଇଥାଏ। ଏହାକୁ କୁଣ୍ଡରେ ରଖି ବାଲ୍‌କୋନି କିମ୍ବା ଛାତରେ ସହଜରେ ଫଳାଯାଇପାରିବ।**

କଳା ଗାଜର ଲଗାଇବାକୁ ୧୨ରୁ ୧୫ ଗଭୀର ୧୦ରୁ ୧୨ ଇଞ୍ଚ ଚଉଡାର କୁଣ୍ଡ ଆବଶ୍ୟକ। ପାଣି ନ ଜମିବା ପାଇଁ କୁଣ୍ଡରେ କଣା ରହିଥିବା ଜରୁରି। ସେହିପରି ମାଟିର ଅମ୍ଳସ୍ତର ୬ରୁ ୭.୫ ହୋଇଥିଲେ ଭଲ। ଚାଷ ପାଇଁ ପ୍ରଥମେ ମାଟିକୁ ସମତଳ କରି ୦.୫ରୁ ୧ ସେମି ଗଭୀରରେ ବିହନ ପୋତିବା ଜରୁରି। ବିହନ ପକାଇ ଏହା ଉପରେ ହାଲୁକା ମାଟି ଚଳାଇ ଅଳ୍ପ ପାଣି ସିଞ୍ଚିପାରିବେ। ଦୈନିକ ମାଟିର ଆର୍ଦ୍ରତା ଅନୁସାରେ ଜଳ ସିଞ୍ଚନ ଆବଶ୍ୟକ। ୫ରୁ ୬ଘଣ୍ଟା ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ କୁଣ୍ଡ ରଖିଲେ ବିହନ ବୁଣିବାର ୭ରୁ ୧୪ ଦିନ ମଧ୍ୟରେ ଚାରା ଅଙ୍କୁରିତ ହୋଇଥାଏ। ଚାରା ୩ରୁ ୪ ଇଞ୍ଚ ହୋଇଗଲେ, ଦୁର୍ବଳ ଗଛକୁ ଉପାଡି ଦେବା ଜରୁରି। ତେବେ ବିହନ ବୁଣିବାର ୯୦ରୁ ୧୦୦ ଦିନ ମଧ୍ୟରେ ଗାଜର ଫସଲ ଅମଳଯୋଗ୍ୟ ହୋଇଥାଏ।

# ମତ୍ସ୍ୟଚାଷୀଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଟିପ୍‌ସ

**ବର୍ତ୍ତମାନ ସମୟଟି ମାଛ ପାଳନ ପାଇଁ ଗୁରୁତ୍ୱପୂର୍ଣ୍ଣ ସମୟ। ଏବେ ମାଛ ଶରୀରର ବୃଦ୍ଧି ଓ ପୋଖରୀର ଯତ୍ନ ନେବା ପାଇଁ ମତ୍ସ୍ୟଚାଷୀମାନେ କିଛି ଗୁରୁତ୍ୱପୂର୍ଣ୍ଣ ଟିପ୍‌ସ ଆପଣାଇ ପାରିବେ। ତା ସହିତ ପାଣିରେ ସୂକ୍ଷ୍ମ ଶୈବାଳ ବୃଦ୍ଧି ପାଇଲେ ତଥା ଅମ୍ଳଜାନ ହ୍ରାସ ପାଇଲେ କ'ଣ କରିବେ ଜାଣି ରଖନ୍ତୁ।**



ଅଧିକାଂଶ ଲୋକ ଅଧିକ ଲାଭ ଆଶାରେ ମାଛ ପୋଖରୀରେ ମାତ୍ରାଧିକ ରାସାୟନିକ ସାର ପକାନ୍ତି। ଏହା ପାଣିର ଗୁଣବତ୍ତାକୁ ଖରାପ କରେ। ତେଣୁ ସର୍ବଦା ମତ୍ସ୍ୟବିଶେଷଜ୍ଞଙ୍କ ପରାମର୍ଶ ନେଇ ଅନୁମୋଦିତ ହାରରେ ସାର ପ୍ରୟୋଗ କରନ୍ତୁ।

- ଯଦି ପୋଖରୀର ପାଣି ହାଲୁକା ନୀଳ ହୋଇଯାଏ, ଏହା ସୂକ୍ଷ୍ମ ଶୈବାଳ ବୃଦ୍ଧିର ସୂଚନା ଦିଏ। ଏନେଇ ୧୬ କେଜି ଫିଟିକିରି ପ୍ରତି ଏକର ପିଛା ୧୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ। ଏହା ପାଣିକୁ ସଫା କରିବା ସହ ବିଷାକ୍ତ ତତ୍ତ୍ୱ ଦୂର କରେ। ସେହିପରି ବର୍ଷା ସମୟରେ ପୋଖରୀରେ ଶୁଖିଲା ପତ୍ର, ଅନ୍ୟାନ୍ୟ ବର୍ଜ୍ୟବସ୍ତୁକୁ ସଫା କରିବା ଆବଶ୍ୟକ।
- ପୋଖରୀରେ ଦ୍ରବୀଭୂତ ଅମ୍ଳଜାନ ପରିମାଣ କମିଗଲେ ମାଛମାନେ ପାଣି ଉପରକୁ ଆସି ପାଟି ପାକୁ ପାକୁ କରି ମରିଯାନ୍ତି। ତେବେ ମାଛ ପୋଖରୀ ପାଣିରେ ଦ୍ରବୀଭୂତ ଅମ୍ଳଜାନ ପରିମାଣ ଲିଟର ପ୍ରତି ୪ରୁ ୫ ମିଲିଗ୍ରାମ ରହିବା ଉଚିତ। ପାଣିର ଅମ୍ଳଜାନ ବୃଦ୍ଧି ପାଇଁ ଏରେଟର ମେସିନ୍ ବ୍ୟବହାର କରିପାରିବେ। ନତୁବା ପାଣିକୁ ବଦଳାଇ ପାରିବେ। ପୋଖରୀ ପାଣିରେ ଅମ୍ଳଜାନର ପରିମାଣ ସଠିକ୍ ମାତ୍ରାରେ ରଖିବା ପାଇଁ ଏକ ପମ୍ପ ବ୍ୟବହାର କରି ପୋଖରୀର ପାଣିକୁ ପୁନଃଚକ୍ରୀକରଣ କରିପାରିବେ। ପ୍ରତି ୧୫ ଦିନ କିମ୍ବା ମାସିକ କିସ୍ତିରେ ଫିଙ୍ଗାଜାଲ ପକାଇ ମାଛଙ୍କୁ ଧରି ସେମାନଙ୍କ ହାରାହାରି ଓଜନ ଓ ସ୍ୱାସ୍ଥ୍ୟ ମଧ୍ୟ ଯାଞ୍ଚ କରିପାରିବେ।


# କୃଷି ପାଣିପାଗ



## ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଅଣଧାନ ଫସଲ ଓ ପନିପରିବା ତଳିଘରାରୁ ଅତ୍ୟଧିକ ବର୍ଷା ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।
- ଆଖୁ ଗଛ ନ ପଡ଼ିବା ପାଇଁ ୪ରୁ ୫ଟି ଗଛର ପତ୍ରଗୁଡ଼ିକ ଗୋଟିଏ ସ୍ଥାନରେ ବାନ୍ଧି ରଖନ୍ତୁ ଏବଂ ଡେରା ଦିଅନ୍ତୁ।
- କଖାରୁଜାତୀୟ ପନିପରିବା ଫସଲରେ କାଙ୍କେଡ଼ିଆ ପୋକର ପରିଚାଳନା ପାଇଁ ବର୍ଷା ଛାଡ଼ିଗଲା ପରେ ପ୍ରାଥମିକ ଅବସ୍ଥାରେ ପ୍ରତି ଲିଟର ପାଣିରେ ୩ ମିଲି ନିମ୍ବଜାତୀୟ କୀଟନାଶକ ୧୫୦୦ ପିପିଏମ୍‌କୁ ମିଶାଇ ସିଞ୍ଚନ କରନ୍ତୁ।
- ଆଖୁ ଫସଲରେ ନାଲିଶଢ଼ା ରୋଗର ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ କାର୍ବେଣ୍ଡାଜିମ୍ ଏବଂ ମାଙ୍କୋଜେବ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଶୁଖିଲା ପାଗ ଦେଖି ଅମୃତଭଣ୍ଡା ଫସଲରେ ଦହିଆ / ଚୂର୍ଣ୍ଣ ପୃଷ୍ଠ ପୋକ ପରିଚାଳନା ପାଇଁ ପ୍ରତି ୧୦ ଲିଟର ପାଣିରେ ୩୦ ମିଲି ନିମ୍ବ ଆଧାରିତ କୀଟନାଶକ ମିଶାଇ ସିଞ୍ଚନ କରନ୍ତୁ। ଏହା ବ୍ୟତୀତ ସାବୁନ ଗୁଣ୍ଡ ମିଶ୍ରିତ ପାଣି ସିଞ୍ଚନ କରାଯାଇ ପାରିବ। ପୋକର ଆକ୍ରମଣ ଅଧିକ ହେଲେ ରାସାୟନିକ କୀଟନାଶକ ସିଞ୍ଚନ କରନ୍ତୁ।

# ସୌରଚାଳିତ ସିଞ୍ଚନ ଯନ୍ତ୍ର



ଫସଲରେ ସଠିକ୍ ସମୟରେ ରୋଗପୋକ ଚିହ୍ନଟ କରି ଔଷଧ ସିଞ୍ଚନ କଲେ ଫସଲର ଅଭିବୃଦ୍ଧି ହୋଇଥାଏ। ହେଲେ ଏଥିପାଇଁ ଚାଷୀଙ୍କୁ ଅଧିକ ସମୟ ଲାଗେ। ଖର୍ଚ୍ଚ ମଧ୍ୟ ବଢ଼ିଥାଏ। ତେଣୁ ଏବେ ଚାଷୀଙ୍କ ଏହି ସମସ୍ୟାକୁ ସମାଧାନ କରିବ ସୌରଚାଳିତ ସ୍ପ୍ରେୟର ତଥା ସିଞ୍ଚନ ଯନ୍ତ୍ର। ସୋଲାର ତଥା ସୌରଚାଳିତ ସ୍ପ୍ରେୟର ଯନ୍ତ୍ରଟି ନିୟୋ ଫାର୍ମ ଟେକ୍ ଦ୍ୱାରା ବିକଶିତ କରାଯାଇଛି। ଏହି ଯନ୍ତ୍ରଟି ସୂର୍ଯ୍ୟାଲୋକ ସାହାଯ୍ୟରେ କାର୍ଯ୍ୟକ୍ଷମ ହୁଏ। ଯନ୍ତ୍ରଟି ୬ଜଣ ଲୋକଙ୍କ କାମକୁ ଏକାକୀ କରିପାରେ। ଏକ ଏକର ଜମିରେ ଯନ୍ତ୍ର ଦ୍ୱାରା ତରଳଖାଦ୍ୟ ଏବଂ କୀଟନାଶକ ସିଞ୍ଚନ କରିବାକୁ ମାତ୍ର ୧୫ ମିନିଟ୍‌ରୁ ୩୦ ମିନିଟ୍ ସମୟ ଲାଗିଥାଏ। ଏହି ଯନ୍ତ୍ରରେ ଲାଗିଥିବା ଟାଙ୍କିର ଦକ୍ଷତା ୧୮ ଲିଟର ହୋଇଥାଏ। ବିଦ୍ୟୁତ୍ ବଦଳରେ ଏହା ସୌରଶକ୍ତି ଦ୍ୱାରା ଚାର୍ଜ ହୋଇଥାଏ। ଏହା ଚାର୍ଜ ହେବାକୁ ପାଖାପାଖି ୪ଘଣ୍ଟା ସମୟ ଲାଗିଥାଏ। ତେଣୁ ଗୋଟିଏ ଥର ଚାର୍ଜ ହେବା ଦ୍ୱାରା ଏହା ୪ରୁ ୫ ଏକର ଜମି ସିଞ୍ଚନ କରିପାରେ। ଯନ୍ତ୍ର ସାହାଯ୍ୟରେ ପାଖାପାଖି ୧୨ ଫୁଟ ପର୍ଯ୍ୟନ୍ତ ଔଷଧ ସିଞ୍ଚନ କରାଯାଏ। ବଜାରରେ ଏହି ଯନ୍ତ୍ରଟି ୧୦ରୁ ୧୨ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟରେ ଉପଲବ୍ଧ ରହିଛି। ତେବେ ଏହି ଯନ୍ତ୍ର ଦ୍ୱାରା କମ୍ ଖର୍ଚ୍ଚରେ ଅଧିକ ସମୟ କାମ କରିହୁଏ।

### ଆଜିଠୁ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

# ପ୍ରଥମ ଟାଇଟଲ୍ ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

ଗୌହାଟୀ, ୨୯ ।୯ (ଏଜେନ୍ସି)



ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ମଙ୍ଗଳବାରଠାରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆରମ୍ଭ ହେବାକୁଯାଉଛି । ଭାରତ ୪ର୍ଥଥର ଲାଗି ଏହି ମେଗା ଟୁର୍ଣ୍ଣାମେଣ୍ଟକୁ ଆୟୋଜନ କରିବାର ସୌଭାଗ୍ୟ ଲାଭ କରିଛି । ଏଥିପୂର୍ବରୁ ୧୯୭୮, ୧୯୯୭ ଓ ୨୦୧୩ ବିଶ୍ୱକପ୍ ସଂସ୍କରଣ ଭାରତରେ ଆୟୋଜିତ ହୋଇଥିଲା । ସେହିଭଳି ଶ୍ରୀଲଙ୍କା ପ୍ରଥମଥର ଲାଗି ବିଶ୍ୱକପ୍ ଆୟୋଜନ କରିବ । ରାଜନୈତିକ କାରଣ ଲାଗି ପାକିସ୍ତାନ ମହିଳା କ୍ରିକେଟ୍ ଦଳ ଭାରତରେ ବିଶ୍ୱକପ୍ ଖେଳିବାକୁ ରାଜି ହୋଇ ନ ଥିଲା । ଫଳରେ ଶ୍ରୀଲଙ୍କାକୁ ସହ-ଆୟୋଜକ ଅଧିକାର ପ୍ରଦାନ କରାଯାଇଥିଲା । ପାକିସ୍ତାନ ଦଳ ଏହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାରେ ଖେଳିବ । ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ଏହି ମାମଲାରେ ଏକ ବଡ଼ ନିଷ୍ପତ୍ତି ନେଇଥିଲା । ୨୦୨୪ରୁ ୨୦୨୭ ମସିହା ମଧ୍ୟରେ ଯେକୌଣସି ଆଇସିସି ଇଭେଣ୍ଟ ଭାରତ କିମ୍ବା ପାକିସ୍ତାନରେ ଖେଳାଯିବ ଏକ ନିରପେକ୍ଷ ଭେନ୍ୟୁରେ ଉଭୟ ଦେଶ ଖେଳିବେ ।

## ରାଉଣ୍ଡ-ରବିନ ଫର୍ମାଟ୍‌ରେ ମ୍ୟାଚ୍

ଦୁଇ ଆୟୋଜକ ଦଳ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଚଳିତ ବିଶ୍ୱକପ୍‌ର ଉଦ୍‌ଘାଟନୀ ଲଢ଼େଇ ଅନୁଷ୍ଠିତ ହେବ । ଗୌହାଟୀର ବର୍ଷାପରା ଷ୍ଟାଡିୟମରେ ମଙ୍ଗଳବାର ଅପରାହ୍ଣ ୩ଟାରୁ ଏହି ମ୍ୟାଚ୍ ଆରମ୍ଭ ହେବ । ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଘରୋଇ ମାଟିରେ ଟୁର୍ଣ୍ଣାମେଣ୍ଟ ଖେଳୁଥିବାରୁ ପ୍ରଥମଥର ବିଶ୍ୱକପ୍ ଜିତିବା ଲକ୍ଷ୍ୟରେ ରହିଛି । ଭାରତ ଏଥିପୂର୍ବରୁ ୨୦୦୫ ଓ ୨୦୧୭ ସଂସ୍କରଣରେ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଉପବିଜେତା ରହିଥିଲା । ତେଣୁ ବିଶ୍ୱକପ୍‌ର ୫୨ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତୀୟ ମହିଳା ଦଳ ଏଥର ଟ୍ରଫି ଜିତିବା ଲକ୍ଷ୍ୟରେ ରହିଛନ୍ତି । ଭାରତ ଓ ଶ୍ରୀଲଙ୍କା ବ୍ୟତୀତ ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ, ଗତଥରର ରନର୍ସଅପ୍ ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ନ୍ୟୁଜିଲାଣ୍ଡ, ବାଂଲାଦେଶ ଓ ପାକିସ୍ତାନ ଦଳ ଏଥର ବିଶ୍ୱକପ୍‌ରେ ଅଂଶଗ୍ରହଣ କରୁଛନ୍ତି । ଆଠଟି ଦଳ ମଧ୍ୟରେ ରାଉଣ୍ଡ-ରବିନ ଫର୍ମାଟ୍‌ରେ ମ୍ୟାଚ୍ ଖେଳାଯିବ । ପ୍ରତ୍ୟେକ ଦଳ ପରସ୍ପର ବିପକ୍ଷରେ ଥରେ ଲେଖାଏ ଖେଳିବେ । ଏହାପରେ ପଏଣ୍ଟ ଆଧାରରେ ଶ୍ରେଷ୍ଠ-୪ଟି ଦଳ ମଧ୍ୟରେ ସେମିଫାଇନାଲ ଅନୁଷ୍ଠିତ ହେବ । ଅକ୍ଟୋବର ୨୯ ଓ ୩୦ରେ ଦୁଇଟିଯାକ ସେମିଫାଇନାଲ ଖେଳାଯିବ । ଯଦି ପାକିସ୍ତାନ ଦଳ ସେମିଫାଇନାଲରେ ପ୍ରବେଶ କରେ ତେବେ ପ୍ରଥମ ସେମିଫାଇନାଲ କଲମ୍ବୋରେ ଅନୁଷ୍ଠିତ ହେବ । ପାକିସ୍ତାନ ଯୋଗ୍ୟତା ହାସଲ କରି ନ ପାରିଲେ ପ୍ରଥମ ସେମିଫାଇନାଲ ଗୌହାଟୀରେ ଖେଳାଯିବ । ନଭେମ୍ବର ୨ରେ ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ନଭି ମୁମ୍ବାଇ କିମ୍ବା କଲମ୍ବୋରେ ଅନୁଷ୍ଠିତ ହେବ ।

## ଅଷ୍ଟ୍ରେଲିଆକୁ ରେକର୍ଡ ୭ଟାଇଟଲ୍

ମହିଳା ଦିନିକିଆ ବିଶ୍ୱକପ୍‌ର ଗତ ୧୨ଟି ସଂସ୍କରଣ ମଧ୍ୟରୁ ଅଷ୍ଟ୍ରେଲିଆ ଏକାକୀ ୭ଥର ଚାମ୍ପିଅନ ହୋଇଛି । ସେହିଭଳି ୧୯୭୩ରେ ଆୟୋଜିତ ପ୍ରଥମ ବିଶ୍ୱକପ୍‌କୁ ମିଶାଇ ଇଂଲଣ୍ଡ ୪ଥର ଟାଇଟଲ୍ ହାସଲ କରିଛି । ୨୦୦୦ ମସିହାରେ ନ୍ୟୁଜିଲାଣ୍ଡ ଟ୍ରଫି ଜିତିବାର ସୌଭାଗ୍ୟ ଲାଭ କରିଥିଲା । ଫଳରେ ଆଜି ପର୍ଯ୍ୟନ୍ତ କେବଳ ୩ଟି ଦଳ ବିଶ୍ୱକପ୍ ଜିତିପାରିଛନ୍ତି ।

## ଚାମ୍ପିଅନ ଦଳକୁ ୩୯.୭୩ କୋଟି

ଏଥର ମହିଳା ବିଶ୍ୱକପ୍ ଲାଗି ଆଇସିସି ରେକର୍ଡ ପୁରସ୍କାର ରାଶି ଘୋଷଣା କରିଛି । ବିଶ୍ୱକପ୍‌ରେ ଏଥର ମୋଟ୍ ୧୩.୮୮ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ୧୨୩ କୋଟି ୧୨ ଲକ୍ଷ ଟଙ୍କା) ପୁରସ୍କାର ରାଶି ପ୍ରଦାନ କରାଯିବ । ୨୦୨୨ରେ ଅନୁଷ୍ଠିତ ଶେଷ ସଂସ୍କରଣ ତୁଳନାରେ ଏଥର ପୁରସ୍କାର ରାଶିରେ ୪ଗୁଣା ବୃଦ୍ଧି ଘଟିଛି । ଗତ ସଂସ୍କରଣରେ ମୋଟ୍ ୩.୫ ମିଲିୟନ ଡଲାର ଅର୍ଥରାଶି ପ୍ରଦାନ କରାଯାଇଥିଲା । ଚଳିତ ସଂସ୍କରଣରେ ଚାମ୍ପିଅନ ଦଳ ୪.୪୮ ମିଲିୟନ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୩୯.୭୩ କୋଟି) ପୁରସ୍କାର ପାଇବ । ଯାହାକି ୨୦୨୩ ପୁରୁଷ ବିଶ୍ୱକପ୍ ଚାମ୍ପିଅନ ରାଶି ତୁଳନାରେ ଅଧିକ । ୨୦୨୩ରେ ବିଶ୍ୱକପ୍ ଜିତିଥିବା ଅଷ୍ଟ୍ରେଲିଆ ଦଳ ୪ ମିଲିୟନ ଡଲାର ଅର୍ଥରାଶି ପାଇଥିଲା ।

## ହରମନପ୍ରୀତ୍‌ଙ୍କ ପଞ୍ଚମ ବିଶ୍ୱକପ୍

ଘରୋଇ ଭାରତୀୟ ଦଳ ହରମନପ୍ରୀତ୍ କୌରଙ୍କ ନେତୃତ୍ୱରେ ଏଥର ବିଶ୍ୱକପ୍ ଖେଳିବ । ଘୋଷିତ ୧୫ ଜଣିଆ ଦଳରେ ସ୍ମୃତି ମନ୍ଧାନାଙ୍କୁ ଉପ-ଅଧିନାୟିକା ଦାୟିତ୍ୱ ପ୍ରଦାନ କରାଯାଇଛି । ସେହିଭଳି ଦଳରେ ଉମା ଛେତ୍ରୀ ଓ ରିଚା ଘୋଷ ୱିକେଟ୍‌କିପର ଭାବେ ସ୍ଥାନ ପାଇଛନ୍ତି । ବ୍ୟାଟିଂ ଲାଇନଅପ୍‌ରେ ହରମନପ୍ରୀତ୍ ଓ ମନ୍ଧାନାଙ୍କ ସହ ପ୍ରତୀକା ରାୱଲ, ହର୍ଲିନ ଦେଓଲ, ଜେମିମା ରୋଡ୍ରିଗ୍ସେଜ ରହିଛନ୍ତି । ଦୀପ୍ତି ଶର୍ମା, ସ୍ନେହ ରାଣା ଓ ରାଧା ଯାଦବ ସ୍ପିନ ଭାର ସମ୍ଭାଳିବେ । ସେହିଭଳି ରେଣୁକା ସିଂ ଠାକୁର, ଅରୁନ୍ଧତୀ ରେଡ୍ଡୀ, ଅମନଜୋତ୍ କୌର ଓ ଶ୍ରୀ ଚରଣି ଦ୍ରୁତ ବୋଲର ଭାବେ ସ୍ଥାନ ପାଇଛନ୍ତି । ଭାରତୀୟ ଦଳର ଅଧିନାୟକ ହରମନପ୍ରୀତ୍‌ଙ୍କ ଏହା ୫ମ ଦିନିକିଆ ବିଶ୍ୱକପ୍ ।.

### ଭାରତୀୟ ଦଳର କାର୍ଯ୍ୟସୂଚୀ

୩୦ ।୯: ଭାରତ-ଶ୍ରୀଲଙ୍କା, ଗୌହାଟୀ
୫ ।୧୦: ଭାରତ-ପାକିସ୍ତାନ, କଲମ୍ବୋ
୯ ।୧୦: ଭାରତ-ଦକ୍ଷିଣ ଆଫ୍ରିକା, ବିଶାଖାପାଟଣା
୧୨ ।୧୦: ଭାରତ-ଅଷ୍ଟ୍ରେଲିଆ, ବିଶାଖାପାଟଣା
୧୯ ।୧୦: ଭାରତ-ଇଂଲଣ୍ଡ, ଇନ୍ଦୋର
୨୩ ।୧୦: ଭାରତ-ନ୍ୟୁଜିଲାଣ୍ଡ, ନଭି ମୁମ୍ବାଇ
୨୬ ।୧୦: ଭାରତ-ବାଂଲାଦେଶ, ନଭି ମୁମ୍ବାଇ

ବି.ଦ୍ର.: ଭାରତ ଏହାର ସମସ୍ତ ମ୍ୟାଚ୍ ଅପରାହ୍ଣ ୩ଟାରେ ଖେଳିବ ।
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

■ କଳିଙ୍ଗରେ ଏସୀୟ ଟିମ୍ ଟିଟି ଚାମ୍ପିଅନସିପ୍

## ଶରତ କମଲ ବ୍ରାଣ୍ଡ ଆମ୍ବାସାଡର



ଭୁବନେଶ୍ୱର,୨୯।୯ (ସମିସ): ଭାରତର କିମ୍ବଦନ୍ତୀ ଟେନିସ ଖେଳାଳି ଏସ୍ ଶରତ କମଲଙ୍କୁ କଳିଙ୍ଗ ଷ୍ଟାଡିୟମ୍‌ରେ ଅକ୍ଟୋବର ୧୧ରୁ ୧୫ ଯାଏ ଖେଳାଯିବାକୁ ଥିବା ଏସୀୟ ଟିଟି ଚାମ୍ପିଅନସିପ୍ ଲାଗି ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତି ମିଳିଛି । ଏହି ଟୁର୍ଣ୍ଣାମେଣ୍ଟରେ ଏସିଆର ୨୨ଟି ଦେଶ ଅଂଶଗ୍ରହଣ କରୁଛନ୍ତି ଓ ଏଥିରୁ ଲଣ୍ଡନରେ ହେବାକୁ ଥିବା ୨୦୨୬ ୱାର୍ଲ୍ଡ ଟିମ୍ ଟେନିସ ଚାମ୍ପିଅନସିପ୍ ଲାଗି ଯୋଗ୍ୟତା ଅର୍ଜନ କରିବେ । ପ୍ରଥମଥର ଓଡ଼ିଶାରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଥିବାରୁ ଏବଂ ଶରତ କମଲ ଏଥିରେ ଆମ୍ବାସାଡର ହୋଇଥିବାରୁ ଏହା ଖେଳାଳିଙ୍କ ଲାଗି ପ୍ରେରଣା ଯୋଗାଇବ । ଅକ୍ଟୋବର ୯ ରେ ଶରତ କମଲ ଓଡ଼ିଶାରେ ପହଞ୍ଚିବେ ।

## ସୁଟିଂ ବିଶ୍ୱକପ୍: ଭାରତର କ୍ଲିନସୁଇପ୍

ନୂଆଦିଲ୍ଲୀ, ୨୯ ।୯ (ଏଜେନ୍ସି): ସ୍ଥାନୀୟ ଡ. କର୍ନି ସିଂ ରେଞ୍ଜରେ ଚାଲିଥିବା ଜୁନିଅର ସୁଟିଂ ବିଶ୍ୱକପ୍‌ରେ ସୋମବାର ଅନୁଷ୍ଠିତ ମହିଳା ୧୦ ମିଟର ଏୟାର ରାଇଫଲ୍ ଇଭେଣ୍ଟରେ ଭାରତ ପଦକ କ୍ଲିନସୁଇପ୍ କରିନେଇଛି । ଏହି ଇଭେଣ୍ଟରେ ଭାରତର ୩ ସୁଟର୍ ଓଜସ୍ୱୀ ଠାକୁର, ହୃଦ୍ୟା ଶ୍ରୀ ଓ ସମ୍ଭାବୀ କ୍ଷୀରସାଗର ଯଥାକ୍ରମେ ପୋଡିୟମର ପ୍ରଥମ ୩ଟି ସ୍ଥାନରେ ରହି ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି । ହୃଦ୍ୟା ଶ୍ରୀ'ଙ୍କଠାରୁ ମାତ୍ର ୨.୫ ପଏଣ୍ଟ ଅଧିକ ସ୍କୋର କରି ୧୬ ବର୍ଷୀୟା ଓଜସ୍ୱୀ ସ୍ୱର୍ଣ୍ଣପଦକ ବାଜିମାତ୍ କରିନେଇଥିଲେ । ଅପରପକ୍ଷରେ ୨୫ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଭାରତର ମୁକେଶ ନେଲାଭାଲ୍ଲି ରୌପ୍ୟ ପଦକ ସଫଳତା ପାଇଛନ୍ତି । ଏଥିସହ ବିଶ୍ୱକପ୍‌ର ୪ର୍ଥ ଦିବସ ଶେଷ ସୁଦ୍ଧା ଭାରତ ୬ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୬ କାଂସ୍ୟ ସହ ମୋଟ୍ ୨୦ ପଦକ ଜିତି ଟେବଲ୍‌ର ଶୀର୍ଷରେ ରହିଛି ।

## ଭାରତ ସିରିଜ୍‌ରୁ ଯୋଶେଫ୍ ଆଉଟ୍

ନୂଆଦିଲ୍ଲୀ,୨୯।୯ (ଏଜେନ୍ସି): ଭାରତ ଗସ୍ତରେ ଆସିବାକୁ ମନୋନୀତ ହୋଇଥିବା ୱେଷ୍ଟଇଣ୍ଡିଜ୍‌ର ଫାଷ୍ଟ ବୋଲର ଆଲଜରି ଯୋଶେଫ ଆହତ ହୋଇ ଦଳରୁ ବାଦ୍ ପଡ଼ିଛନ୍ତି । ତାଙ୍କ ପିଠିରେ ଆଘାତ ଲାଗିଥିବା କଥା ୱେଷ୍ଟଇଣ୍ଡିଜ୍ କ୍ରିକେଟ ବୋର୍ଡ ପକ୍ଷରୁ ଘୋଷଣା କରାଯାଇଛି । ତାଙ୍କ ସ୍ଥାନରେ ଜେଡିଆ ବ୍ଲେଡ୍‌ସଙ୍କୁ ସାମିଲ କରାଯାଇଛି । ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଅହମ୍ମଦାବାଦ୍‌ରେ ଅକ୍ଟୋବର ୨ରୁ ଆରମ୍ଭ ହେବ ।

# ଟ୍ରଫି ନେଇ ପଳାଇଲେ ପିସିବି ଅଧ୍ୟକ୍ଷ ମୋହସିନ

ଏସିଆ କପ୍ କ୍ରିକେଟ



ବିନା ଟ୍ରଫିରେ ସେଲିବ୍ରେସନ କରୁଛନ୍ତି ଭାରତୀୟ ଖେଳାଳି

ଦୁବାଇ,୨୯।୯ (ଏଜେନ୍ସି): ଏଠାରେ ରବିବାର ଅନୁଷ୍ଠିତ ଏସିଆ କପ୍ ଟି-୨୦ ଫାଇନାଲରେ ନାଟକ, ରୋମାଞ୍ଚ, ବିବାଦ ଓ ଅସହିଷ୍ଣୁତାର ଝଲକ ଦେଖିବାକୁ ମିଳିଛି । ଭାରତ ଓ ପାକିସ୍ତାନ ପରସ୍ପର ସହ ଭଲ ସମ୍ପର୍କ ନ ଥିବାରୁ କରମର୍ଦ୍ଦନ ନ କରିବାକୁ ନେଇ ଆରମ୍ଭ ହୋଇଥିବା ବିବାଦ ଶେଷରେ ଭାରତୀୟ ଦଳକୁ ଟ୍ରଫି ହାତେଇବାରେ ଅସମର୍ଥ ହୋଇଛି । ଏଠାରେ ଅନୁଷ୍ଠିତ ରୋମାଞ୍ଚକ ଫାଇନାଲରେ ପାକିସ୍ତାନକୁ ୫ ୱିକେଟରେ ହରାଇ ଭାରତ ୯ମଥର ଏସିଆ କପ୍ ଚାମ୍ପିଅନ ହୋଇଥିଲା । ପଡ଼ିଆ ବାହାର ଓ ଭିତରର ବିବାଦକୁ ନେଇ ବେଶ ଖରାପ ସ୍ଥିତି ସୃଷ୍ଟି କରିଛି । ଏଭଳି ସ୍ଥିତିରେ କ୍ରିକେଟ ଯେ ତାହାର ସ୍ଥିତି ହରାଇଛି ଏହା ନିଃସନ୍ଦେହରେ କୁହାଯାଇପାରେ ।

ରୋମାଞ୍ଚରେ ଭରା ଫାଇନାଲରେ ଭାରତ ଚାମ୍ପିଅନ ହେବା ପରେ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହେବାର କଥା । ଏହି ଉତ୍ସବରେ ଅତିଥିଭାବେ ଥିବା ପାକିସ୍ତାନର ଗୃହମନ୍ତ୍ରୀ, ଯିଏକି ଏସୀୟ କ୍ରିକେଟ ବୋର୍ଡର ସଦସ୍ୟ ଅଛନ୍ତି ଷ୍ଟେଜ୍‌କୁ ଆଗୁଆ ଆସିଥିଲେ । କିନ୍ତୁ ପାକିସ୍ତାନୀ ଖେଳାଳିମାନେ ବିଳମ୍ବରେ ଆସିଲେ । ମୋହସିନ ନକ୍‌ଭୀ ଟ୍ରଫି ପ୍ରଦାନ କରିବେ ବୋଲି କାର୍ଯ୍ୟକ୍ରମରେ ରହିଥିଲା । ଏ କଥା ଭାରତୀୟ ଖେଳାଳିମାନେ ଜାଣିବା ପରେ ତାଙ୍କ ହାତରୁ ଟ୍ରଫି ଗ୍ରହଣ କରିବେ ନାହିଁ ବୋଲି ସ୍ପଷ୍ଟ ମନା କରିଦେଇଥିଲେ । କିଛି ସମୟ ପଡ଼ିଆରେ ଅପେକ୍ଷା କରିବା ପରେ ୟୁଏଇ କ୍ରିକେଟ ବୋର୍ଡର ଉପାଧ୍ୟକ୍ଷ ଟ୍ରଫି ପ୍ରଦାନ କରିବେ ବୋଲି ସ୍ଥିର ହୋଇଥିଲା । କିନ୍ତୁ ଟ୍ରଫି ପ୍ରଦାନ କରିବାକୁ ଜିଦ୍ କରୁଥିବା ମୋହସିନ ନକ୍‌ଭୀ ଏହାକୁ ଅସ୍ୱୀକାର କରିବା ସହ ଟ୍ରଫି ଓ ଭାରତୀୟ ଖେଳାଳିଙ୍କୁ ଦିଆଯିବାକୁ ଥିବା ପଦକ ନେଇ ହୋଟେଲ ପଳାଇଥିଲେ । ଫଳରେ ଚାମ୍ପିଅନ ହୋଇଥିବା ଭାରତୀୟ ଦଳକୁ ଆଉ ଟ୍ରଫି ମିଳି ପାରି ନ ଥିଲା । ଏହା ପୂର୍ବରୁ ପାକିସ୍ତାନ ଖେଳାଳିମାନେ ରର୍ନ ଅପ୍ ପୁରସ୍କାର ଗ୍ରହଣ କରିଥିଲେ । କିନ୍ତୁ ଘଟଣାକ୍ରମରେ ପାକିସ୍ତାନୀ ଅଧିନାୟକ ଏତେ କ୍ଷୁବ୍ଧ ହୋଇଥିଲେ ଯେ ପୁରସ୍କାର ରାଶି ଦିଆଯାଇଥିବା ଚେକ୍‌କୁ ପଡ଼ିଆରେ ଫିଙ୍ଗି ଚାଲିଯାଇଥିଲେ । ଏଭଳି ଘଟଣା ଏସିଆ କପ୍ ଫାଇନାଲର ରୋମାଞ୍ଚକୁ କମାଇ ଦେଇଥିଲା ।

ଟ୍ରଫି ଦିଆ ନ ଯିବାକୁ ଘଟଣାକୁ ଭାରତୀୟ କ୍ରିକେଟ ବୋର୍ଡ, ଖେଳାଳି ଓ ସମର୍ଥକ ଦୃଢ଼ ବିରୋଧ କରିଛନ୍ତି । ଟ୍ରଫି ଦିଆଯାଇ ନ ଥିବାରୁ ଏହା ବିରୋଧରେ ଆଇସିସି ନିକଟରେ ଅଭିଯୋଗ କରିବ ବୋଲି ବିସିସିଆଇର ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି । ସେହିପରି ଲୋକଙ୍କ ହୃଦୟ ଓ ସମର୍ଥକଙ୍କ ଭରସା ଜିତିବା ଆମର ଅସଲ ଟ୍ରଫି ବୋଲି ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ କହିଛନ୍ତି । ସମର୍ଥକ ମାନେ ପିସିବି ସଭାପତି ମୋହସିନ ନକ୍‌ଭୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ସେ ଯାହା ହେଉ କ୍ରିକେଟ ପଡ଼ିଆ ବାହାରର ଘଟଣାବଳୀକୁ ନେଇ ଏଭଳି ବିବାଦ ପୂର୍ବରୁ କେବେ ସୃଷ୍ଟି ହୋଇ ନ ଥିଲା । ଭଦ୍ରଲୋକଙ୍କ ଖେଳ ଭାବେ ବିବେଚିତ ଏହି ଘଟଣାକୁ ନେଇ କଳଙ୍କିତ ହୋଇଯାଇଛି ।


# ଆନ୍ତର୍ଜାତିକ କ୍ରିକେଟ୍‌ରୁ ୱକ୍ସଙ୍କ ଅବସର



ଲଣ୍ଡନ, ୨୯ ।୯ (ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟରୁ ଇଂଲଣ୍ଡର ବରିଷ୍ଠ ପେସ୍ ବୋଲିଂ ଅଲ୍‌ରାଉଣ୍ଡର କ୍ରିସ୍ ୱକ୍ସ ଆନ୍ତର୍ଜାତିକ କ୍ରିକେଟ୍‌ରୁ ଅବସର ନେଇଛନ୍ତି । ଏହା ଫଳରେ ତାଙ୍କ ୧୪ ବର୍ଷର ସଫଳ ଆନ୍ତର୍ଜାତିକ କ୍ରିକେଟ୍ ଜୀବନର ଅନ୍ତଃ ଘଟିଛି । ଗତ ସପ୍ତାହରେ ଆସେସ୍ ଶୃଙ୍ଖଳା ପାଇଁ ଇଂଲଣ୍ଡ ଦଳ ଘୋଷଣା କରା ଯାଇଥିବା ବେଳେ ସମ୍ପୂର୍ଣ୍ଣ ସୁସ୍ଥ ନ ଥିବାରୁ ୱକ୍ସଙ୍କୁ ଏଥିରେ ସ୍ଥାନ ମିଳିନଥିଲା । ତେଣୁ ନିରାଶ ହୋଇ ୩୬ ବର୍ଷ ବୟସ୍କ ୱକ୍ସ ଅବସର ନେଇଛନ୍ତି ବୋଲି ଅନୁମାନ କରାଯାଉଛି । ଭାରତ ବିପକ୍ଷ ୫ମ ଟେଷ୍ଟମ୍ୟାଚ୍‌ରେ ଫିଲ୍ଡିଂ ବେଳେ ୱକ୍ସଙ୍କ କାନ୍ଧ ହାଡ଼ ଖସି ଯାଇଥିଲା । ତାଙ୍କ ବାମ ହାତ ବନ୍ଧା ଯାଇଥିବା ବେଳେ ଗୋଟିଏ ହାତରେ ବ୍ୟାଟିଂ କରିବାକୁ ଆସିଥିଲେ । ଏହା ୱକ୍ସଙ୍କ ଅନ୍ତିମ ଆନ୍ତର୍ଜାତିକ ପଦାର୍ପଣ ଥିଲା । କ୍ରିସ୍ ୱକ୍ସ ୨ଟି ବିଶ୍ୱକପ୍ ଜିତିଥିବା ଇଂଲଣ୍ଡ ଦଳର ସଦସ୍ୟ ଥିଲେ । ୨୦୧୧ରେ ଦିନିକିଆ ଓ ଟ୍ୱେଣ୍ଟି୨୦ ପଦାର୍ପଣ କରିଥିବା ୱକ୍ସ ୨୦୧୩ ଆସେସ୍ ଗସ୍ତରେ ଓଭାଲ୍‌ରେ ଟେଷ୍ଟ ପଦାର୍ପଣ କରିଥିଲେ । ଏହା ପରଠାରୁ ସେ ୬୨ଟି ଟେଷ୍ଟମ୍ୟାଚ୍ ଖେଳି ୧୯୨ଟି ୱିକେଟ୍ ଏବଂ ଗୋଟିଏ ଶତକ ଓ ୭ଟି ଅର୍ଦ୍ଧଶତକ ସହ ୨୦୩୪ ରନ୍ କରିଛନ୍ତି । ବଲ୍‌କୁ ସ୍ୱିଙ୍ଗ୍ କରିବାରେ ସିଦ୍ଧହସ୍ତ କ୍ରିସ୍ ୱକ୍ସ ୧୨୨ଟି ଟେଷ୍ଟରୁ ୧୭୩ଟି ୱିକେଟ୍ ନେଇଛନ୍ତି । ଏହାସହ ସେ ୫ଟି ଅର୍ଦ୍ଧଶତକ ସହ ୧୫୨୬ ରନ୍ କରିଛନ୍ତି । ୩ଟି ଟ୍ୱେଣ୍ଟି୨୦ ମ୍ୟାଚ୍‌ରୁ ୱକ୍ସ ୩୧ଟି ୱିକେଟ୍ ନେଇଛନ୍ତି । ମୋଟ୍‌ଉପରେ ଇଂଲଣ୍ଡ ପାଇଁ ୱକ୍ସ ୩୯୬ଟି ଆନ୍ତର୍ଜାତିକ ୱିକେଟ୍ ନେଇଛନ୍ତି । ୨୦୧୬ରେ ଶ୍ରୀଲଙ୍କା ଓ ପାକିସ୍ତାନ ବିପକ୍ଷରେ ୬ଟି ଟେଷ୍ଟରୁ ମୋଟ ୩୪ଟି ୱିକେଟ୍ ନେଇଥିଲେ । ୨ ବର୍ଷ ପରେ ଭାରତ ବିପକ୍ଷ ଟେଷ୍ଟମ୍ୟାଚ୍‌ରେ ସେ ଏକମାତ୍ର ଶତକ ହାସଲ କରିଥିଲେ । ଜେମ୍‌ସ ଆଣ୍ଡରସନ୍ ଓ ଷ୍ଟୁଆର୍ଟ ବ୍ରଡ୍‌ଙ୍କ ଅବସର ପରେ ୱକ୍ସ ଇଂଲଣ୍ଡର ପେସ୍ ଆକ୍ରମଣର ନେତୃତ୍ୱ ନେଇଥିଲେ । ୨୦୨୩ ଆସେସ୍ ଗସ୍ତରେ ଇଂଲଣ୍ଡ ୦-୨ରେ ପଛୁଆ ଥିବା ବେଳେ ଅଧାରୁ ୱକ୍ସ ଦଳରେ ଯୋଗଦେଇ ଶୃଙ୍ଖଳା ଡ୍ର ରଖିବାରେ ଇଂଲଣ୍ଡକୁ ସହାୟତା କରିଥିଲେ ।

ଚାମ୍ପିଅନସିପ୍ ସିରିଜ୍-୩ ଟେନିସ

## ସୁତବ୍ୟ କର୍ମକାର ଚାମ୍ପିଅନ



ଭୁବନେଶ୍ୱର,୨୯।୯ (ସମିସ): ଓଡ଼ିଶାର ସୁତବ୍ୟ କର୍ମକାର ଏଆଇଟିଏ-ଓଟିଏ ୧୮ ବର୍ଷରୁ କମ୍ ଚାମ୍ପିଅନସିପ୍ ସିରିଜ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି । ମିସନ ଅଲିମ୍ପିକ୍ସ ସ୍ପୋର୍ଟ୍ସ ଫାଉଣ୍ଡେସନ ଆନୁକୂଲ୍ୟରେ ମେଣ୍ଟାଶାଳସ୍ଥିତ ଗୁରୁକୂଳ ଟେନିସ ଏକାଡେମୀ ପରିସରରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା । ଏହି ପ୍ରତିଯୋଗିତାର ଫାଇନାଲ ମୁକାବିଲାରେ ସୁତବ୍ୟ ୨-୦ ସେଟ୍‌ରେ ଝାଡଖଣ୍ଡର ସଫଳ ଆଗମନଙ୍କୁ ପରାସ୍ତ କରିଥିଲେ । ଏହା ସହ ଗୁରୁକୂଳ ଏକାଡେମୀରେ ଆଉଏକ ଟେନିସ ଟୁର୍ଣ୍ଣାମେଣ୍ଟ ସଫଳତାର ସହ ଆୟୋଜିତ ହୋଇଯାଇଛି ।

### ରାଜମାତା ଜିଜାବାଈ ଟ୍ରଫି

# ପ୍ୟାରୀଙ୍କୁ ରାଜ୍ୟ ମହିଳା ଫୁଟବଲ୍ ଦଳର ନେତୃତ୍ୱ



କଟକ,୨୯।୯ (ସମିସ): ଛତିଶଗଡର ନାରାୟଣପୁରରେ ଅକ୍ଟୋବର ପହିଲାରୁ ୩୦ତମ ବରିଷ୍ଠ ମହିଳା ଜାତୀୟ ଫୁଟବଲ ଚାମ୍ପିଅନସିପ୍ ରାଜମାତା ଜିଜାବାଈ ଟ୍ରଫି ଆରମ୍ଭ ହେବ । ଏଥି ନିମନ୍ତେ ଆଜି ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ରାଜ୍ୟ ଦଳ ଘୋଷଣା କରାଯାଇଛି । ପ୍ୟାରୀ ଖାଖାଙ୍କ ନେତୃତ୍ୱରେ ଘୋଷିତ ରାଜ୍ୟ ଦଳରେ ସସ୍ମିତା ପରିଡା, ସୁସ୍ମିତା ପୁନ୍, ସାକ୍ରୋ ହେମ୍ବ୍ରମ, ଅମ୍ମୃତା ନାୟକ, ଜୁଲି କିଶାନ, ଶିବାନୀ ମୁଣ୍ଡାରୀ, ପ୍ରତିମା ବଙ୍ଗଲ, ପ୍ରଜ୍ଞା କିଶାନ, ସୁଲେଖା କହଁର, ଶୀଲା ସିଂହ, ଇସ୍ମିତା ରାଉତ, ମୁନିକା ମିଞ୍ଜ, ଜାହ୍ନବୀ କିଶାନ, ସୁମିତ୍ରା ହେମ୍ବ୍ରମ, ନିବେଦିତା ନାୟକ, ମନୀଷା ନାୟକ, ମାଳତୀ ମୁଣ୍ଡା, ସତ୍ୟବତି ଖାଡିଆ, ଯଶୋଦା ମୁଣ୍ଡା ସ୍ଥାନ ପାଇଛନ୍ତି । ଗୀତାଞ୍ଜଳୀ ଖୁଣ୍ଟିଆ ମୁଖ୍ୟକୋଚ୍, ଗାୟତ୍ରୀ ମଲ୍ଲିକ ସହକାରୀ କୋଚ୍, ସରିତା ଜୟନ୍ତୀ ବେହେରା-ସହକାରୀ କୋଚ୍/ ମ୍ୟାନେଜର, ରଞ୍ଜିତା ମହାନ୍ତି-ୱିକେଟ କିପର କୋଚ୍, ଲୋପାମୁଦ୍ରା ମହାରାଜ ଫିଜିଓ ଭାବେ ଦଳରେ ରହିଛନ୍ତି । ଗ୍ରୁପ-ଏରେ ସ୍ଥାନ ପାଇଥିବା ଆରକେଏମ୍ ଆଶ୍ରମ ଗ୍ରାଉଣ୍ଡରେ ଓଡ଼ିଶା ୩ ତାରିଖରେ ପଶ୍ଚିମବଙ୍ଗ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବ ।

### ଜାତୀୟ ଓପନ୍ ଆଥଲେଟିକ୍ ଚାମ୍ପିଅନସିପ୍

# ଓଡ଼ିଶାକୁ ୧ ରୌପ୍ୟ, ୨ କାଂସ୍ୟ

କଟକ,୨୯।୯ (ସମିସ)



ଝାଡଖଣ୍ଡର ରାଞ୍ଚିରେ ୬୪ତମ ଓପନ୍ ଆଥଲେଟିକ ଚାମ୍ପିଅନସିପ୍ ଖେଳାଯାଉଛି । ପ୍ରତିଯୋଗିତାର ୩ୟ ଦିବସରେ ଓଡ଼ିଶା ତିନୋଟି ପଦକ ହାତେଇଛି । ପୁରୁଷ ୪ ଗୁଣା ୧୦୦ ମିଟର ରିଲେରେ ଓଡ଼ିଆ ଦଳ କାଂସ୍ୟ ଜିତିଥିଲା । ଡିଏମ ଜୟରାମ, ସରୁଣ ପାୟାସିଂହ, ଅବିନାଶ ସାହୁ ଓ ଅମୀୟ କୁମାର ମଲ୍ଲିକଙ୍କୁ ନେଇ ଗଠିତ ଓଡ଼ିଶା ରିଲେ ଦଳ ୩୯.୮୯ ସେକେଣ୍ଡରେ ହିଟ୍ ଶେଷ କରି ୩ୟ ସ୍ଥାନରେ ରହିଥିଲା । ଏହି ଇଭେଣ୍ଟରେ ଭାରତୀୟ ରେଳବାଇ ଦଳ (୩୯.୪୪) ଏବଂ ସର୍ଭିସେସ୍ (୩୯.୮୧ ସେକେଣ୍ଡ) ଯଥାକ୍ରମେ ସ୍ୱର୍ଣ୍ଣ ଏବଂ ରୌପ୍ୟ ବିଜୟୀ ହୋଇଛନ୍ତି । ହାଇଜମ୍ପରେ ଓଡ଼ିଶା ନିମନ୍ତେ ଦ୍ୱିତୀୟ କାଂସ୍ୟ ପଦକ ଜିତିଛନ୍ତି ସ୍ୱାଧୀନ କୁମାର ମାଝୀ । ଫାଇନାଲ ଇଭେଣ୍ଟରେ ୨.୧୪ ମିଟର ଉଚ୍ଚତା ଲମ୍ଫ ମାରି ୩ୟ ସ୍ଥାନରେ ରହି ସ୍ୱାଧୀନ କାଂସ୍ୟ ଜିତିଥିଲେ । ହାଇଜମ୍ପରେ ରେଳବାଇର ଦୁଇ ପ୍ରତିଯୋଗୀ ରୋହିତ ଓ ରାମ ଯଥାକ୍ରମେ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ପୁରୁଷ ଲଙ୍ଗଜମ୍ପରେ ଓଡ଼ିଶା ରୌପ୍ୟ ପଦକ ଜିତିଛି । ଫାଇନାଲ ରାଉଣ୍ଡରେ ୭.୭୭ ମିଟର ଲମ୍ଫ ମାରି ଓଡ଼ିଶାର ସରୁଣ ପାୟାସିଂହ ରାଜ୍ୟ ନିମନ୍ତେ ଏହି ସଫଳତା ଆଣିଛନ୍ତି । ହରିୟାଣାର ମହମ୍ମଦ ସାଜିଦ୍ ୭.୭୮ ମିଟର ଡେଇଁ ସ୍ୱର୍ଣ୍ଣ ଜିତିଥିବା ବେଳେ ରେଳବାଇର ଭୂପେନ୍ଦ୍ର ସିଂହ ୭.୫୮ ମିଟର ଡେଇଁ କାଂସ୍ୟ ପଦକ ପଦକ ବିଜୟୀ ହୋଇଥିଲେ । ଓଡ଼ିଶା ଆଥଲେଟିକ ସଂଘ ସମ୍ପାଦକ ଅଭିଜିତ ପାଲ, ସଭାପତି ଜିଏସ୍ ପଟ୍ଟନାୟକ, ଅଧ୍ୟକ୍ଷ ଆଶୀର୍ବାଦ ବେହେରା ପଦକ ବିଜୟୀ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପ୍ରକାଶଯୋଗ୍ୟ, ୨୭ ତାରିଖରୁ ଆରମ୍ଭ ହୋଇଥିବା ଏହି ଚାମ୍ପିଅନସିପ୍ ମଙ୍ଗଳବାର ଉଦ୍‌ଯାପିତ ହେବ । ଓଡ଼ିଶାର ୧୩ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଛନ୍ତି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS